

ଓଡ଼ିଶା ବିକାଶର କର୍ଣ୍ଣଧାର ଓ 5T ସଚିବ

ଭି.କେ.ପାଣ୍ଡିଆନ୍

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

RNI Regd No : ODIODI/2016/74122

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ଜଗତସିଂହପୁର ଜିଲ୍ଲାର ସମ୍ମାନ, ଗର୍ବ ଓ ଗୌରବ

IAS COLLECTOR



PARUL PATAWARI

| Vol.6 | Issue- 08 | August 01 to 7, 2022, | Jagatsinghpur, | Page-8 | Rs. 5/- |
|---|---|---|---|---|---|
| ବର୍ଷ-୬ | ସଂଖ୍ୟା- ୦୮ | ଅଗଷ୍ଟ ୧ ରୁ ୭, ୨୦୨୨, | ଜଗତସିଂହପୁର, | ପୃଷ୍ଠା-୮ | ମୂଲ୍ୟ-୫ଟଙ୍କା |


## ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ, ସଚିବ ପି.କେ.ଜେନା ଓ EIC ପ୍ରଦୀପ ସାମଲ ଦାୟିତ୍ୱରେ

# ଜଗତସିଂହପୁର RDର ୭ କୋଟି ଟଙ୍କା ବରବାଦ୍ !

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-**

ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୫ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାଟି ୫ ମାସ ଗଲା ନାହିଁ। ଏଭଳି ଏକ ଦୁଃଖଦ ଖବର ୩୧ତାରିଖ ଦିନ ବହୁଳ ପ୍ରସାରିତ ମୁଦ୍ରିତ ଗଣମାଧମରେ ପ୍ରକାଶ ପାଇଥିବାକୁ ସମଗ୍ର ଜିଲ୍ଲାରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି। ବିଭିନ୍ନ ଅଭିଯୋଗମାନ ହେଉଛି। ଦୁଃସାହସିକ ଯନ୍ତ୍ରୀ ଓ ଠିକାଦାରଙ୍କ ସମାସୁତୁରାରେ ଏଭଳି ଅତି ନିମ୍ନମାନର ରାସ୍ତା କାମ କରି ସରକାରଙ୍କର ୭ କୋଟି ଟଙ୍କା ବରବାଦ୍ କରାଯାଇଥିବା ଅଭିଯୋଗ ହେଉଛି। ପ୍ରାରମ୍ଭିକ ସ୍ତରରେ ୫ କୋଟି ୧୫ଲକ୍ଷ ଟଙ୍କା ବ୍ୟୟ ଅଟକଳ ପରବର୍ତ୍ତୀ ପର୍ଯ୍ୟାରେ କୁଆଡେ ୭ କୋଟି ଟଙ୍କାକୁ ବୃଦ୍ଧି ପାଇ ବ୍ୟୟ ହୋଇଥିବା ଆଲୋଚନା ହେଉଛି। ନୂତନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡାଇ ସଦ୍ୟ ମନ୍ତ୍ରୀମଣ୍ଡଳ ତାଲିକାରେ ସ୍ଥାନ ପାଇଥିବା ବେଳେ ତାଙ୍କର ବିଶେଷ କିଛି ରୋଲ୍ ନଥିବା କୁହାଯାଉଛି। ଅନ୍ୟପକ୍ଷରେ ଜଣେ ଦକ୍ଷ ଆଇଏଏସ୍ ଅଫିସର ସୁପ୍ରଶାସକ, ରାଜ୍ୟ ସରକାରଙ୍କ ଅଧିନରେ ଜଣେ ସୁନାମଧନ୍ୟ ଆଇଏଏସ୍ ଅଫିସର୍ ପ୍ରଦୀପ କୁମାର ଜେନା ସଚିବ ଦାୟିତ୍ୱରେ ରହିଥିବା ସମୟରେ ତାଙ୍କ ସାଙ୍ଗକୁ



ଜଣେ ସର୍ବୋଚ୍ଚ ଯନ୍ତ୍ରୀ ପ୍ରଦୀପ ସାମଲ ରହିଛନ୍ତି। ଏପରି କିପରି ସାହାସ କଲେ ସଂପୃକ୍ତ ଯନ୍ତ୍ରୀ ଓ ଠିକାଦାର ବୋଲି ଆଲୋଚନା ହେଉଛି। ସମ୍ମାନୀୟ ମନ୍ତ୍ରୀ, ସଚିବ ଓ ଇଆଇସିଙ୍କୁ ସମଗ୍ର ଜଗତସିଂହପୁର ଜିଲ୍ଲାବାସୀଙ୍କ ପକ୍ଷରୁ ଅନୁରୋଧ କରାଯାଇ ଏପରି ଗୁରୁତର ଅଭିଯୋଗର ତଦନ୍ତ କରାଯିବା



ଆବଶ୍ୟକ ରହିଛି। ପ୍ରକାଶିତ ଖବରରୁ ଯାହା ଜଣାଯାଏ ରଘୁନାଥପୁର ବ୍ଲକ୍ ଅଧିନ ବର୍ତ୍ତୀ-ପଳାଶୋଳ ରାସ୍ତାରେ ପୁନଃନିର୍ମାଣ କାର୍ଯ୍ୟ ଅତିନିମ୍ନମାନର କରାଯାଇଛି। ଏଥି ପାଇଁ ଏ ରାସ୍ତାରେ ଦୈନିକ ଯାଉଥିବା ଶହ ଶହ ଯାନବାହାନ ଏବଂ ଜନସାଧାରଣ ଦୁର୍ଘଟଣାର ଶିକାର ହେଉଛନ୍ତି। କଟକ-ପାରାଦ୍ୱୀପ ରାସ୍ତାର ବର୍ତ୍ତୀଠାରୁ ବାହାରି ପଳାଶୋଳ ସଂଯୋଗ କରୁଥିବା ୧୧ କିମି ରାସ୍ତାଟି ଜଗତସିଂହପୁର ଗ୍ରାମ ଉନ୍ନୟନ ବିଭାଗ ଅଧିନରେ ଥିବା ବେଳେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ୭.୧୧.୨୦୧୬ରେ ପ୍ୟାକେଜ୍ ନଂ-ଓଆର୍-...

(ପୃଷ୍ଠା-୨)



### ୫ କୋଟିରେ ନିର୍ମିତ ରାସ୍ତା ୫ ମାସ ଗଲାନି

ରଘୁନାଥପୁର, ୩୦।୭(ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୫ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରାସ୍ତାଟି ୫ ମାସ ଗଲା ନାହିଁ। ଏହି ନବ ନବନିର୍ମିତ ପିଚୁ ରାସ୍ତାରୁ ଗୋଡି ଉଠିଯାଇ ବଡ ବଡ ଖାଲ ସୃଷ୍ଟି ହୋଇଛି। ଫଳରେ ଏହି ରାସ୍ତାରେ ୩୦ଟି ଗ୍ରାମ ଲୋକ ଯାତାୟତ ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଏହି ବ୍ଲକ ଅଧୀନ ବର୍ତ୍ତି - ପଳାଶୋଳ ରାସ୍ତାର ପୁନଃ ନିର୍ମାଣକାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଇଛି। ଏଥିପାଇଁ ଏହି ରାସ୍ତାରେ ଦୈନିକ ଯାଉଥିବା ଶହ ଶହ ଯାନବାହାନ ଏବଂ ଜନସାଧାରଣ ଦୁର୍ଘଟଣାର ଶିକାର ହେଉଛନ୍ତି। କଟକ-ପାରାଦ୍ୱୀପ ରାଜରାସ୍ତାର ବର୍ତ୍ତି ଠାରୁ ବାହାରି ପଳାଶୋଳକୁ ସଂଯୋଗ କରୁଥିବା ୧୩ କି.ମି ରାସ୍ତାଟି ଜଗତସିଂହପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କ ଅଧୀନରେ ଥିବାବେଳେ ଏହି ରାସ୍ତାକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ୭।୧୧।୨୦୧୬ରେ ପ୍ୟାକେଜ ନଂ ଓଆର -୧୨-୧୦୦ରେ ୫୧୫ଲକ୍ଷ ୬୪ ହଜାର ବ୍ୟୟ ଅଟକଳରେ ଏକ କନଷ୍ଟ୍ରକସନ୍ କମ୍ପାନୀ ଟେଣ୍ଡର ନେଇ ୬।୧୧।୨୦୧୭ରେ କାର୍ଯ୍ୟ ଶେଷ କରିବାର ଥିଲା। ଏତଦ୍‌ଭିନ୍ନ ସଂପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟଶେଷ ତାରିଖ ଠାରୁ ୫ବର୍ଷ ପର୍ଯ୍ୟନ୍ତ ୪୪ଲକ୍ଷ ୪ ହଜାର ଟଙ୍କା ବ୍ୟୟ ଅଟକଳରେ ଏହି କାର୍ଯ୍ୟର ରକ୍ଷଣାବେକ୍ଷଣ କରାଯିବା କଥା। କିନ୍ତୁ ଦୁର୍ଭାଗ୍ୟର ବିଷୟ, କାର୍ଯ୍ୟଶେଷ ହେବା ତାରିଖ ଶେଷ ହୋଇଯାଇଥିଲେ ମଧ୍ୟ ଏହି ରାସ୍ତାର ୭ନଂ କେନାଲ ବନ୍ଧ ଠାରୁ ରେଢୁଆ ହାଟ ପର୍ଯ୍ୟନ୍ତ ମାତ୍ର ୨୫୦ ମିଟର ଏବଂ ରେଢୁଆ ବଣ୍ଡୁଆ ସାହି ଡମ୍ବରୁଧର ସାହୁ ଘର ଠାରୁ ବାରତିରା ଯୋଗେନ୍ଦ୍ର ସ୍ୱାଇଁ ଘର ପର୍ଯ୍ୟନ୍ତ ୨କି.ମି ରାସ୍ତାର କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର। ରାସ୍ତାରୁ ଗୋଡି, ପିଚୁ, ମେଣ୍ଟାଲ ଉଠିଯାଇ ରାସ୍ତାଟି ମରଣଯନ୍ତା ପାଲଟିଛି ବୋଲି ଅଭିଯୋଗ ହୋଇଛି। ଜରୁରୀକାଳୀନ ପରିସ୍ଥିତିରେ ଏହି ରାସ୍ତାରେ ଆମ୍ବୁଲାନ୍ସ କି ଦମକଳ ଯାଇ ପାରୁ ନ ଥିବାରୁ ଅସମୟରେ ବହୁ ଧନ ଜୀବନ ହାନି ହେଉଛି। ଏହି ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ପ୍ରଶାସନ ବାରମ୍ବାର ଦୃଷ୍ଟି ଆକର୍ଷଣ କରି ଆସୁଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆ ଯାଇ ନ ଥିବା ଅଭିଯୋଗକାରୀଙ୍କୁ ଉତ୍କ୍ଷିପ୍ତ କରିଛି। ଯଦି ଏହି ସମସ୍ୟାର ତୁରନ୍ତ ସମାଧାନ କରା ନ ଯାଏ ତେବେ ଆସନ୍ତା ଦିନରେ ଏ ଅଞ୍ଚଳରେ ୫ଟି ପଞ୍ଚାୟତର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

# EICଙ୍କ ଦକ୍ଷତାକୁ ନେଇ ପ୍ରଶ୍ନ ବିଭାଗରେ ଅଫିସର୍ ମରୁଡି

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-**

ରାଜ୍ୟ ଗ୍ରାମ୍ୟ ଉନ୍ନୟନ(RD) ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ(EIC) ଇଂ. ପ୍ରଦୀପ କୁମାର ସାମଲଙ୍କ କ୍ଷମତାକୁ ନେଇ ଜଗତସିଂହପୁର ଠିକାଦାରଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି। ଇଂ. ସାମଲଙ୍କ କ୍ଷମତା ନାହିଁ ଜଗତସିଂହପୁର RD ଡିଭିଜନ୍ ଅଧିନରେ ଖାଲି ପଡିଥିବା ଯନ୍ତ୍ରୀ ପଦବୀକୁ ପୂରଣ କରିବା ଲାଗି ବୋଲି କୁହାଯାଉଛି। ଜଗତସିଂହପୁର ଅଧିନରେ ଥିବା ତିନିଗୋଟି ଡିଭିଜନ୍‌ରେ ସହକାରୀ ନିର୍ବାହୀ ଯନ୍ତ୍ରୀ(SDO) ନାହାଁନ୍ତି। ମାସ ମାସ ଧରି ଉକ୍ତ ପଦବୀ ଖାଲି ପଡିଛି। ଅନ୍ୟପକ୍ଷରେ, ସହକାରୀ ଯନ୍ତ୍ରୀଙ୍କର ଅକାଳ ବିୟୋଗ ଯୋଗୁଁ କେତେକ ପଦବୀ ମଧ୍ୟ ଖାଲି ପଡିଛି। ଯାହାଦ୍ୱାରା ଜଗତସିଂହପୁର ଜିଲ୍ଲାରେ RD ଅଧିନରେ ଥିବା ରାସ୍ତା ଠିକ୍‌ସେ କାମ ହୋଇପାରୁନାହିଁ ବୋଲି ଅଭିଯୋଗ କରୁଛନ୍ତି ଠିକାଦାରମାନେ। RD ଡିଭିଜନ୍‌ରୁ ଖାଲି ପଡିଥିବା ପଦବୀ ପୂରଣ ଲାଗି EICଙ୍କ ନିକଟକୁ ସରକାରୀ ପତ୍ର ଯାଇଥିଲେ ମଧ୍ୟ କାର୍ଯ୍ୟକାରୀ ହୋଇପାରୁନଥିବାରୁ ଇଂ. ସାମଲଙ୍କ କ୍ଷମତାକୁ ନେଇ ଏପରି ଚର୍ଚ୍ଚା ହେଉଛି। ଇଂ. ସାମଲ ଜଣେ ଭଲ ମଣିଷ ଓ ପ୍ରଶାସକ ବୋଲି କୁହାଯାଇ ତାଙ୍କ ହାତରେ କୌଣସି କ୍ଷମତା ନଥିବା ଠିକାଦାରମାନେ ଏପରି ଅଭିଯୋଗ କରୁଛନ୍ତି। କୋଟି କୋଟି ଟଙ୍କା ଡିଭିଜନ୍‌କୁ ଆସୁଥିଲେ ମଧ୍ୟ କାମ କିପରି ହେବ, କିଏ ସେ ଏସବୁ କାମକୁ ତଦାରଖ କରିବ ତାହାକୁ ନେଇ ସାଧାରଣରେ ପ୍ରଶ୍ନ ସୃଷ୍ଟି କରୁଛି ବୋଲି କୁହାଯାଉଛି। ବର୍ତ୍ତମାନ ଗ୍ରାମ ଉନ୍ନୟନ ବିଭାଗର ନୂତନ ମନ୍ତ୍ରୀ ଭାବେ ପ୍ରୀତିରଞ୍ଜନ ଘଡାଇ ରହିଛନ୍ତି। ଆଗାମୀ ଦିନରେ ତାଙ୍କୁ (ମନ୍ତ୍ରୀ) ଅଭିଯୋଗ କରାଯିବ ଏବଂ ତାଙ୍କର କ'ଣ କ୍ଷମତା ଅଛି କି ନାହିଁ ତାହା ଦେଖିବାର ଅଛି ବୋଲି ଠିକାଦାର ଏପରି କହୁଛନ୍ତି। ଏ ସଂକ୍ରାନ୍ତରେ EICଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।



# ସାଂସଦ ମାନସ ମଙ୍ଗରାଜଙ୍କୁ ନୂଆ ଦାୟିତ୍ୱ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-**

ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜଙ୍କୁ ନୂଆ ଦାୟିତ୍ୱ ମିଳିଛି। MPEDA ବା ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷର ସଦସ୍ୟ ଭାବେ ମଙ୍ଗରାଜଙ୍କୁ ନିର୍ବାଚିତ କରାଯାଇଛି। ଏ ନେଇ ରାଜ୍ୟସଭା କମିଟି କୋଅର୍ଡିନେସନ୍ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନିକଟରେ ମାନସ ମଙ୍ଗରାଜ ସାଂସଦ ଭାବେ ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଚଳିତ ଅଧିବେସନରୁ ସେ ସଂସଦରେ ଯୋଗ ଦେଇଛନ୍ତି। ନୂତନ ସାଂସଦ ଭାବେ ସାମୁଦ୍ରିକ ଦ୍ରବ୍ୟ ରପ୍ତାନୀ ଉନ୍ନୟନ କର୍ତ୍ତୃପକ୍ଷର ସଦସ୍ୟ ଭାବେ ନିର୍ବାଚିତ ହେବା ରାଜ୍ୟ ପାଇଁ ଗର୍ବର ବିଷୟ। ନୂତନ ସାଂସଦ ଭାବେ ସଫଳତା ମିଳିଥିବାରୁ ଟୁଇଟ୍ କରି ସାଂସଦ ମାନସ ମଙ୍ଗରାଜ ସୂଚନା ଦେଇଛନ୍ତି। ସାମୁଦ୍ରିକ ଉତ୍ପାଦ ଶିଳ୍ପର ପ୍ରୋତ୍ସାହନ ଦିଗରେ ଚେଷ୍ଟା କରିବି ବୋଲି ମାନସ ମଙ୍ଗରାଜ କହିଛନ୍ତି। ସଫଳତା ପାଇଁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଜଣାଇଛନ୍ତି।



# ଜିଲ୍ଲା ଦାୟିତ୍ୱରେ RDC

## ଜଗତସିଂହପୁର ସହରରେ ମୁଖ୍ୟ ରାସ୍ତା ଜବରଦଖଲ, ଅସ୍ୱାସ୍ଥ୍ୟକର ପରିବେଶରେ "ସନ୍ ହସ୍‌ପିଟାଲ୍", ବେଆଇନ୍ ମଣ୍ଡପ ନିର୍ମାଣ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-**

ଜଗତସିଂହପୁର ଜିଲ୍ଲା ଦାୟିତ୍ୱରେ ରହିଛନ୍ତି ଦକ୍ଷ ପ୍ରଶାସନିକ ଅଧିକାରୀ ତଥା ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ। ଗତ ୧୪ ତାରିଖରେ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଫେରିଯାଇଛନ୍ତି। ପ୍ରକୃତରେ ଜଗତସିଂହପୁର ସହରରେ ଲୋକମାନଙ୍କର ସମସ୍ୟା ସଂପର୍କରେ ପ୍ରାୟ ଅବଗତ ନଥିବା କିମ୍ବା ପ୍ରଶାସନିକ ଅଧିକାରୀମାନେ ତାଙ୍କ ଦୃଷ୍ଟିକୁ ନେଇନଥିବା ଆଲୋଚନା ହେଉଛି। କାରଣ ଜଗତସିଂହପୁର ସହରର ମୁଖ୍ୟ ସରକାରୀ ରାସ୍ତା ଉପରକୁ ମାଡି ବାସଗୃହ ଓ ବ୍ୟବସାୟ ଅନୁଷ୍ଠାନ ଗଢି ଉଠିଥିବାରୁ ଯାନବାହାନ ଚଳାଚଳରେ ବ୍ୟାପକ ବାଧା ସୃଷ୍ଟି ହେଉଛି। ତା ସହିତ ଜଗତସିଂହପୁର ସହରର ତଥା ଡାକ୍ତରଖାନା ସମ୍ମୁଖ ମାର୍କେଟ୍ କମ୍ପ୍ଲେକ୍ସ ମଧ୍ୟରେ ଅସ୍ୱାସ୍ଥ୍ୟକର ପରିବେଶରେ "ସନ୍ ହସ୍‌ପିଟାଲ୍" ଚାଲିଆସୁଥିବା ନେଇ ବହୁ ପୂର୍ବରୁ ଅନେକ ବାର ଅଭିଯୋଗ ଓ ଦୃଷ୍ଟି ଆକର୍ଷଣ କରାଯାଇଆସୁଛି। ଏଥିସହିତ ସହରରେ ବେଆଇନ୍ ଭାବେ ମଣ୍ଡପ ପରେ ମଣ୍ଡପ ନିର୍ମାଣ ଚାଲିଛି। କୌଣସି ମଣ୍ଡପ ସ୍ଥାନୀୟ ପ୍ରଶାସନ ଠାରୁ ଅନୁମତି ଓ ସଠିକ୍ ଗାଇଡ୍‌ଲାଇନ୍‌କୁ ନମାନି ବେଧଡକ ଭାବେ ଚଳାଇ ଆସୁଛନ୍ତି। ବାରମ୍ବାର ଏ ସଂକ୍ରାନ୍ତରେ "ସଂପର୍କବାର୍ତ୍ତା" ଖବର ପ୍ରକାଶ ପାଇଆସୁଛି। ଏ ସଂକ୍ରାନ୍ତରେ ମଧ୍ୟ ଆର୍‌ଡିସିଙ୍କ ଅଫିସ୍‌କୁ ଗତ ମଙ୍ଗଳବାର(୨୬ ତାରିଖ) ଦିନ ମେଲ୍ ଯୋଗେ ପ୍ରକାଶିତ ଖବର ପ୍ରେରଣ କରାଯାଇଛି। ହେଲେ ନା ପ୍ରଶାସନ ଶୁଣୁଛି ନା କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର(ଆର୍‌ଡିସି) ଶୁଣୁଛନ୍ତି ? ବୋଲି ସାଧାରଣରେ ପ୍ରଶ୍ନ କରାଯାଉଛି। ତେବେ ଦକ୍ଷ ଆଇଏଏସ୍ ଅଫିସର୍ ଜିଲ୍ଲାଠାରୁ କେନ୍ଦ୍ରାଞ୍ଚଳ ରାଜସ୍ୱ ପର୍ଯ୍ୟନ୍ତ ଜଗତସିଂହପୁର ଦାୟିତ୍ୱରେ ଥାଇ ଯଦି ସାଧାରଣ ଲୋକ ଅସୁବିଧାର ସମ୍ମୁଖୀନ ହୋଇଆସୁଥାନ୍ତି ତେବେ ଆଇଏଏସ୍ ଅଫିସରଙ୍କର ଆବଶ୍ୟକତା କ'ଣ ବୋଲି ମଧ୍ୟ ପ୍ରଶ୍ନ କରାଯାଉଛି। ତୁରନ୍ତ ଏଥିପ୍ରତି ଧ୍ୟାନ ଦେବାକୁ ଆର୍‌ଡିସି ମହୋଦୟଙ୍କୁ ଜଗତସିଂହପୁର ଜନସାଧାରଣଙ୍କ ପକ୍ଷରୁ ଅନୁରୋଧ କରାଯାଉଛି।



ଆର୍‌ଡିସି ସୁରେଶ ଚନ୍ଦ୍ର ଦଳାଇ

# ପାରାଦ୍ୱୀପରେ ବିଜେପି ଦଳ ଛାଡୁଛନ୍ତି କାଉନ୍‌ସିଲର

**ପାରଦ୍ୱୀପ(ସଂପର୍କବାର୍ତ୍ତା):-**

ପାରାଦ୍ୱୀପରେ ବିଜେପିର ହାତ ଛାଡୁଛନ୍ତି କାଉନ୍‌ସିଲର୍। ଶ୍ରମିକ ନେତା ତଥା "ଆମ ପାରାଦ୍ୱୀପ ଆମ ପ୍ରଗତି"ର ମୁଖିଆ ବାପି ସାର୍ଖେଲ୍‌ଙ୍କ ଜନହିତକାର କାର୍ଯ୍ୟ ଏବଂ ଗତ ପୌରନିର୍ବାଚନ ସମୟରେ ଦେଇଥିବା ପ୍ରତିଶୃତି ଏବେ ଅକ୍ଷରେ ଅକ୍ଷରେ ପାଳନ କରୁଥିବାରୁ ବିଜେପି କାଉନ୍‌ସିଲର୍ ରୁନି ପରିଡା ବିଜେପି ଛାଡି ବାପି ସାର୍ଖେଲ୍‌ଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ସାମିଲ୍ ହୋଇଥିବା ଗଣମାଧମରେ ପ୍ରକାଶ ପାଇଛି। ଅବଶିଷ୍ଟ କେତେଜଣ ବିଜେପି କାଉନ୍‌ସିଲର ଖୁବ୍‌ଶୀଘ୍ର ଦଳଛାଡି ସାର୍ଖେଲ୍‌ଙ୍କ ସଂଗଠନରେ ସାମିଲ୍ ହୋଇପାରନ୍ତି ବୋଲି କୁହାଯାଉଛି। ପାରାଦ୍ୱୀପରେ ୧୯ଟି ୱାର୍ଡରୁ ବିଜେପିର ୩ ପାରିଷଦ ବିଜୟ ହୋଇଥିଲେ। ୧୭ନଂ ୱାର୍ଡରୁ ବିଜୟ ହୋଇଥିବା ପାରିଷଦ ତଥା କାଉନ୍‌ସିଲର୍ ରୁନି ପାରିଡା ବିଜେପି ଛାଡି ସାର୍ଖେଲ୍‌ଙ୍କ "ଆମ ପାରାଦ୍ୱୀପ ଆମ ପ୍ରଗତି"ରେ ସାମିଲ୍ ହୋଇଥିବା ଜଣାପଡିଛି।



## ବାପି ସାର୍ଖେଲଙ୍କ ଆଧିପତ୍ୟ ଜାରି

# ମୋକିମ୍ ଓ ଦେବାଶିଷଙ୍କ ଆଇନ୍‌ଗତ ଲଢେଇ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ବାରବାଟୀ-କଟକ ବିଧାନସଭା ନିର୍ବାଚନ ମାମଲାରେ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ବିରୋଧରେ ବିଭିନ୍ନ କୋର୍ଟ ଏବଂ ଥାନାରେ ଥିବା ମାମଲା ପେଡି ଖୋଲିବାକୁ ଯାଉଛି। ହାଇକୋର୍ଟ ଏହି ମର୍ମରେ ବିଭିନ୍ନ କୋର୍ଟ ଏବଂ ଥାନାରୁ ମୋକିମ୍‌ଙ୍କ ବିରୁଦ୍ଧରେ ଗଢି ଆସୁଥିବା ବିଭିନ୍ନ ମାମଲାର ସାର୍ଟିଫିକେଟ୍ ରେକର୍ଡ ତଲବ କରିଛନ୍ତି।

ତୀର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ପକ୍ଷରୁ ଆଗତ ମିସ୍‌କେସ୍ ଉପରେ ଶୁଣାଣି କରି ହାଇକୋର୍ଟର ବିଚାରପତି ଜଷ୍ଟିସ୍ ସଙ୍ଗମ କୁମାର ସାହୁ ଏହ ଆଦେଶ ଦେଇଛନ୍ତି। ଭୁବନେଶ୍ୱର ଭିଜିଲାନ୍ସ କୋର୍ଟରେ ମୋକିମ୍‌ଙ୍କ ବିରୋଧରେ ଯେଉଁ ମାମଲା ରହିଛି ଉକ୍ତ ମାମଲାର ଏଫ୍‌ଆଇଆର୍ କପି ଏବଂ ଅର୍ଡର ସିଟ୍‌ର ସାର୍ଟିଫିକେଟ୍ କପି ଦାଖଲ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।





କଟକ ଭିଜିଲାନ୍ସ ଅଦାଲତରୁ ମଧ୍ୟ ସମାନ ରେକର୍ଡ ତଲବ କରାଯାଇଛି। ସେହିପରି କଟକ ସଦର ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଯେଉଁସବୁ ମାମଲା ରହିଛି ସେସବୁର ରେକର୍ଡ ମଧ୍ୟ ତଲବ କରାଯାଇଛି।

ସେହିପରି ବାଲିଅନ୍ତା ଥାନାରେ ବିଧାୟକ ମୋକିମ୍‌ଙ୍କ ବିରୋଧରେ ଯେଉଁ ମାମଲା ରହିଥିଲା ଉକ୍ତ ମାମଲାର ସମସ୍ତ ରେକର୍ଡପତ୍ର ଦାଖଲ ପାଇଁ ଆବେଦନକାରୀଙ୍କ ପକ୍ଷରୁ ଅଦାଲତଠାରୁ ସମୟ ଲୋଡାଯାଇଥିଲା। ଅଦାଲତ ଏହି ଆବେଦନକୁ ଗ୍ରହଣ କରିବା ସହ ମାମଲାର ଶୁଣାଣି ଆସନ୍ତା ଅଗଷ୍ଟ ୨୨ ତାରିଖକୁ ଧାର୍ଯ୍ୟ ହୋଇଛି।

ଏହି ମାମଲାରେ କଟକ ସଦର...

(ପୃଷ୍ଠା-୨)

# ରାଷ୍ଟ୍ରପତି ଦ୍ରୌପଦୀଙ୍କ ନାଁ ଦେଇଥିଲେ ଶିକ୍ଷକ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଦେଶର ପଂଚଦଶ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ନେଇ ବିଭିନ୍ନ କଥା ସାମ୍ନାକୁ ଆସୁଛି। ମୟୁରଭଞ୍ଜ ଉପରବେଡା ଗାଁରୁ ଯାଇ ଦେଶର ସର୍ବୋଚ୍ଚସ୍ଥାନରେ ବସିଥିବା ଦ୍ରୌପଦୀ ଦେଇନଥିଲେ ଏହି ନାଁ ତାଙ୍କର ଶିକ୍ଷକ ଦେଇଥିଲେ। ମହାଭାରତ ଚରିତ୍ର ସହ ସମାନ ଏକ ନାମ ଦ୍ରୌପଦୀ ଦେଇନଥିଲେ। ଏହି ନାଁ ତାଙ୍କର ଶିକ୍ଷକ ଦେଇଥିଲେ। ମହାଭାରତ ଚରିତ୍ର ସହ ସମାନ ଏକ ନାମ ଦ୍ରୌପଦୀ ବୋଲି ତାଙ୍କ ନାମ କାହିଁକି ରଖାଯାଇଛି ବୋଲି ଯେଉଁ ଚ୍ୟାନେଲକୁ ସାକ୍ଷତକାର ଦେଉଥିଲେ ସଂପୃକ୍ତ ସାମ୍ବଦିକ ପଚାରିଥିଲେ। ଏହି ପ୍ରଶ୍ନର ଉତ୍ତରରେ ଦ୍ରୌପତୀ କହିଥିଲେ , ପୂର୍ବରୁ ତାଙ୍କ ନାମ ପୁଟି ରହିଥିଲା ହେଲେ ଏହି ନାମ ଭଲ



ଲାଗୁନି ବୋଲି କହିଥିଲେ ତାଙ୍କ ଶିକ୍ଷକ ପରେ ନାମ ପରିବର୍ତ୍ତନ କରି ଦ୍ରୌପଦୀ ରଖାଯାଇଥିଲା ସେ କହିଛନ୍ତି , ୧୯୬୦ମସିହା ସମୟରେ ମୟୂରଭଞ୍ଜ ଭଳି ଅଂଚଳକୁ ବାଲେଶ୍ୱ କଟକ ଭଳି ଜିଲ୍ଲାରୁ ଶିକ୍ଷକଆ ଆସୁଥିଲେ ପାଠ ପଢାଇବାକୁ ଏହି ସମୟରେ ତାଙ୍କର ନାମ ପରିବର୍ତ୍ତନ କରିଦେଇଥିଲେ ତାଙ୍କର ସାର ବୋଲି ଦୌପଦୀ କହିଥିଲେ। ସେ ଆହୁରି ମଧ ଉଲ୍ଲେଖ କହିଥିଲେ ଯେ ତାଙ୍କ ନାଁ ଅନେକ ଥର ବଦଳା ଯାଇଛି – ଦୌପଦୀରୁ ଦୋରପଦୀ ସେ କହିଥିଲେ ସାନ୍ତାଳୀ ସଂସ୍କୃତିରେ କୌଭସି ନାମ ମରିଯାଏ ନାହିଁ। ଅର୍ଥାତ୍ ବ୍ୟକ୍ତିର ମୃତ୍ୟୁ ପରେ ସଂପୃକ୍ତ ବ୍ୟକ୍ତିର ନାମ ତାର ପରିପିଢି ନାଁ ସହିତ ସଂଯୋଗ ହୋଇ ରୁହେ । ସ୍କୁଲ ଓକଲେଜରେ ପାଠ ପଢିବା ବେଳେ ତାଙ୍କ ନାମ ଦୌପଦୀ ଟୁଡୁ ରହିଥିଲା କିନ୍ତୁ ସେ ବ୍ୟାଙ୍କ ଅଫିସର ଶ୍ୟାମ ଚରଣ ମୁର୍ମୁଙ୍କୁ ବିବାହ କରିବା ପରେ ତାଙ୍କ ନାମ ଦୌପଦୀ ମୁର୍ମୁ ରହିଥିଲା ବୋଲି କହିଛନ୍ତି।

## କୃଷକଙ୍କ ପାଇଁ ଖୁସି ଖବର

# ଅତିଶୀଘ୍ର ଆପଣ ଖାତାକୁ ଆସିବ ଦ୍ୱାଦଶ କିସ୍ତି

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କୃଷକଙ୍କ ଆର୍ଥିକ ସହାୟତା ପାଇଁ କେନ୍ଦ୍ର ସରକାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ପିଏମ୍ କିଷାନ ସମ୍ମାନ ନିଧି ଯୋଜନାରେ କୃଷକମାନଙ୍କୁ ପ୍ରତିବର୍ଷ ୬ ହଜାର ଟଙ୍କା ଦିଆଯାଉଛି। ଏହି ଟଙ୍କା ପ୍ରତି ଚାରି ମାସରେ କୃଷକଙ୍କ ଆକାଉଣ୍ଟକୁ ୨୦୦୦ ଟଙ୍କା କିସ୍ତିରେ ସ୍ଥାନାନ୍ତରିତ ହୁଏ। ବର୍ତ୍ତମାନ ପର୍ଯ୍ୟନ୍ତ ଏହି ଯୋଜନାର ୧୧ଟି କିସ୍ତି କୃଷକଙ୍କ ଆକାଉଣ୍ଟକୁ ଆସିସାରିଛି। ଏବେ ଲୋକମାନେ ଦ୍ୱାଦଶ କିସ୍ତି ପାଇଁ ଅପେକ୍ଷା କରିଛନ୍ତି।

୩୧ ମଇ ୨୦୨୨ରେ ପ୍ରଧାନମନ୍ତ୍ରୀ ମୋଦି ଏକାଦଶ କିସ୍ତିର ୨୦୦୦ ଟଙ୍କା ୧୦ କୋଟିରୁ ଅଧିକ ଚାଷୀଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର



କରିଥିଲେ। ଏଭଳି ପରିସ୍ଥିତିରେ ଦ୍ୱାଦଶ କିସ୍ତି ପାଇଁ ଏହାର ୨ ହଜାର ଟଙ୍କା କେବଳ ୧ ସେପ୍ଟେମ୍ବର ୨୦୨୨ ପରେ କୃଷକଙ୍କ ଆକାଉଣ୍ଟକୁ ହସ୍ତାନ୍ତର ହେବ ବୋଲି ଆଶା କରାଯାଉଛି। କାରଣ ଆର୍ଥିକ ବର୍ଷର ପ୍ରତମ କିସ୍ତି ଏପ୍ରିଲ୍‌ରୁ ଜୁଲାଇ ମଧ୍ୟରେ ଆସିଥାଏ। ଦ୍ୱିତୀୟଟି ଅଗଷ୍ଟରୁ ନଭେମ୍ବର ମଧ୍ୟରେ ଆସେ। କୃଷି ବିଭାଗ ସହିତ ଜଡିତ ସୂତ୍ରରୁ ଜଣାପଡିଛି ଯେ ଦ୍ୱାଦଶ କିସ୍ତି ସେପ୍ଟେମ୍ବର ୧ରୁ ସେପ୍ଟେମ୍ବର ୧୦ ମଧ୍ୟରେ ଆସିପାରେ।

ଅନ୍ୟପକ୍ଷରେ, ସରକାରଙ୍କ ଦ୍ୱାରା ଇ-କେୟାସି କରିବାର ଶେଷ ତାରିଖ ଜୁଲାଇ ୩୧ ତାରିଖକୁ ବୃଦ୍ଧି କରାଯାଇଛି। ଏହା ମଧ ଆଶା କରାଯାଉଛି ଯେ ଏଥର ଇ-କେୟାସି ତାରିଖ ସରକାର ବୃଦ୍ଧି କରିବେ ନାହିଁ। ଯଦି ଆପଣ ଆଜି ଏବଂ ଆସନ୍ତାକାଲି ଇ-କେୟାସି କରନ୍ତି ନାହିଁ ତେବେ ଭବିଷ୍ୟତରେ ଆପଣ ପିଏମ୍ କିସାନ ନିଧି ଯୋଜନାର ସୁବିଧା ପାଇବେ ନାହିଁ।

## ପ୍ରଥମ ପୃଷ୍ଠାରୁ...

### ୭ କୋଟି...

୧୨-୧୦୦ରେ ୫ କୋଟି ୧୫ଲକ୍ଷ ୬୪ହଜାର ବ୍ୟୟ ଅଟକଳରେ ଏକ କନଷ୍ଟ୍ରକସନ୍ କମ୍ପାନୀ ଟେଣ୍ଡର ନେଇ ୬.୧୨.୨୦୧୭ରେ କାର୍ଯ୍ୟ ଶେଷ କରିବାର ଥିଲା। ଏତଦ୍‌ଭିନ୍ନ ସଂପୃକ୍ତ ଠିକାଦାରଙ୍କ ଦ୍ୱାରା କାର୍ଯ୍ୟ ଶେଷ ତାରିଖ ଠାରୁ ୫ ବର୍ଷ ପର୍ଯ୍ୟନ୍ତ ପୁନଶ୍ଚ ଅଟକଳ ବୃଦ୍ଧି କରାଯାଇ କାର୍ଯ୍ୟ କରାଯାଇଥିବା କୁହାଯାଉଛି। ଏବେ ରାସ୍ତାରୁ ଗୋଡି, ପିଚୁ, ମେଣ୍ଟାଲ୍ ଉଠିଯାଇ ରାସ୍ତାଟି ମରଣାଯନ୍ତା ପାଲଟିଛି ବୋଲି ଅଭିଯୋଗ ହେଉଛି। ଜରୁରୀକାଳୀନ ପରିସ୍ଥିତିରେ ଏହି ରାସ୍ତାରେ ଆମ୍ବୁଲାନ୍ସ କି ଦମକଳ ଯାଇପାରୁନଥିବାରୁ ଅସମୟରେ ବହୁ ଧନଜୀବନ ହାନୀ ହେଉଛି ଏହି ରାସ୍ତା ସମସ୍ୟାକୁ ନେଇ ଗ୍ରାମବାସୀ ବିଭାଗୀୟ ଅଧିକାରୀ ଓ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରିଆସୁଥିଲେ ମଧ କୌଣସି ପଦକ୍ଷେପ ନିଆଯାଇନଥିବା ଅଭିଯୋଗକାରୀଙ୍କୁ ଉଦ୍‌କ୍ଷୀପ୍ତ କରିଛି। ଆସନ୍ତା ଦିନରେ ଏ ଅଞ୍ଚଳର ୫ଟି ପଞ୍ଚାୟତର ଜନସାଧାରଣ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିବା ଖବର ପ୍ରକାଶ ପାଇଛି।

### ମୋକିମ୍...

ଉପଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ହାଇକୋର୍ଟରେ ବ୍ୟକ୍ତିଗତ ଭାବେ ହାଜର ହୋଇ ବିଧାୟକ ମହମ୍ମଦ ମୋକିମ୍‌ଙ୍କ ନାମାଙ୍କନପତ୍ର ,ଏଥିସହ ସେ ଦାଖଲ କରିଥିବା ସମସ୍ତ ସତ୍ୟପାଠ ଏବଂ ଚେକ୍ ଲିଷ୍ଟ ଆଦିର ସମସ୍ତ ରେକର୍ଡପତ୍ର ଜଉମୁଦ ଲଫାପାରେ ଅଦାଲତରେ ଦାଖଲ କରିଥିଲେ। ଏହି ରେକର୍ଡପତ୍ରକୁ ଅଦାଲତଙ୍କ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ରେଜିଷ୍ଟ୍ରାର ଜଉମୁଦ ଲଫାପାରେ ରଖିବା ଲାଗି ଅଦାଲତ ଆଦେଶରେ ସ୍ପଷ୍ଟ କରିଛନ୍ତି। ବିଧାୟକ ମୋକିମ୍ ୨୦୧୯ ସାଧାରଣ ସ୍ପଷ୍ଟ କରିଛନ୍ତି। ବିଧାୟକ ମୋକିମ୍ ୨୦୧୯ ସାଧାରଣ ନିର୍ବାଚନରେ ସତ୍ୟପାଠରେ ନିଜ ସମ୍ପର୍କରେ ଅନେକ ତଥ୍ୟ ଲୁଚାଇଥିବା ଅଭିଯୋଗ କରି ଶ୍ରୀ ସାମନ୍ତରାୟ ହାଇକୋର୍ଟରେ ଏକ ନିର୍ବାଚନୀ ମାମାଲା ରୁଜୁ କରିଥିଲେ।ମାମଲାକୁ ଖାରଜ କରିବା ଲାଗି ବିଧାୟକଙ୍କ ପକ୍ଷରୁ ଏକ ପିଟିସନ୍ ରୁଜୁ କରାଯାଇଥିଲା। ଉକ୍ତ ଆବେଦନକୁ ହାଇକୋର୍ଟ ଖାରଜ କରିବା ସହ ବିଧାୟକଙ୍କ ଉପରେ ୫ ହଜାର ଟଙ୍କା ଜୋରିମାନା ଲାଗୁ କରିଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ବିଧାୟକ ଇଂ. ମୋକିମ୍ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ସେଠାରୁ ବିଧାୟକଙ୍କୁ ନିରାଶ ହେବାକୁ ପଡିଛି। ବିଧାୟକଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ବିଦ୍ୟାଧର ମିଶ୍ର ଏବଂ ଦେବାଶିଷଙ୍କ ପକ୍ଷରୁ ଆଇନଜୀବୀ ଗୋପାଳ ଅଗ୍ରୱାଲ ମାମଲା ପରିଚାଳନା କରୁଛନ୍ତି।

# ଦାବି ନେଇ ଏକାଠି ହେଲେ ସଚିବାଳୟ କର୍ମଚାରୀ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ବିଭିନ୍ନ ଦାବି ନେଇ ଓଡ଼ିଶା ସଚିବାଳୟ ସେବା ସଂଘ ପକ୍ଷରୁ ଲୋକସେବା ଭବନରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ପଞ୍ଚାୟତିରାଜ ବିଭାଗ ନିକଟ ଲେନ୍‌ରେ ଅନୁଷ୍ଠିତ ସଭାରେ କର୍ମଚାରୀମାନେ ଏକାଠି ହୋଇ ଦାବି ଉପସ୍ଥାପନ କରିଛନ୍ତି। ସେମାନଙ୍କ କହିବା ଅନୁଯାୟୀ, ଓଡ଼ିଶା ସଚିବାଳୟ ସେବା ବର୍ଗର କ୍ୟାଡର ପୁନର୍ଗଠନ କରାଯାଇ ପ୍ରଥମ ଦଫାରେ ୨୨୫ଟି ଗ୍ରୁପ୍ 'ଏ' ପଦବି ସୃଷ୍ଟି କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

ଏହାପରେ ସଂଘ ପକ୍ଷରୁ ବର୍ଷକରୁ ଅଧିକ ସମୟ ଧରି ସରକାରୀ ଓ ପ୍ରଶାସନିକସ୍ତରରେ ନିରବଚ୍ଛିନ୍ନ ଉଦ୍ୟମ ହୋଇଛି। ଏହାପରେ ପରିସ୍ଥିତି ଓ ସରକାରୀ ବାଧ୍ୟବାଧକତା ଦୃଷ୍ଟିରେ ରଖି ପ୍ରଥମ ଦଫାରେ କୌଣସି ମୂଳ ପଦବି ଉଚ୍ଛେଦ ନକରି ୧୫୧ଟି ଗ୍ରୁପ୍ 'ଏ' ପଦବୀ ସୃଷ୍ଟି କରିବା ଲାଗି ଗତ ୮ ତାରିଖରେ ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘ ପକ୍ଷରୁ ନିବେଦନ କରାଯାଇଥିଲା।

# ହର୍ ଘର୍ ତ୍ରିରଙ୍ଗା ଆୟୋଜନ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୯୧ତମ ମନ କି ବାତ କାର୍ଯ୍ୟକ୍ରମରେ ଦେଶକୁ ସମ୍ବୋଧିତ କରି କହିଛନ୍ତି ଯେ, ଆମେ ସାଧୀନତାର ୭୫ ବର୍ଷ ପାଳନ ଅବସରରେ ଆମେ

## ମୋଦିଙ୍କ ମନ୍‌କି ବାତ୍

ସଭିଏଁ ଏକ ଐତିହାସିକ ମୁହୂର୍ତ୍ତର ସାକ୍ଷୀ ହେବାକୁ ଯାଉଛେ। ଭଗବାନ ଆମକୁ ଏହି ମହାନ ଭାଗ୍ୟ ଦେଇଛନ୍ତି। ଶହୀଦ ଉଧମ ସିଂଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଆଜି ଆମେ ସମସ୍ତେ ଦେଶବାସୀ ତାଙ୍କର ପ୍ରାଣବଳୀ ଏବଂ ଅଦମ୍ୟ ସାହାସ ପାଇଁ ପ୍ରଣାମ କରୁଛୁ। ଦେଶ ପାଇଁ ଜୀବନ ଦେଇଥିବା ଅନ୍ୟ ସମସ୍ତ ମହାନ ବିପ୍ଳବୀଙ୍କୁ ମୁଁ ମୋର ନମ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସାଧୀନତାର ଅମୃତ ମହୋତ୍ସୋବ ଏକ ଜନ ଆନ୍ଦୋଳନର ରୂପ ନେଉଥିବାର ଦେଖି ମୁଁ ବହୁତ ଖୁସି। ବିଭିନ୍ନ ବର୍ଗର ତଥା ସମାଜର ପ୍ରତ୍ୟେକ ବିଭାଗର ଲୋକମାନେ ଏହା ସହ ଜଡିତ ବିଭିନ୍ନ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଛନ୍ତି। ଚଳିତ ଜୁଲାଇରେ ଆଜାଦି କି ଟ୍ରେନ ଏବଂ ରେଳ ଷ୍ଟେସନ ନାମକ ଏକ ପ୍ରୟାସ କରାଯାଇଛି। ଏହି ପ୍ରୟାସର ଲକ୍ଷ୍ୟ ହେଉଛି ସାଧୀନତା ସଂଗ୍ରାମରେ ଲୋକମାନେ ଭାରତୀୟ ରେଳର ଭୂମିକା ସମ୍ପର୍କରେ ଅବଗତ ହେବେ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଝାଡଖଣ୍ଡର ଗୋମୋ ଜଙ୍କଶନ ବର୍ତ୍ତମାନ ସରକାରୀ ଭାବେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜଙ୍କଶନ ଗୋମୋ ନାମରେ ପରିଚିତ। ନେତାଜୀ ଏହି ଷ୍ଟେଶନରେ କାଲକା ମେଲରେ ବେସି ବ୍ରିଟିଶ ଅଧିକାରୀଙ୍କୁ ଚକମା ଦେବାରେ ସଫଳ ହୋଇଥିଲେ। ଏହିପରି ୭୫ଟି ରେଳ ଷ୍ଟେଶନ ଦେଶର ୨୪ଟି ରାଜ୍ୟରେ ଚିହ୍ନଟ କରାଯାଇଛି।





ଏସବୁ ଷ୍ଟେଶନକୁ ସାଧୀନତାର ୭୫ ବର୍ଷ ପାଳନ ଅବସରରେ ଅତି ସୁନ୍ଦର ଭାବରେ ସଜାଯାଉଛି। ଏହା ସହିତ ଅନେକ ପ୍ରକାରର କାର୍ଯ୍ୟକ୍ରମ ମଧ ଆୟୋଜିତ ହେଉଛି।

ପ୍ରଧାନମନ୍ତ୍ରୀ କହିଛନ୍ତି, ସାଧୀନତାର ଅମୃତ ମହୋତ୍ସୋବରେ ଆୟୋଜିତ ହେଉଥିବା ଏହି ସମସ୍ତ କାର୍ଯ୍ୟକ୍ରମର ସବୁଠାରୁ ବଡ ବାର୍ତ୍ତା ହେଉଛି ଯେ ଆମେ ଦେଶବାସୀ ସଂପୂର୍ଣ୍ଣ ନିଷ୍ଠାର ସହିତ ଆମର କର୍ତ୍ତବ୍ୟ ପାଳନ କରିବା ଉଚିତ। ଏହାଦ୍ୱାରା ଆମେ ସେହି ଅଗଣିତ ସାଧୀନତା ସଂଗ୍ରାମୀଙ୍କ ସପ୍ନକୁ ପୂରଣ କରିବାକୁ ସମର୍ଥ ହେବା। ସେମାନଙ୍କର ସପ୍ନର ଭାରତ ଗଠନ କରିବାରେ ସକ୍ଷମ ହେବା। ସେଥିପାଇଁ ଆମର ଆଗାମୀ ୨୫ ବର୍ଷର ଏହି ଅମୃତ ସହୟ ପ୍ରତ୍ୟେକ ଦେଶବାସୀଙ୍କ ପାଇଁ କର୍ତ୍ତବ୍ୟ ପାଳନର ସମୟ। ଆମର ସାଧୀନତା ସଂଗ୍ରାମୀମାନେ ଆମକୁ ଏହି ଦାୟିତ୍ୱ ଦେଇଛନ୍ତି ଏବଂ ଆମକୁ ଏହାକୁ ସଂପୂର୍ଣ୍ଣ ରୂପେ ପୂରଣ କରିବାକୁ ପଡିବ।

ଆମର ପାରମ୍ପରିକ ସାସ୍ଥ୍ୟ ବିଜ୍ଞାନରେ ମହୁକୁ ଗୁରୁତ୍ୱ ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଆୟୁର୍ବେଦ ଗ୍ରନ୍ଥଗୁଡିକରେ ମହୁକୁ ଅମୃତ ବୋଲି ବର୍ଣ୍ଣନା କରାଯାଇଛି। ମହୁ, ଆମକୁ ସାଦ ଦେବା ସହିତ ସୁସାସ୍ଥ୍ୟ ମଧ ଦେଇଥାଏ। ଆଜି ମହୁ ଉତ୍ପାଦନରେ ଏତେ ସମ୍ଭାବନା ଅଛି ଯେ ଅଧ୍ୟୟନ କରୁଥିବା ଯୁବବର୍ଗମାନେ ମଧ ଏହାକୁ ସେମାନଙ୍କର ଆତ୍ମନିର୍ଭରଶୀଳ ହେବାର ମାଧ୍ୟମ ଭାବେ ଗ୍ରହଣ କରୁଛନ୍ତି। ଯୁବବର୍ଗମାନଙ୍କ କଠିନ ପରିଶ୍ରମ ଯୋଗୁଁ ଆଜି ଦେଶ ମହୁ ଉତ୍ପାଦନରେ ଆଗୁଆ ରହିଛି। ଆପଣ ଜାଣି ଖୁସି ହେବେ ଯେ ଦେଶକୁ ମହୁ ରପ୍ତାନୀ ମଧ ବୃଦ୍ଧି ପାଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି, ଆଜାଦିର ଅମୃତ ଅମୋତ୍ସୋବର ଏକ ଅଂଶ ଭାବରେ, ଅଗଷ୍ଟ ୧୩ ରୁ ୧୫ ପର୍ଯ୍ୟନ୍ତ ଆପଣମାନଙ୍କ ଘରେ ତ୍ରିରଙ୍ଗାକୁ ଉତ୍ତୋଳନ କରିବାକୁ ପଡିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

# ଏକକାଳୀନ ୫ଶିଶୁ ଜନ୍ମ,ମା' ଲାଭବାନ୍

**ଜୟପୁର(ସଂପର୍କବାର୍ତ୍ତା):-** ଜୁଲାଇ ୨୬ ଆଜିର ଦିନରେ ଅନେକ ଥର ସମସ୍ୟା ଦେଖା ଯାଉଛି ଯେ , ମହିଳାଙ୍କୁ ଗର୍ଭବତୀଜନିତ ଅସୁବିଧା ରହୁଛି। ସମସ୍ୟାରେ ସମାଧାନ ପାଇଁ ଡାକ୍ତର ପରାମର୍ଶ ଦେଉଛନ୍ତି ରାଜସ୍ଥାନରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ମାସଲପୁରର ପିପରାନୀ ଗାଁ ନିବାସୀ ରେଶମା ବିବାହର ୭ବର୍ଷ ପରେ ଥର ମା ହୋଇଛନ୍ତି। ଏକ



ଘରୋଇ ଡାକ୍ତରଖାନାରେ ଡାକ୍ତର ଆଶା ମୀନା କହିଛନ୍ତି ଯେ ରେଶମା ୨ଶିଶୁପୁତ୍ର ଓ ୩ ଶିଶୁକନ୍ୟାକୁ ଜନ୍ମ ଦେଇଛନ୍ତି। ପ୍ରବସ ପରେ ମହିଳାଙ୍କ ସାସ୍ଥ୍ୟାବସ୍ଥା ଠିକ ଅଛି । ମାତ୍ର ନବଜତାମାନେ ପୁରାପୂରି ସୁସ୍ଥ ନାହାନ୍ତି। ରାଜସ୍ଥାନର କରୋଲୀର ସରକାରୀ ହସ୍ପିଟାଲ ମାତୃ ଓ ଶିଶୁ ବିଭାଗରରେ ଥିବା ଏସ୍ ଏନସିୟୁ ଓାର୍ଡରେ ଭର୍ତ୍ତି କରାଯାଇଛି। ଏସ୍‌ଏନସିୟୁ ବିଭାଗ ପ୍ରଭାରୀ ମହେଦ୍ର ମୀନା କହିଛନ୍ତି ଯେ ସବୁ ପିଲାଙ୍କର ଓଜନ ୩୦୦ଗ୍ରାମରୁ ଲ୬୬୫ଗ୍ରାମ ସମସ୍ତଙ୍କୁ ଆଇସିୟୁର ଆବଶ୍ୟକତା ଥିବାରୁ ଜୟପୁର ସ୍ଥାନାନ୍ତରିତ କରାଯାଇଛି।

# ସରକାର ଭାଙ୍ଗିବାକୁ ଭାଜପାର ଉଦ୍ୟମ

**ରାଞ୍ଚି(ସଂପର୍କବାର୍ତ୍ତା):-** କଂଗ୍ରେସ ଭାଜପା ବିରୋଧରେ ବଡ ଅଭିଯୋଗ ଆଣିଛି। ଝାଡଖଣ୍ଡରେ ଭାଜପା ଅପରେସନ ଲୋଟସ ଦ୍ୱାରା ସରକାରଙ୍କୁ ଭାଙ୍ଗିବାର ଉଦ୍ୟମ କରୁଛି ବୋଲି କଂଗ୍ରେସ କହିଛି। କଂଗ୍ରେସ କର୍ମୀମାନେ କହିଛନ୍ତି ଯେ ପଶ୍ଚିମବଙ୍ଗର ହାଓ୍ୱଡାରେ ଦଳର ୩ଜଣ ବିଧାୟକଙ୍କଠାରୁ ବିପୁଳ ପରିମାଣର ନଗଦ ଟଙ୍କା ଜବତ ପରେ ଏହା ସ୍ପଷ୍ଟ ହୋଇଛି। ପୂର୍ବରୁ ମଧ ହେମନ୍ତ ସୋରେନ୍‌ଙ୍କ ନେତୃତ୍ୱରେ ଗଠିତ ମିଳିତ ସରକାରକୁ ହଟାଇବାକୁ ଭାଜପା ଚେଷ୍ଟା କରୁଥିବା କଂଗ୍ରେସ ଅଭିଯୋଗ କରିଥିଲା।

## ଝାଡଖଣ୍ଡରେ ଅପରେସନ୍ ଲୋଟସ୍


କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ଟୁଇଟ କରି କହିଛନ୍ତି ଯେ ଝାଡଖଣ୍ଡରେ ଭାଜପାର ଅପରେସନ୍ ଲୋଟସ୍‌ର ପର୍ଦ୍ଦାଫାସ୍ ହାଓ୍ୱଡାରେ ହୋଇଛି। ଦିଲ୍ଲୀରେ ହମ୍ ଦୋ ର ଗେମ୍ ପ୍ଲାନ୍ ବର୍ତ୍ତମାନ ଝାଡଖଣ୍ଡ ପାଇଁ କରାଯାଉଛି। ଭାଜପା ମହାରାଷ୍ଟ୍ରରେ ଇ-ଡି(ଏକନାଥ ଶିନ୍ଦେ-ଦେବେନ୍ଦ୍ର ଫଡନଭିସ) ଯୋଡି ଆଣିଛି।

# ରାଜ୍ୟସ୍ତରୀୟ ଟ୍ୟାକ୍ସଫୋର୍ସ ବୈଠକ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭାରତର ଏକ ପ୍ରମୁଖ ରାଜ୍ୟ ଭାବରେ ଓଡ଼ିଶା, ଶିଶୁ ଅଧିକାର ବିଧେୟକକୁ ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ କରିବାକୁ ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛି। ଆଇନ୍ ଆବଶ୍ୟକ କରୁଥିବା ପ୍ରତ୍ୟେକ ଶିଶୁଙ୍କ ପ୍ରତି ଧ୍ୟାନ ଦିଆଯାଉଛି। ମିଳିତ ଜାତି ସଂଘର ଶିଶୁ ଅଧିକାର ସମ୍ମିଳନୀ

## ଥଇଥାନ ହେବେ ରାସ୍ତାକଡର ଶିଶୁ

ନିର୍ଯ୍ୟାସ ଅନୁସାରେ ଆମ ରାଜ୍ୟ ଶିଶୁମାନଙ୍କର ଉନ୍ନତି ଓ ସେମାନଙ୍କର ସୁରକ୍ଷା ନିମନ୍ତେ ବିଭିନ୍ନ ନୀତି ପ୍ରଣୟନ କରି ତାହାକୁ କାର୍ଯ୍ୟକାରୀ କରୁଛନ୍ତି। ପ୍ରତି ଶିଶୁ ଯେପରି ସୁରକ୍ଷିତ ରହିବେ, ସୁସ୍ତ ଜୀବନ ଯାପନ କରିବେ, ସେମାନଙ୍କ ପାଇଁ ରହିଥିବା ବିଭିନ୍ନ ସେବା ପ୍ରଦାନକାରୀ ସଂସ୍ଥା, ବିଭିନ୍ନ ସଂଗଠନ, କମିଟି ଓ ନେଟୱାର୍କ ଜରିଆରେ ଏ ଦିଗରେ ବିଭିନ୍ନ ଅନୁଷ୍ଠାନଗୁଡିକୁ ସଂପୃକ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶିଶୁ ଅଧିକାର ସୁରକ୍ଷା ଆୟୋଗ ଏବଂ ୟୁନିସେଫ୍ ସହଯୋଗରେ ଆଜି ପୂର୍ବାହ୍ନରେ ସ୍ୱସ୍ତି ପ୍ରିମିୟମ୍ ହୋଟେଲ ପରିସରରେ ଏକ ରାଜ୍ୟସ୍ତରୀୟ ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଜ୍ୟ ପୋଲିସ୍ ମହାନିର୍ଦ୍ଦେଶକ ସୁନିଲ କୁମାର ବଂଶଲ ମୁଖ୍ୟଅତିଥି ଭାବେ ଯୋଗଦେଇ ରାସ୍ତାକଡର ଶିଶୁମାନଙ୍କର ସମସ୍ୟାର ସମାଧାନ ପାଇଁ ବିଭିନ୍ନ ବିଭାଗ ତଥା ସବୁସ୍ତରରେ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ପ୍ରକାଶ କରିବା ସହିତ ବିଭିନ୍ନ ସମୟରେ ଶିଶୁମାନେ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରତି ସମ୍ବେଦନଶୀଳ ହୋଇ ପୋଲିସ୍ ଶୂନ ସହନଶୀଳତା ନୀତି ଗ୍ରହଣ କରିବ ବୋଲି ପ୍ରକାଶ କରିଥିଲେ।





# କଂଗ୍ରେସର ତିନି ବିଧାୟକଙ୍କୁ ନିଲମ୍ବିତ କଲେ ସୋନିଆ ଗାନ୍ଧୀ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** କଂଗ୍ରେସ ମଧ୍ୟବର୍ତ୍ତୀକାଳୀନ ସଭାପତି ସୋନିଆ ଗାନ୍ଧୀ ଦଳର ତିନି ଜଣ ବିଧାୟକଙ୍କୁ ବହିଷ୍କାର କରିଛନ୍ତି। ଏହି ତିନିଜଣ ବିଧାୟକ ଦଳର ଝାଡଖଣ୍ଡର ଅଟନ୍ତି ଏବଂ ଶନିବାର ସନ୍ଧ୍ୟାରେ ସେମାନଙ୍କ ନିକଟରୁ ବିପୁଳ ନଗଦ ଟଙ୍କା ଜବତ କରାଯାଇଛି। ଦଳର ସାଧାରଣ ସମ୍ପାଦକ ତଥା ଝାଡଖଣ୍ଡରେ କଂଗ୍ରେସ ଦାୟିତ୍ୱରେ ଥିବା ଅବିନାଶ ପାଣ୍ଡେ କହିଛନ୍ତି ଯେ, ତୁରନ୍ତ ତିନିଜଣ ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ଯେଉଁମାନେ ଏଥିରେ ଜଡିତ ସେମାନଙ୍କୁ ମଧ ଦଣ୍ଡ ଦିଆଯିବ ବୋଲି



ସେ କହିଛନ୍ତି। ଏକ ସମ୍ବାଦିକ ସମ୍ମିଳନୀରେ ଅବିନାଶ ପାଣ୍ଡେ କହିଛନ୍ତି ଯେ, "କୋଲକାତାରେ ଝାଡଖଣ୍ଡର କିଛି ବିଧାୟକଙ୍କ ସହିତ ବହୁ ନଗଦ ଟଙ୍କା ପୋଲିସ୍ ଜବତ କରିଥିଲା। ବିଧାୟକମାନଙ୍କୁ ଭୟଭୀତ କରି ସରକାରଙ୍କୁ ଅସ୍ଥିର କରିବା ପାଇଁ ଉଦ୍ୟମ ଚାଲିଛି। ବିଜେପିର ଏହି ଉଦ୍ୟମ ବିରୁଦ୍ଧରେ ଅତୀତରେ ଏଫ୍‌ଆଇଆର୍ ମଧ ପଞ୍ଜିକୃତ ହୋଇଥିଲା। ଗୋଟିଏ ରାଜ୍ୟର ମୁଖ୍ୟମନ୍ତ୍ରୀ ବିଧାୟକ ସହ ଯୋଗାଯୋଗ କରୁଛନ୍ତି ଜଣେ କେନ୍ଦ୍ର ମନ୍ତ୍ରୀ ବିଧାୟକମାନଙ୍କୁ ଧମକ ଦେଉଛନ୍ତି।"


RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

ସଂପର୍କବାର୍ତ୍ତା
SAMPARK BARTA
ODIA WEEKLY

ଅଗଷ୍ଟ ୧ ରୁ ୭, ୨୦୨୨, ଜଗତସିଂହପୁର
August 01 to 07 , 2022, Jagatsinghpur

www.samparkabarta.in





# ସ୍ୱାସ୍ଥ୍ୟ ବିଭାଗ ନିଗମକୁ ବେମାରୀ !

**କଟକ(ସଂପର୍କବାର୍ତ୍ତା):-** ସହର ସମେତ ଉପକଣ୍ଠରେ ଦିନକୁ ଦିନ ଅପମିଶ୍ରଣ କାରବାର ବଢିଚାଲିଛି । ପୁଲିସ ଚଢଉ କରୁଥିଲେ ମଧ ଏହା କଳାବଜାରୀ ବ୍ୟବସାୟୀଙ୍କ ଉପରେ ବିଶେଷ ପ୍ରଭାବ ପକାଇପାରୁନାହିଁ । ବିଶେଷକରି ଅପମିଶ୍ରଣ ରୋକିବା ଏବଂ ଖାଦ୍ୟର ମାନ ଯାଞ୍ଚ କରିବା କଟକ ମହାନଗର ନିଗମ ସ୍ୱାସ୍ଥ୍ୟ ବିଭାଗର ହୋଇଥିବାବେଳେ ବିଭାଗ ଏ ଦିଗରେ ତତ୍ପରତା ପ୍ରକାଶ କରୁନାହିଁ । ନାକୁ ମାତ୍ର ବିଭିନ୍ନ ହୋଟେଲ ଓ ଉଠାଦୋକାନରେ ଚଢଉ କରି ନିଜର କାମ ଶେଷ କରିଦେଉଛି । ନକଲି ସାମଗ୍ରୀ ପ୍ରସ୍ତୁତର ପେଣ୍ଠସ୍ଥଳ କୁହାଯାଉଥିବା ମାଲଗୋଦାମରେ ନିୟମିତ ଯାଞ୍ଚ କିମ୍ବା କଳାବଜାରୀ ବ୍ୟବସାୟୀଙ୍କ ବିରୋଧରେ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯାଉନଥିବାରୁ ସହରରେ ଦିନକୁ ଦିନ ନକଲି ଏବଂ ଦୂଷିତ ଖାଦ୍ୟ ବିକ୍ରି ବଢିଚାଲିଥିବା ଅଭିଯୋଗ ହୋଇଛି ।

ଖାଇବା ତେଲ, ମସଲା, ସସ୍, ଡାଲି, ଚା'ପତି, ପାନ ଜର୍ଦ୍ଦାଠାରୁ ଆରମ୍ଭ କରି ପୂଜା ସାମଗ୍ରୀ, ସିମେଣ୍ଟ, ପୁଟି ପର୍ଯ୍ୟନ୍ତ ସବୁ ନକଲି ଥିବା ଜଣାପଡିଥିଲା । ପରବର୍ତ୍ତୀ ସମୟରେ ଅପମିଶ୍ରଣକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ନିଗମ ସ୍ୱାସ୍ଥ୍ୟ ବିଭାଗ ଭିନ୍ନ କାରଣରୁ ପଛଘୁଞ୍ଚା ଦେଉଥିବାରୁ ଏବେ ସହରରେ ପୁଣି ଭେଜାଲ ଖାଦ୍ୟସାମଗ୍ରୀ ବିକ୍ରି ହେଉଥିବା ଅଭିଯୋଗ ହେଉଛି । ନାମୀଦାମୀ କମ୍ପାନୀର ଅବିକଳ ପ୍ୟାକେଟରେ ଏହି ସବୁ ସାମଗ୍ରୀ ବିକ୍ରି ହେଉଥିବାରୁ ତାହା ଅସଲି କି ନକଲି ବୁଝିବା ପାଇଁ ଖାଉଟିଙ୍କ ପକ୍ଷରେ କଷ୍ଟକର ହୋଇପଡିଛି । ଖାଉଟି ଜଣକ ପ୍ୟାକେଟରେ ଉଲ୍ଲେଖ ଦର ଗଣି ଏବେ ଅଜାଣତରେ ଘରକୁ ବିଷ କିଣି ଆଣୁଛି । ଭେଜାଲ କାରବାରକୁ ମୂଳୋତ୍ପାଟନ କରିବା ଲାଗି ଅବଶ୍ୟ ପୁଲିସ ମଝିରେ ମଝିରେ ଜଢଉ ହେଉଥିଲେ ମଧ ଦୁର୍ବଳ ଆଇନ ଯୋଗୁଁ ସେମାନଙ୍କୁ ଗିରଫ କରିବା ସହଜ ହେଉନାହିଁ । ନିଗମ ସ୍ୱାସ୍ଥ୍ୟବିଭାଗର ପଛଘୁଞ୍ଚା ଦେଉଥିବାରୁ ଅପମିଶ୍ରଣକାରୀ ସମ୍ପୂର୍ଣ୍ଣ ବେଲଗାମ ହୋଇଯାଉଛନ୍ତି । କିଛି ମାସ ତଳେ ମାଲଗୋଦାମରୁ ବିପୁଳ ପରିମାଣର ଭେଜାଲ ଖାଦ୍ୟ ସାମଗ୍ରୀ ଜବତ କରାଯାଇଥିଲା । ଜବତ ସାମଗ୍ରୀ ମଧ୍ୟରେ ଅଧିକ ଲଙ୍କା ଓ ହଳଦୀଗୁଣ୍ଡ ରହିଥିବାରୁ ମାଲଗୋଦାମ ଭିତରେ ଥିବା କଳ ଗୁଡିକୁ ପୁଲିସ ବନ୍ଦକରି ଦେଇଥିଲା । କିଛିଦିନ ପରେ ଏହା ଉପରୁ ସଂପୂର୍ଣ୍ଣ ନଜର ହଟିଯିବାରୁ ଏବେ ପୁଣି ମାଲଗୋଦାମରେ ନକଲି ସାମଗ୍ରୀ ପ୍ରସ୍ତୁତ କରୁଥିବା କଳଗୁଡିକ ପୁରାମାତ୍ରାରେ ସକ୍ରିୟ ହୋଇଛଠିଛି । ରାତି ୧୦ଟାରୁ

## ବଢି ଚାଲିଛି ଖାଦ୍ୟ ସାମଗ୍ରୀ ଅପମିଶ୍ରଣ

ସକାଳ ୬ ପର୍ଯ୍ୟନ୍ତ ଏହି କଳଗୁଡିକ ଚାଲୁଥିବା ଜଣାପଡିଛି । ଭେଜାଲ ତଥା ଅପମିଶ୍ରଣ ଖାଦ୍ୟ କାରବାର ରୋକିବା ଲାଗି ଖାଦ୍ୟ ସୁରକ୍ଷା ଏବଂ ନିରାପତ୍ତା ଆଇନ-୨୦୦୬ ଲାଗୁ ହୋଇଛି । ଆଇନ ଅନୁସାରେ ନକଲି ସାମଗ୍ରୀ ପ୍ରସ୍ତୁତକାରୀ ସଂସ୍ଥା ବିରୋଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ଲାଗୁ ହୋଇପାରିବ । ନିମ୍ନମାନର ଖାଦ୍ୟ ପ୍ରସ୍ତୁତକାରୀ ବା ଅପମିଶ୍ରଣକାରୀ ସଂସ୍ଥା ବିରୋଧରେ ମଧ ୫ ଲକ୍ଷ ଟଙ୍କା ଜୋରିମାନା ଏବଂ ଖାଦ୍ୟ ବିଷାକ୍ତ ବା ଅସୁରକ୍ଷିତ ବୋଲି ପ୍ରମାଣିତ ହେଲେ ପ୍ରସ୍ତୁତକାରୀଙ୍କ ବିରୋଧରେ ଆଇନର ଧାରା ୫୯ରେ ୬ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ସହ ୧ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି । ଏପରିକି ଏହି ଖାଦ୍ୟ ଖାଇ ଯଦି କେହି ଅସୁସ୍ଥ ହୋଇପଡିବା ନେଇ ପ୍ରମାଣ ମିଳେ ତେବେ ଏକ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୩ ଲକ୍ଷ ଟଙ୍କା ଜୋରିମାନା, ଗୁରୁତର ଅସୁସ୍ଥ କ୍ଷେତ୍ରରେ ୬ ବର୍ଷ ପର୍ଯ୍ୟନ୍ତ ଜେଲ ଏବଂ ୫ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରାଯାଇପାରିବ । ଖାଲି ସେତିକି ନୁହେଁ ଯଦି ଅପମିଶ୍ରଣ ଖାଦ୍ୟ ଯୋଗୁ ଯଦି କାହାରି ମୃତ୍ୟୁ ଘଟେ ତେବେ ଉକ୍ତ ସଂସ୍ଥାର ମାଲିକଙ୍କୁ ଆଜୀବନ କାରାଦଣ୍ଡ ସହ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡିତ କରାଯାଇପାରିବ । ତେବେ ରାଜ୍ୟରେ ବିଗତ ୫ ବର୍ଷର ଚଢଉ, ଜୋରିମାନା ଓ ବିଭିନ୍ନ ଅପମିଶ୍ରଣକାରୀ ସଂସ୍ଥା ବିରୋଧରେ ରୁଜୁ ହୋଇଥିବା ମାମଲା ଏବଂ ତାହାର ବିଚାର ପ୍ରକ୍ରିୟାକୁ ତର୍ଜମା କଲେ, ଏହି ଆଇନ ନାମକୁ ମାତ୍ର ହୋଇଥିବା ବୁଝାପଡିବ ।

୨୦୧୬ରୁ ୨୦୨୧ ପର୍ଯ୍ୟନ୍ତ ରାଜ୍ୟରେ ଅପମିଶ୍ରଣ ଅଭିଯୋଗରେ ପ୍ରାୟ ୨ ହଜାରରୁ ଅଧିକ ସଂସ୍ଥାରୁ ଖାଦ୍ୟ ସାମଗ୍ରୀର ନମୁନା ସଂଗ୍ରହ ହୋଇଥିଲା । ଏଥିରୁ ୨୯୭ଟି ସଂସ୍ଥାର ଖାଦ୍ୟ ଅପମିଶ୍ରିତ ହୋଇଥିବା ପରୀକ୍ଷାରୁ ଜଣାପଡିଥିଲା । ଏଥିପାଇଁ ୬୪ଟି ସଂସ୍ଥା ବିରୋଧରେ ଫୌଜଦାରୀ ମାମଲା ରୁଜୁ ହୋଇଥିଲା ବେଳେ ୧୬୯ଟି ଦେୱାନୀ ମାମଲା ରୁଜୁ କରାଯାଇଥିଲା । ତେବେ ଏହି ସବୁ ମାମଲା ବିଭିନ୍ନ ଅଦାଲତରେ ବିଚାରାଧୀନ ଅବସ୍ଥାରେ ପଡିରହିଥିବାରୁ କାହାରିକୁ ଦଣ୍ଡବିଧାନ ହୋଇପାରିନାହିଁ । ଏହାଛଡା ଗତ ୭ ବର୍ଷ ମଧ୍ୟରେ କେବଳ ମାତ୍ର ୧୫ଟି ସଂସ୍ଥାରୁ ଜୋରିମାନା ବାବଦକୁ ପ୍ରାୟ ସାଢେ ୪ଲକ୍ଷ ଟଙ୍କା ଆଦାୟ କରାଯାଇଥିବା ଜଣାପଡିଛି । ଅନେକ କ୍ଷେତ୍ରରେ ବିଭାଗୀୟ ଅଧିକାରୀ କେବଳ ଫୁଡ୍ ଲାଇସେନ୍ସକୁ କିଛିଦିନ ପାଇଁ ରଦ୍ଦକରି ବସିପଡିଛନ୍ତି । ଫଳରେ ଏଭଳି ଲୋକଦେଖାଣିଆ ଓ ଉପର ଠାଉରିଆ କାର୍ଯ୍ୟାନୁଷ୍ଠାନ ନେଇ ଅପମିଶ୍ରଣକାରୀମାନେ କୌଣସି ପ୍ରକାର ଭୟଭୀତ ନହୋଇ ନିଜର ଭେଜାଲ କାରବାରର ସାମ୍ରାଜ୍ୟ ବିସ୍ତାର କରିଚାଲିଛନ୍ତି ।

# ସ୍ୱପ୍ନ ଓ ସଂକଳ୍ପର ଅନନ୍ୟ ରୂପକାର ଥିଲେ କଲାମ

**ଜଗତସିଂହପୁର(ପବିତ୍ର କୁମାର ଦାଶ):-** ଭାରତର ପୂର୍ବତନ ରାଷ୍ଟ୍ରପତି ଅବଦୁଲ କଲାମଙ୍କ ସପ୍ତମ ଶ୍ରାଦ୍ଧବାର୍ଷିକୀ ପୁରୁଣାଗଡ ସ୍ଥିତ ପ୍ରଫୁଲ୍ଲ ପାଠାଗାର ପରିସରରେ ପାଳିତ ହୋଇଯାଇଛି । ପାଠାଗାରର ସଭାପତି ଶିକ୍ଷାବିତ୍ ରବୀନ୍ଦ୍ର ନାଥ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ଉପଦେଷ୍ଟା ବିଜୟ କୁମାର ପତି ଅତିଥିମାନଙ୍କ ପରିଚୟ ପ୍ରଦାନ କରିବା ସହ ସଭାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଯୋଗ ଦେଇ ସ୍ୱର୍ଗତ କଲାମ ସ୍ୱପ୍ନ ଓ ସଂକଳ୍ପର ଅନନ୍ୟ ରୂପକାର ଥିଲେ ବୋଲି କହିବା ସହିତ ତାଙ୍କ ସଂଘର୍ଷମୟ ଜୀବନ ଓ ସଫଳତାର କାହାଣୀ ଉତ୍ତରପିଢି ପାଇଁ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ମତ ଦେଇଥିଲେ । ମୁଖ୍ୟବକ୍ତା ଅଧ୍ୟାପକ ଭଗବାନ ଦାଶ ତାଙ୍କ ବକ୍ତବ୍ୟରେ ଅବଦୁଲ କଲାମ କ୍ଷେପଣାସ୍ତ୍ରର ଜନକ ଓ ଜଣେ ଲୋକଙ୍କ ରାଷ୍ଟ୍ରପତି ଭାବେ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିବେ ବୋଲି କହିଥିଲେ । ସେହିପରି ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ରମାକାନ୍ତ ସାମନ୍ତରାୟ, ସତ୍ୟବାଦୀ ଦାସ, ରମେଶ ଚନ୍ଦ୍ର ସାହୁ, ସଞ୍ଜୟ ସାମନ୍ତ ସିଂହାର, ଅଞ୍ଜନ କୁମାର ଜେନା, ଚନ୍ଦ୍ର ଶେଖର ରାୟ, ପ୍ରତାପ ରାଉତରାୟ, ସତ୍ୟବାଦୀ ସାହୁ, ଦେବେନ୍ଦ୍ର କୁମାର ଆଚାର୍ଯ୍ୟ, ଦୀପ୍ତି ରଞ୍ଜନ ଦାଶ ଓ ହିମାଂଶୁ ରଞ୍ଜନ ଜେନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ସ୍ୱର୍ଗତ କଲାମଙ୍କ ଘଟଣା ବହୁଳ ଜୀବନ ସମ୍ପର୍କରେ ଆଲୋକପାତ କରି ଜୀବନରେ ସଫଳତା ପାଇବାକୁ ହେଲେ ବଡ ବଡ ସ୍ୱପ୍ନ ଦେଖିବା ପାଇଁ ପରାମର୍ଶ ଦେଇଥିଲେ ।




# ଡଃ.ସସ୍ମିତ୍ ପାତ୍ର ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଡଃ ସସ୍ମିତ୍ ପାତ୍ର ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ଭାବେ ନିଯୁକ୍ତ ହୋଇଛନ୍ତି । ସେହିପରି ନୂଆକରି ନିର୍ବାଚିତ ହୋଇଥିବା ସୁଲୋଚନା ଦେଓଙ୍କୁ ରାଜ୍ୟସଭାରେ ଦଳର ମୁଖ୍ୟ ସଚେତକ ଭାବେ ନିଯୁକ୍ତି ମିଳିଛି । ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶ୍ରୀ ପାତ୍ର ଓ ଶ୍ରୀମତୀ ଦେଓଙ୍କୁ ଏହି ନୂତନ ଦାୟିତ୍ୱ ଦେଇଛନ୍ତି । ଏ ନେଇ ବିଜେଡିର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ପ୍ରେସ୍ ବିଜ୍ଞପ୍ତୀ



ମାଧମରେ ଗଣମାଧମରେ ସୂଚନା ପ୍ରଦାନ କରିଛନ୍ତି । ସୂଚନାଯୋଗ୍ୟ ଯେ ପୂର୍ବରୁ ରାଜ୍ୟସଭାରେ ପ୍ରସନ୍ନ ଆଚାର୍ଯ୍ୟ ବିଜେଡିର ସଂସଦୀୟ ଦଳର ନେତା ଥିଲେ । ତାଙ୍କ କାର୍ଯ୍ୟକାଳ ସରିବା ପରେ ସସ୍ମିତ୍ ନୂତନ ଭାବେ ଦଳର ଦାୟିତ୍ୱ ନିର୍ବାହ କରିବେ । ପୂର୍ବରୁ ରାଜ୍ୟସଭାରେ ସସ୍ମିତ୍ ନିଜ ପ୍ରତିଭା ପ୍ରଦର୍ଶନ କରିଆସିଛନ୍ତି । ସେ ରାଜସଭା ଉପାଧକ୍ଷ ମଣ୍ଡଳୀରେ ମଧ ଥିଲେ । ସୂଚନାଯୋଗ୍ୟ ଗତ ଜୁନ୍ ମାସ ପ୍ରଥମ ସପ୍ତାହରେ ବିଜୁ ଜନତା ଦଳର ୩ଜଣ ରାଜ୍ୟସଭା ପ୍ରାର୍ଥୀ ନିର୍ବାଚିତ ହୋଇଥିଲେ । ଏହି ସମୟରେ ଶ୍ରୀ ପାତ୍ର ଦ୍ୱିତୀୟଥର ପାଇଁ ରାଜ୍ୟସଭାକୁ ନିଦ୍ୱନ୍ଦରେ ନିର୍ବାଚିତ ହୋଇଥିଲେ ।

# ପୁରୀରେ ମାତ୍ରାଧିକ ନକଲି ଶିକ୍ଷକ

**ପୁରୀ(ସଂପର୍କବାର୍ତ୍ତା):-** ଶିକ୍ଷା ବ୍ୟବସ୍ଥାରେ ବ୍ୟାପକ ଅବ୍ୟବସ୍ଥା ଶିକ୍ଷାଦାନ କରୁଛନ୍ତି ନକଲି ଶିକ୍ଷକ । ଆଉ ଖୋଦ୍ ଗଣଶିକ୍ଷା ମନ୍ତ୍ରୀଙ୍କ ଜିଲ୍ଲା ପୁରୀରେ ଦୀର୍ଘ ବର୍ଷ ଧରି ମାଳମାଳ ନକଲି ଶିକ୍ଷକ କରୁଛନ୍ତି ଶିକ୍ଷାଦାନ କାହାର ଜାତିଗତ ପ୍ରମାଣପତ୍ର ନକଲି ଓ ଆଉ କାହାର ସିଟି ଓ ବିଇଡି ପ୍ରମାଣପତ୍ର ମଧ ନକଲି ।

ଆଉ ଏହି ଘଟଣାର ପର୍ଦ୍ଦାଫାସ୍ ହେବା

## ନକଲି ପ୍ରମାଣିତ ହେଲେ ଫୌଜଦାରୀ ମାମଲା

ପରେ ଜିଲ୍ଲା ଶିକ୍ଷାଧିକାରୀ ଦୁଇଜଣ ନକଲି ଶିକ୍ଷକଙ୍କୁ ଚିହ୍ନଟ କରି ନିଲମ୍ବିତ କରିଛନ୍ତି । ଆଉ ଏହି ତାଲିକା ଦୁଇରେ ସୀମିତ ନୁହେଁ, ଏହିଭଳି ପୁରୀ ଜିଲ୍ଲାରେ ନକଲି ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ୪୯ଜଣ ତାଲିକା ପ୍ରସ୍ତୁତ କରିଛି ଶିକ୍ଷା ବିଭାଗ । ତାହା ସହିତ ପୁରୀ ଜିଲ୍ଲାର ୩୦୦ଜଣ ଶିକ୍ଷକଙ୍କର ପ୍ରମାଣପତ୍ର ଯାଞ୍ଚ ପାଇଁ ଜାରୀ ହୋଇଛି । ଜିଲ୍ଲା ଶିକ୍ଷାଧିକାରୀ ବିଶ୍ୱଜିତ ଘୋଷ ଫର୍ଜରୀ ପ୍ରମାଣପତ୍ର ନେଇ ଜାରୀ କରିଛନ୍ତି କାରଣଦର୍ଶାଅ ନୋଟିସ୍ । ସେମାନେ ହେଲେ କୃଷ୍ଣପ୍ରସାଦର ବାଲିସାହି ପ୍ରକଳ୍ପ ୟୁପି ସ୍କୁଲର ସହକାରୀ ଶିକ୍ଷକ ସର୍ମିଷ୍ଠା ଦାସ, କ୍ଷୀରିସାହୀ ସ୍କୁଲ୍ର ପ୍ରବୀଣ କୁମାର ମାଝୀ, ବାଉରୀପାଲି ସ୍କୁଲ୍ର ସନ୍ତୋଷ କୁମାର ପ୍ରଧାନଙ୍କୁ ନୋଟିସ୍ ଜାରି ହୋଇଥିଲେ ସୁଦ୍ଧା ଏଯାବତ ସେମାନେ କାରଣ ଦର୍ଶାଅ ନୋଟିସ୍ର ଉତ୍ତର ରଖିନାହାଁନ୍ତି । ସେପଟେ ଜିଲ୍ଲାର ସମସ୍ତ ବିଇଓଙ୍କୁ ପ୍ରମାଣପତ୍ର ଯାଞ୍ଚ କରି ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ନକଲି ପ୍ରମାଣିତ ହେଲେ ସେମାନଙ୍କ ବିରୁଦ୍ଧରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି କହିଛନ୍ତି ଜିଲ୍ଲା ଶିକ୍ଷାଧିକାରୀ ।




ଶିକ୍ଷା ବିଭାଗର ଅଧିକାରୀଙ୍କ ସହ ଜାଲ୍ ଶିକ୍ଷକଙ୍କ ମଧୁଚନ୍ଦ୍ରୀକା ଯୋଗୁଁ ବିଭିନ୍ନ ସ୍କୁଲ୍ରେ ମାଳମାଳ ନକଲି ଶିକ୍ଷକ ବେଧଡକ ଭାବେ କରିଆସୁଛନ୍ତି ଶିକ୍ଷାଦାନ । ଆଉ ଯାଞ୍ଚ ବେଳେ ସେମାନେ ଲାଞ୍ଚ ଦେଇ ତଦନ୍ତକୁ ବାଟବଣା କରୁଛନ୍ତି । ଶୁଣିବାକୁ ମିଳୁଛି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବଡ ଧରଣର ଡିଲ୍ ହେଉଛି ଏବଂ ଏକ ଟଙ୍କା କାରବାରର ରାକେଟ୍ ଚାଲୁଛି । ତେବେ ଯାଞ୍ଚର ମାନଦଣ୍ଡ ଅନୁସାରେ ତଦନ୍ତ କଲେ ଖାଲି କୃଷ୍ଣପ୍ରସାଦ କି ବ୍ରହ୍ମଗିରି ନୁହେଁ ସମଗ୍ର ପୁରୀ ଜିଲ୍ଲାରେ ଶହଶହ ନକଲି ଶିକ୍ଷକଙ୍କ ପର୍ଦ୍ଦାଫାସ୍ ହୋଇପାରିବ ବୋଲି କହିଛନ୍ତି ଶିକ୍ଷକ ନେତା । ସେପଟେ ଏହାର ପର୍ଦ୍ଦାଫାସ୍ ପାଇଁ ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚକୁ ତଦନ୍ତ ଭାର ଦିଆଯାଇ ଜାଲ୍ ଶିକ୍ଷକଙ୍କ ବିରୁଦ୍ଧରେ ଫୌଜଦାରୀ ମକଦ୍ଦମା ରୁଜୁ କରିବାକୁ ଦାବି ହୋଇଛି ।

# ବିଧାୟକ ସୁରଙ୍କ ବିରୁଦ୍ଧରେ ଏତଲାକୁ ସ୍ୱାଗତ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେନ୍ଦ୍ରାପଡା ନଗର ବିଜେପି ପକ୍ଷରୁ କଂଗ୍ରେସ ନେତା ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ବିରୁଦ୍ଧରେ ଟାଉନ୍ ଥାନାରେ ଏତଲା କରାଯାଇଥିବା ଖବର ଗତ ୩୧ ତାରିଖ ରବିବାର ମୁଦ୍ରିତ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏ ଖବର ପ୍ରଚାର ପ୍ରସାର ପରେ ବିଭିନ୍ନ ବ୍ୟକ୍ତିବିଶେଷଙ୍କ ମୁହଁରୁ ଏହାକୁ ସ୍ୱାଗତ କରାଯାଉଥିବା ଲକ୍ଷ୍ୟ କରାଯାଉଛି । ଯାହାଫଳରେ କେନ୍ଦ୍ରାପଡାର ନଗର ବିଜେପି ନେତାଙ୍କୁ ସ୍ୱାଗତ ମଧ କରାଯାଉଛି । ଅଶାଳୀନ ମନ୍ତବ୍ୟ, ମନ୍ତବ୍ୟରେ ଶାଳୀନତା ନଥିବା, କିଛି ଲୋକଙ୍କୁ ଅର୍ଥ ଦାନ କଲା ବେଳେ ଦୁଇ ଅକ୍ଷର ବ୍ୟବହାର କରି ଗାଳି ଦେବା ସମଗ୍ର ଦେଶର ଯେ କୌଣସି ସମ୍ମାନୀୟ ବ୍ୟକ୍ତି ଓ ରାଜନୈତିକ ବିଶେଷଙ୍କୁ ଫୋପାଡିଲା ଭଳି ଅଶାଳୀନ ଭାଷାରେ ମନ୍ତବ୍ୟ ଦେଉଥିବା ଘଟଣା ବିରୁଦ୍ଧରେ ବିରୋଧି ସ୍ୱର ସୋସିଆଲ୍ ମିଡିଆରେ ପ୍ରକାଶ ପାଉଥିବା ବେଳେ ଆଇନ୍‌ଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ନେଇ କେହି ପଦକ୍ଷେପ ନେଉନଥିଲେ । ଯାହାହେଉ ଏତେଦିନ ପରେ ବରିଷ୍ଠ ବିଧାୟକ ସୁରଙ୍କ ବିରୁଦ୍ଧରେ କେନ୍ଦ୍ରାପଡାର



ବିଜେପି ନଗର ନେତାମାନେ ଏପରି ପଦକ୍ଷେପ ନେଇଥିବାକୁ ନିଶ୍ଚିତଭାବେ ଏହାର ପ୍ରଭାବ ପଡିବ ଏବଂ ସୁରଙ୍କ ତୁଣ୍ଡରେ ନିଶ୍ଚିତ ଭାବେ ବ୍ରେକ୍ ଲାଗିବ ବୋଲି କୁହାଯାଉଛି ।

# କଟକରେ ଦିନରେ ଭାରି ଯାନ ଚଳାଚଳ

**କଟକ(ସଂପର୍କବାର୍ତ୍ତା):-** ଦିନରେ ଏବେ ସହର ଭିତରକୁ ଅବାଧରେ ଭାରୀଯାନ ପ୍ରବେଶ କରିଛି । ଏହି ଭାରୀଯାନଗୁଡିକ ବିନା ଅଙ୍କୁଶରେ ସହରରେ ଯାତାୟାତ କରୁଛନ୍ତି । ଏଥିପାଇଁ କେବଳ ଦୁର୍ଘଟଣା ବଢୁନାହିଁ ଅନେକ ସମୟରେ ଟ୍ରାଫିକ ସମସ୍ୟା ମଧ ସୃଷ୍ଟି ହେଉଛି । ଦିନବେଳା ଜନଗହଳିପୂର୍ଣ୍ଣ ଅଂଚଳରେ ଭାରୀଯାନ ପ୍ରବେଶ ଯୋଗୁଁ କେବଳ ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଉଭୟ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ସକାଳ ୬ରୁ ରାତି ୧୦ଟା ପର୍ଯ୍ୟନ୍ତ ସହରକୁ ଭାରୀଯାନ ପ୍ରବେଶ ଓ ଚଳାଚଳରେ କଟକଣା ଜାରି କରାଯାଇଥିଲା । କେବଳ ପରିବା, ତେଜରାତି ଓ ଅତ୍ୟାବଶ୍ୟକ ସାମଗ୍ରୀ ନେଇ ଆସୁଥିବା ଗାଡି କ୍ଷେତ୍ରରେ ନିୟମ ସାମାନ୍ୟ କୋହଳ ରହିଛି । ମାତ୍ର ଏବେ ବେଧଡକ ଭାବେ ସହର ଭିତରେ ଭାରୀଯାନ ପ୍ରବେଶ ଓ ଚଳାଚଳ କରୁଥିବା ଦେଖିବାକୁ ମିଳିଛି । କେବଳ ମାଲ ଶୀଘ୍ର ପହଞ୍ଚାଇବା ଉଦ୍ଦେଶ୍ୟରେ ସହର ଭିତରକୁ ଟ୍ରାନ୍ସପୋର୍ଟ ଗାଡିଗୁଡିକୁ ପ୍ରବେଶ କରାଯାଉଛି । ବାଲି, ଗୋଡି, ଇଟା ବୋଝେଇ ଟ୍ରକ ଓ ଡମ୍ଫର ସ୍ଥିତିକୁ ଆହୁରି ବିଗାଡି ଦେଉଛି । ବେଲଭ୍ୟୁ-ନରାଜ ରାସ୍ତାର କାଠଯୋଡି ଘାଟରୁ ଦିନତମାମ ବାଲି ଭର୍ତ୍ତି ଟ୍ରକ ଚଳାଚଳ କରୁଛି । ଆଖାପା ଅଂଚଳ ସମେତ ସହର ବାହାରକୁ ମଧ ଏହିଠାରୁ ବାଲି ଚାଲାଣ ହେଉଛି । ଘେରିବନ୍ଧର ଦୁଇପଟ ରାସ୍ତାଦେଇ ବାଲି ବୋଝେଇ ଗାଡିଗୁଡିକେ ଅନାୟାସରେ ଚଳପ୍ରଚଳ କରୁଥିଲେ ମଧ ଭିନ୍ନ କାରଣରୁ ସ୍ଥାନୀୟ ପୁଲିସ ଏହାକୁ ଦେଖି ନ ଦେଖିଲା



ପରି ଅଭିନୟ କରୁଛି । ଅଣ ଓସାରିଆ ଓ ଖରାପ ରାସ୍ତାରେ ଭାରୀଯାନ ପ୍ରବେଶ କରାଇବା ସହ ଚାଳକର ବେପରୁଆ ଗାଡି ଚାଳନା ଯୋଗୁଁ ଦୁର୍ଘଟଣା ବଢୁଛି । କେଉଁଠି ଦମ୍ପତିଙ୍କ ମୃତ୍ୟୁ ଘଟୁଛି ତ, ଆଉ କେଉଁଠି କଲେଜ ପଢୁଆ ଛାତ୍ରଙ୍କ ଜୀବନ ଯାଉଛି । ଗତ ସକାଳେ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ନିକଟ ଘେରିବନ୍ଧ କଡରୁ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ମିଳିଥିଲା । ପରିବାର ଲୋକେ ଏହାକୁ ହତ୍ୟାକାଣ୍ଡ ବୋଲି କହୁଛନ୍ତି ମାତ୍ର ଦୁର୍ଘଟଣା ଜନିତ ତଥା କୌଣସି ଭାରୀଯାନ ସକ୍କାରେ ଯୁବକର ମୃତ୍ୟୁ ଘଟିଥିବା ପୁଲିସ ଜୋର ଦେଇ କହୁଛି । ଏପଟେ ପୂର୍ବ ଘଟଣାକୁ ଦେଖିଲେ, ୨୦୧୯ରେ ଜନ୍ ୧୮ରେ ମର୍କତନଗର ଅଂଚଳରେ ସମାନ ଧରଣର ଅଘଟଣ ଘଟିଥିଲା । ସେକ୍ଟର - ୯ ଅଂଚଳରେ ଏକ ଦ୍ରୁତଗାମୀ ଡମ୍ଫର ଦୁର୍ଘଟଣାରେ ଜଣେ ଶିକ୍ଷୟତ୍ରୀ ଗୁରୁତର ହୋଇଥିଲେ । ଡମ୍ଫରଟି ତାଙ୍କ ଗୋଡ ଉପରେ ଚଢିଯାଇଥିଲା । ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା ।

ସେପ୍ଟେମ୍ବରରେ ଟ୍ରକ ଧକ୍କାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିଲା । ଦିନ ଦ୍ୱିପ୍ରହରରେ ମାଲଗୋଦାମରୁ କଲେଜଛକ-ଓଏମପି ଫ୍ଲାଏଓଭର ଆଡକୁ ଯାଉଥିବା ଟ୍ରକ ସମ୍ପୃକ୍ତ ଛାତ୍ରୀଙ୍କୁ ଧକ୍କାଦେଇ ତାଙ୍କ ଉପରେ ମାଡି ଯାଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ପ୍ରାଣବାୟୁ ଉଡିଯାଇଥିଲା । ଯଦିଓ ଏହି ଅଘଟଣ ପରେ ପୁଲିସ କଡା ପଦକ୍ଷେପ ନେଇଥିଲେ ହେଁ ତାହା ମଧ କିଛିଦିନ ସୀମିତ ରହିଥିଲା । ପରବର୍ତ୍ତୀ ସମୟରେ ପୁଲିସର କୋହଳ ଓ ବେପରୁଆ ମନୋଭାବ ଯୋଗୁଁ ଦିନବେଳା ସହରରେ ମାଳମାଳ ଭାରୀଯାନ ଯାଆସ କରୁଥିବା ଦେଖିବାକୁ ମିଳୁଛି ।

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ
ସଂପର୍କବାର୍ତ୍ତା



# ସମ୍ପାଦକୀୟ

## ଚିତାଲାଗି ଅମାବାସ୍ୟା

ଚିତାଲାଗି ଅମାବାସ୍ୟା ବା ଚିତଉ ଉଆଁସ ଓଡ଼ିଶାରେ ପାଳିତ ଏକ ଗଣପର୍ବ । ଏହା ଶ୍ରାବଣ ମାସର ଅମାବାସ୍ୟା ତିଥିରେ ପାଳିତ ହୋଇଥାଏ । ଏହି ଦିନ ଶ୍ରୀମନ୍ଦିରରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର(୩ ଠାକୁର)ଙ୍କ ଚିତାଲାଗି ହୋଇଥାଏ । ଜଗନ୍ନାଥଙ୍କ ନିତିଦିନିଆ ପୂଜା ଓ ଧୂପ ଶେଷ ହେବା ପରେ ଦଇତାପତିମାନେ ତିନି ଠାକୁରଙ୍କ ଲଲାଟରେ ଚିତାଲାଗି କରନ୍ତି । ଏହି ଦିନ ଗେଣ୍ଡା ଆଦି ଜଳଚର ପ୍ରାଣୀଙ୍କ ଉଦ୍ଦେଶ୍ୟରେ ଚିତଉ ଓ ଗଇଣ୍ଠା ଆଦି ପିଠା ଅର୍ପଣ କରାଯାଇଥାଏ । ଏହି ପ୍ରଥା ସବର ପରମ୍ପରାରୁ ଆନିତ



ବୋଲି ବିଧିତ । ଏଥିରେ ଚିତଉ ପିଠା କରି ଜୀବଜନ୍ତୁମାନଙ୍କୁ ଖୁଆଇ ସନ୍ତୁଷ୍ଟ କରିବାର ପ୍ରଥା ରହିଛି । ସେଥିପାଇଁ "ଗେଣ୍ଡାକଟା ଓଷା" ନାମରେ ମଧ ଜଣାଶୁଣା । ବାଲେଶ୍ୱର, ମୟୂରଭଞ୍ଜ ଓ କେନ୍ଦୁଝର ଆଦି ଅଞ୍ଚଳରେ ଏହି ପର୍ବକୁ ଗେଣ୍ଡାକଟା ଅମାବାସ୍ୟା କୁହାଯାଏ । ଏହା ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଆଦିବାସୀମାନଙ୍କ ମଧ୍ୟରୁ ଜନ୍ତୁ ଆଦିକୁ ସନ୍ତୁଷ୍ଟ କରିବା ଉଦ୍ଦେଶ୍ୟରେ ପାଳିତ ପର୍ବମାନଙ୍କ ମଧ୍ୟରେ ଗୋଟିଏ । ସାଧାରଣତଃ ଚାଷୀମାନେ ବର୍ଷାଋତୁ ସମୟରେ ଧାନ ଫସଲ କରିବା ସମୟରେ, ବିଲରେ ଗେଣ୍ଡା ଯୋଗୁଁ ଗୋଡ କାଟି ହୋଇ କ୍ଷତି ହୋଇଥାଏ । ଏଣୁ ଏହି ସମ୍ଭାବନାକୁ ଏଡାଇବା ନିମନ୍ତେ ଚିତଉ ପିଠାକୁ ସାରୁ ପତ୍ରରେ ରଖି ଗେଣ୍ଡାମାନଙ୍କ ଉଦ୍ଦେଶ୍ୟରେ ବିଭିନ୍ନ ଜଳାଶୟରେ ଭସାଯାଏ ।



ସମ୍ପାଦକ

ଏହି ଶ୍ରାବଣ ଅମାବାସ୍ୟା ଦିନ ଶ୍ରୀମନ୍ଦିର ୩ ଠାକୁରଙ୍କ ଲଲାଟରେ ଦଇତାପତିମାନେ ଚିତାଲାଗି କରୁଥିବାରୁ ଏହାର ନାମ ଚିତାଲାଗି ଅମାବାସ୍ୟା । ଏହାର ଅନେକ ବିଧି ମଧ ରହିଛି । ସ୍ନାନ ପୂର୍ଣ୍ଣିମା ଦିନ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଲଲାଟରୁ ଏବଂ ଯେଉଁ ଚିତାଉଲାଗି କରାଯାଇଥାଏ ଏହାକୁ ନେଇ ଶ୍ରାବଣ ମାସ ଅମାବାସ୍ୟା ତିଥିରେ ଲାଗି କରାଯାଏ । ଶ୍ରୀ ଜଗନ୍ନାଥଙ୍କ ମସ୍ତକରେ ହୀରା ଖଚିତ ନୀଳ ଚିତା ଏବଂ ଦେବୀ ସୁଭଦ୍ରାଙ୍କ ମସ୍ତକରେ ମାଣିକ ଖଚିତ ନାଲିଚିତା ଲାଗି କରାଯାଏ । ପରମ୍ପରା ଏବଂ ବିଧି ମୁତାବକ ପତି ମହାପାତ୍ର ସେବାୟତ ଏହି ଚିତାକୁ ସଂସ୍କାର କରିବା ପରେ ଦଇତାପତି ସେବାୟତ ଶ୍ରୀ ବିଗ୍ରହଙ୍କ ମସ୍ତକରେ ପରିଧାନ କରାଇଥାନ୍ତି । ଏହି ଚିତା ଶ୍ରୀ ବିଗ୍ରହମାନଙ୍କ ମସ୍ତକରେ ପରବର୍ତ୍ତୀ ସ୍ନାନ ପୂର୍ଣ୍ଣିମା ପର୍ଯ୍ୟନ୍ତ ଲାଗି ରହିଥାଏ । ଶ୍ରୀ ମନ୍ଦିରରେ ଚିତାଲାଗି ଅମାବାସ୍ୟା ୧୩ଶ ଶତାବ୍ଦୀରୁ ପାଳିତ ହୋଇଆସୁଛି ବୋଲି ଜଣାଯାଏ ।

ଏହି ଓଷାରେ ଗୃହିଣୀମାନେ ଘରେ ଚିତଉ ପ୍ରସ୍ତୁତ କରି ଏହି ପିଠାକୁ ଧାନ କ୍ଷେତରେ, ବାଡି ବଗିଚାରେ, ଫସଲ କିଆରିରେ ମାଟିକୁ ଜନନୀ ଜ୍ଞାନ କରି ତାହାଙ୍କ ପାଇଁ ସମର୍ପଣ କରି ପୋତନ୍ତି । ତାହା ସହିତ ଠାକୁର ବା ଇଷ୍ଟ ଦେବତାଙ୍କୁ ମଧ ଭୋଗ କରନ୍ତି । ଏହି ସମୟରେ ବିଲରେ ପ୍ରଚୁର ଗେଣ୍ଡା ଦେଖାଯାଆନ୍ତି । ଏମାନେ ଚାରା ସବୁ କାଟି ପକାନ୍ତି । ପୁଣି ବଛା ଏବଂ ଖେଳା ବେଳେ ଚାଷୀର ଗୋଡ, ଆଣ୍ଠୁ ବା ହାତକୁ କାଟି ଦିଅନ୍ତି । କାରଣ ଆଣ୍ଠୁ ପକାଇ ବିଲା ବାଛିବା ବେଳେ ହାତ ଓ ଗୋଡ ଭୂମି ସହିତ ଲାଗି ରହିଥାନ୍ତି । ଏଣୁ ସାମାନ୍ୟ ଅସାବଧାନତାରୁ ଗେଣ୍ଡା ଗୋଡ ଆଣ୍ଠୁ କାଟିଦିଏ । ଏହି ଦୁଇଟିରୁ ରକ୍ଷା ପାଇବା ପାଇଁ ଗେଣ୍ଡାଙ୍କ ଉଦ୍ଦେଶ୍ୟରେ ଚିତଉ ପିଠା କରି ପୋଖରି ବା ଚାଷ ଜମିକୁ ଫିଙ୍ଗନ୍ତି । ଗେଣ୍ଡାମାନେ ପିଠା ପ୍ରତି ଆକୃଷ୍ଟ ହୋଇ ଚାରା ଗଛ ଓ ମଣିଷ ଠାରୁ ନିବୃତ୍ତ ରୁହନ୍ତି । ପରମ୍ପରା ଅନୁଯାୟୀ ଏହି ଦିନରେ ପୋଖରୀରୁ ଗେଣ୍ଡା ଉଦ୍ଦେଶ୍ୟରେ ଝିଅପିଲାମାନେ ପିଠା ନିକ୍ଷେପ କରି ବାପା ଭାଇ ଓ ବନ୍ଧୁବାନ୍ଧବମାନଙ୍କ ଗୋଡ ନ କାଟିବାକୁ ଗେଣ୍ଡା ମାନଙ୍କ ଉଦ୍ଦେଶ୍ୟରେ କହନ୍ତି- **"ଗଣ୍ଡେଇ ଶୁଣିଲୋ ଗଣ୍ଡେଇ ଶୁଣି ମୋ ଗୋଡ କାଟିବୁ ନାହିଁ, ମୋ ବାପା ଗୋଡ କାଟିବୁ ନାହିଁ, ମୋ ବୋ ଗୋଡ କାଟିବୁ ନାହିଁ, ଭାଇ ଗୋଡ କାଟିବୁ ନାହିଁ, ଆମ ଫସଲ କାଟିବୁ ନାହିଁ"**

ଏଥିପାଇଁ ଏହି ଓଷାରେ ଗେଣ୍ଡାକୁ ଗେଣ୍ଡେଇଶୁଣୀ ନାମରେ ପୂଜା ମଧ କରାଯାଇଥାଏ । ଏହି ବିଧି ସକାଶେ ଓଡ଼ିଶାର ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର ଜିଲ୍ଲା ଆଦିରେ ଏହା ଗେଣ୍ଡା କଟା ଅମାବାସ୍ୟା ନାମରେ ଜଣାଶୁଣା ।

### ଇତିହାସ-

ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ଏବଂ ଏଠାକାର ଆରାଧ ଦେବତା ହେଉଛନ୍ତି ଜଗନ୍ନାଥ । ଧର୍ମନୈତିକ, ରାଜନୈତିକ, କଥା ଅନୁରୂପ, ପର୍ବପର୍ବାଣୀକୁ ଭିନ୍ନ ଅନେକ କୃଷିଭିତ୍ତିକ ପର୍ବପର୍ବାଣୀ ଯଥା- ନବାହ୍ନ ଭକ୍ଷଣ, ଅକ୍ଷୟ ତୃତୀୟା, ରଜ, ଚିତାଲାଗି ଅବାବାସ୍ୟା, ସାମ୍ବ ଦଶମୀ ଏବଂ ମାଣବସା ଗୁରୁବାର ଆଦି ଜଗନ୍ନାଥଙ୍କୁ ଆଧାର କରି ପାଳନ କରାଯାଇଥାଏ । ଓଡ଼ିଶାର ଧାନ ମୁଖ୍ୟ ଫସଲ । ଏଣୁ ଧାନ ବୁଣାଠାରୁ କାଟିବା ପର୍ଯ୍ୟନ୍ତ ଧାନକୁ କେନ୍ଦ୍ର କରି ବିଭିନ୍ନ ପ୍ରକାର ପର୍ବ ପାଳିତ ହୁଏ । ଧାନବୁଣା ବେଳେ ଅକ୍ଷୟ ତୃତୀୟା, ବର୍ଷ ପୂର୍ବରୁ ରଜ ପର୍ବ ଏବଂ ଏହି କ୍ରମରେ ଧାନ କଟା ବେଳକୁ ମାଣବସା, ତୃତୀୟ କୃଷିଭିତ୍ତିକ ପର୍ବ ଭାବେ ପାଳିତ ହୁଏ ।

ଚିତାଲାଗି ପର୍ବ ଅମାବାସ୍ୟା ଦିନରେ ପଡିଥିବାରୁ କାଳଯୋଗ ନେଇ ଜୀଉମାନଙ୍କୁ ଅଘଟଣ ଯୋଗ ଥାଇପାରେ । କେବେ ବି ରାହୁ ବା କେତୁ ଗ୍ରସ୍ତ ସୂର୍ଯ୍ୟପରାଗ ଘଟେ, ବେଳେବେଳେ ଚତୁର୍ଦ୍ଦଶୀ ଏବଂ ଅମାବାସ୍ୟାକୁ ଧରି ଏପଟ ସେପଟ ହୁଏ । ଏହି ଦିନ ଯେଉଁ ଶ୍ରାଦ୍ଧ ପଡେ ତାକୁ ପାର୍ବଣ ଶ୍ରାଦ୍ଧ କୁହାଯାଏ । ମନ୍ଦିର ବ୍ୟତୀତ ଘରେ ଯେଉଁ ଚିତାଲାଗି ପର୍ବପାଳିତ ହୁଏ ତାକୁ ଗୃହିଣୀ ଚିତାଲାଗି ପର୍ବ କହନ୍ତି ।

ଏବେ "ସଂପର୍କବାର୍ତ୍ତା" ଆପଣଙ୍କ ହାତପାହାନ୍ତାରେ
ପଢିବା ପାଇଁ ଭିଜିଟ୍ କରନ୍ତୁ
www. samparkabarta.in

# ଆଷାଢ-ଶ୍ରାବଣରେ ମେଘ ବରଷୁନି ଘନଘନ

ଶ୍ରାବଣରେ ବି ବର୍ଷା ନାହିଁ । ଜମି ଫାଟି ଆଁ କରିଛି । ଚାଷୀକୂଳ ଆକଶକୁ ଚାହିଁ ହତାସ । ଆମେ ପିଲାଦିନେ ପଢୁଥିଲୁ - ବର୍ଷାରେ ଆଷାଢ ଶ୍ରାବଣ, ମେଘ ବରଷେ ଘନଘନ ।କେବଳ ସେତିକି ନୁହେଁ ହଜିଯାଉଛି ଋତୁ । ବର୍ଷ ସାରା ମୁଣ୍ଡଫଟା ଖରା । ମୌସୁମୀ ଖେଳୁଛି ଲୁଚକାଳି । ପାଣିପାଗ ବିଶେଷଜ୍ଞଙ୍କ ମତରେ ଏବେ ସାତ ଆଠ ଦିନ ବର୍ଷା ହେବାର ସମ୍ଭାବନା ନାହିଁ । କେତେବେଳେ କେଉଁଠି କାଳ ବୈଶାଖୀ ଯୋଗୁଁ ମଝିରେ ମଝୀରେ ବର୍ଷା ହେଉଛି । ତାହା ବି ପର୍ଯ୍ୟାପ୍ତ ନୁହେଁ । ରାଜ୍ୟରେ ଦୁର୍ବଳ ସ୍ଥିତିରେ ମୌସୁମୀ । ଗତ ୨୪ ଘଣ୍ଟା ମଧ୍ୟରେ ୧.୧ ମିମି ବର୍ଷା ରେକର୍ଡ ହୋଇଛି । ଯାହାକି ସ୍ୱଭାବିକ ବର୍ଷା ୧୪ମିମି ତୁଳନାରେ ୯୨%କମ୍ ବୋଲି କୁହାଯାଉଛି । ଖାଲି ସେତିକି ନୁହେଁ ଚଳିତ ବର୍ଷ ଫେବୃଆରୀରୁ ଖରାର ପ୍ରକୋପ ବଢିଚାଲିଛି । ମଇ ମାସ ଅଧାହେଲା ତଥାପି ତାତିରୁ ମୁକ୍ତି ନାହିଁ । ଏପରିକି ଏବର୍ଷ ରଜରେ ଅସହ୍ୟ ଗୁଳୁଗୁଳି ଓ ତାତି । ମୌସୁମୀ ଆସିବା ଘୁଞ୍ଚି ଘୁଞ୍ଚି ଯାଉଛି । ମୁଁ ଅଳପ ହସି କହିଲି- ବିଜୟ ବାବୁ, ଆମେ ସିନା ପଢିଲା ବେଳେ ପଢୁଥିଲୁ ବରଷକ ବାରମାସ, ଛଅ ଋତୁ । କିନ୍ତୁ ଛଅ ଋତୁ ଆଜି ସାତ ସପନ । ଋତୁ କହିଲେ ଏବେ ଗ୍ରୀଷ୍ମ, ବର୍ଷା, ଶୀତ । ଗ୍ରୀଷ୍ମର ପ୍ରକୋପ ଆଗରେ ହଜୁଛି ବସନ୍ତ, ଶରତ, ହେମନ୍ତ । ବିଶେଷକରି ଗ୍ରୀଷ୍ମର ପ୍ରକୋପ ଆଗରେ ଋତୁରାଜ ବସନ୍ତ ହଜିଯାଉଛି ।

ଏବର୍ଷ ଫେବୃଆରୀ ମଧଭାଗରୁ ରାଜଧାନୀ ଭୁବନେଶ୍ୱର ସବୁଠାରୁ ଉତ୍ତପ୍ତ ସହରଭାବେ ପରିଚିତ ହୋଇଛି । ଏଠି ସର୍ବାଧିକ ତାପମାତ୍ରା ୪୦.୪ଡିଗ୍ରୀ ସେଲ୍‌ସିୟସ୍ ରେକର୍ଡ କରାଯାଇଛି । ପୂର୍ବରୁ ମଧ ଫେବୃଆରୀରେ ରାଜଧାନୀରେ ତାପମାତ୍ରା ୪୦ଡିଗ୍ରୀ ପାର କରିବାର ରେକର୍ଡ ରହିଛି । ୧୯୬୩ ଫେବୃଆରୀ ଭୁବନେଶ୍ୱର ତାପମାତ୍ରା ୪୨.୩ ଡିଗ୍ରୀ ସେଲ୍‌ସିୟସ୍ ରହିଥିବା ବେଳେ, ୨୦୧୨ରେ ୪୦.୧ଡିଗ୍ରୀ, ୨୦୧୬ରେ ୪୦.୯ଡିଗ୍ରୀ, ୨୦୧୯ରେ ୩୯.୪ଡିଗ୍ରୀ ରହିଥିଲା ।ବିଗତ ଦିନରେ ଭୁବନେଶ୍ୱରରେ ରେକର୍ଡ ହୋଇଥିବା ସର୍ବାଧିକ ତାପମାତ୍ରା ଚଳିତବର୍ଷ ଭାଙ୍ଗିପାରେ ବୋଲି ଆଶଙ୍କା ସୃଷ୍ଟି ହୋଇଛି । ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଆରମ୍ଭ ହୋଇଯାଇଛି । ରାଜ୍ୟର ତାପମାତ୍ରା ଆଗକୁ ଆହୁରି ବଢିବ ବୋଲି ସୂଚନା ମିଳିଛି । ଗତ ଶନିବାର ୧୦ଟି ଜିଲ୍ଲାରେ କାଳବୈଶାଖୀ ଯୋଗୁଁ ବିଜୁଳି ଘଡଘଡି ସହିତ ବର୍ଷା ହୋଇଛି । ଏଥିଯୋଗୁଁ ଗ୍ରୀଷ୍ମରୁ ସାମାନ୍ୟ ହ୍ରାସ ପାଇଛି । ଏସବୁ ସତ୍ତ୍ୱେ ପାଣିପାଗ ବିଭାଗ ପୂର୍ବାନୁମାନ କରିଛି ଯେ, ତଥାପି ଆହୁରି ୩ଦିନ ପର୍ଯ୍ୟନ୍ତ ସର୍ବାଧିକ ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ । ଏପରିକି କେତେକ ସ୍ଥାନରେ ତାପମାତ୍ରା ସ୍ୱାଭାବିକ ଠାରୁ ୩ଡିଗ୍ରୀରୁ ୫ଡିଗ୍ରୀ ପର୍ଯ୍ୟନ୍ତ ଅଧିକ ବଢିବ । ବର୍ତ୍ତମାନ ବାୟୁମଣ୍ଡଳରେ ଜଳୀବାଷ୍ପ କମ୍ ଥିବାରୁ ଉତ୍ତାପ ବଢି ଚାଲିଛି । ସେହିପରି ଆସନ୍ତା ଦିନରେ ରାଜ୍ୟର ତାପମାତ୍ରା ବଢିବା ସହ ୨୦୨୧ ଉତ୍ତପ୍ତ ବର୍ଷ ହେବ ବୋଲି ବିଶେଷଜ୍ଞମାନେ ମତପ୍ରକାଶ କରିଛନ୍ତି । ଏଥିସହିତ ଚଳିତ ବର୍ଷ ଖରାଦିନ ଶୀଘ୍ର ଆସିଛି ଓ ଏହାର ଅବଧି ଲମ୍ବା ହେବ ବୋଲି କୁହାଯାଉଛି ।

ଏବେ ଋତୁଚକ୍ରରେ ଅସ୍ୱାଭାବିକ ପରିବର୍ତ୍ତନ ହେଉଛି । ଆଗଭଳି ଆଉ ଛଅ ଋତୁ ଅନୁଭବ କରିହେଉନି । ଛଅଋତୁ ଆଜି ସାତ ସପନ । ଶରତ, ଶୀତ ଓ ବସନ୍ତ କ୍ରମଶଃ ମାନସ ପଟରୁ ହଜିଗଲେଣି । ଏବେ କେବଳ ଗ୍ରୀଷ୍ମ ,ବର୍ଷା ଓ ଶୀତ ତିନୋଟି ଋତୁ ଅନୁଭବ କରିହେଉଛି । ଏଥିମଧ୍ୟରୁ ପ୍ରାୟ ସାତ ଆଠ ମାସ ଗ୍ରୀଷ୍ମର ପ୍ରକୋପ ଜାରି ରହୁଛି କେବଳ ବୈଶାଖ-ଜ୍ୟେଷ୍ଠ ନୁହେଁ, ବର୍ଷର ଅନେକ ସମୟରେ ମୁଣ୍ଡଫଟା ଖରା । ସବୁଠି ହା-ହୁତାଶମୟ ପରିବେଶ । କହିବା ବାହୁଲ୍ୟ ଯେ, ଋତୁମାନଙ୍କ ମଧ୍ୟରେ ଶ୍ରେଷ୍ଠ ହେଉଛି ବସନ୍ତ । ଋତୁରାଜ ସେ । ଫାଲଗୁନ-ଚୈତ୍ର, ନା ଥାଏ ଖରା, ନା ଶୀତ । ମଳୟ ପବନ ସାଥେ ଭାସିଆସେ କୋଇଲିର କୁହୁତାନ । ମୃଦୁ ମଳୟ ପବନ ତନୁମନରେ ଶିହରଣ ଆଣେ । କିନ୍ତୁ ଆଗଭଳି ଶୁଭୁନାହିଁ କୋଇଲିର ସ୍ୱର କି ବହୁନାହିଁ ସୁଲୁସୁଲିଆ ପବନ । ଯେଉଁ ସମୟରେ ବସନ୍ତ ଋତୁ ଅନୁଭବ ହେବା କଥା ସେହି ସମୟରେ ରାଜ୍ୟରେ ଯେଉଁଳି ହାରରେ



ହିମାଂଶୁ ଶେଖର ଆଚାର୍ଯ୍ୟ
ସଭାପତି
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ - ୯୯୩୭୧୫୧୦୫୨

ତାପମାତ୍ର ବଢିଛି ତାକୁ ଦେଖିଲେ ଲାଗୁଛି ବସନ୍ତ ସମେତ ଶରତ ଓ ହେମନ୍ତ ଅଚିରେ ହଜିଯିବ ଓ ଗ୍ରୀଷ୍ମର ପ୍ରକୋପ ବଢି ବଢି ଚାଲିବ । ଏବେ ସମସ୍ତେ କଂକ୍ରିଟ ଜଙ୍ଗଲ କରିବାରେ ବ୍ୟସ୍ତ । ଗଛ ବା ଲଗାଉଛି କିଏ ? ପ୍ରତି ବର୍ଷ ବିଶ୍ୱ ପରିବେଶ ଦିବସ ଆସିଲେ ଆମେ ସମସ୍ତେ ଚଳ ଚଞ୍ଚଳ ହୋଇଉଠୁ ।ପରିବେଶ ସମ୍ପର୍କିତ ଆଲୋଚନା ଜୋରଦାର୍ ହୁଏ । ବୃକ୍ଷରୋପଣ ଓ ପରିବେଶ ସଚେତନତା ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୁଏ । ସେହିପରି ଆମ ଦେଶରେ ପ୍ରତିବର୍ଷ ଜୁଲାଇ ୧ରୁ ସପ୍ତାହ ବ୍ୟାପି ବନମହୋତ୍ସବ ପାଳନ କରାଯାଏ । ଲକ୍ଷ ଲକ୍ଷ ଟଙ୍କାର ଚାରା ଲଗାଯାଏ । ତା ପର ବର୍ଷକୁ କେତେ ଗଛ ଲାଗିଥିଲା କେତେ ବଞ୍ଚିଲା ତାର ହିସାବ କେହି ରଖନ୍ତି ନାହିଁ । କାଗଜ କଲମରେ ସୀମିତ ରହିଯାଏ ବିଶ୍ୱ ପରିବେଶ ଦିବସ ଓ ବନମହୋତ୍ସବ । ଯୋଜନା ଯୋଜନା ବାଟରେ ରହିଯାଉଛି । ତାର ଫଳ ଆମେ ଭୋଗୁଛେ । ଚଳିତ ମହାମାରୀ ସମୟରେ ଅମ୍ଳଜାନ ଅଭାବରୁ କରୋନା ଆକ୍ରାନ୍ତ କିପରି କଲବଲ ହେଲେ ତାହା ଆମେ ଅଙ୍ଗେ ନିଭେଇଛେ ।

ପାଣିପାଗ ବିଭାଗ କହୁଛି ଯେ ବିଶ୍ୱ ତାପନ ଓ ଜଳବାୟୁ ପରିବର୍ତ୍ତନ ଏସବୁର ମୁଖ୍ୟ କାରଣ । ମେ' ଯାଏ ସିଝିବ ଦେଶ । ଗଛକଟା ଅବାଧରେ ଚାଲିଛି । କାଗଜ କଲମରେ ନୂଆ ଚାରାଗଛ ଲଗାଯାଉଛି । କିନ୍ତୁ ସେଥିରୁ ବଞ୍ଚୁଛି କେତେ ତାହାର ହିସାବ କାହା ପାଖରେ ନାହିଁ । 'ମଣିଷ ଟିଏ-ଗଛଟିଏ' ସ୍ଲୋଗାନ କାଗଜ କଲମରେ ସୀମିତ ରହିଛି । ଆମେ ଜାଣିଛେ ପରିବେଶରେ ସନ୍ତୁଳନ ପାଇଁ ବ୍ୟାପକ ବୃକ୍ଷ ରୋପଣ ଦରକାର । କେବଳ ସରକାରଙ୍କ ଉପରେ ଛାଡିଦେଲେ ହେବନାହିଁ । ଆମକୁ ମଧ ବୃକ୍ଷରୋପଣ କରୁବାକୁ ହେବ ଓ ତାକୁ ବଞ୍ଚାଇ ରଖିବାକୁ ହେବ । ଏଥିପାଇଁ 'ମଣିଷଟିଏ-ଗଛଟିଏ' ସ୍ଲୋଗାନ ଉପରେ ଗୁରୁତ୍ୱ ଦେବାକୁ ହେବ । ଏବେବି ପାଣି ବିଭାଗ କହୁଛି ରାଜ୍ୟର ୧୮ ଜିଲ୍ଲାର ଅନେକ ସ୍ଥାନରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବାର ସମ୍ଭାବନା ରହିଛି । ଏହାକୁ ଦୃଷ୍ଟିରେ ରଖି ୧୮ ଜିଲ୍ଲାକୁ ୟେଲୋଓ୍ୱାର୍ଣିଂ ଜାରିକରିଛି । ସୂଚନାଯୋଗ୍ୟ ଯେ, ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଦୁର୍ବଳ ସ୍ଥିତିରେ ରହିଛି । ସେହିପରି ଆସନ୍ତା ଦୁଇ ଦିନ ମଧ୍ୟରେ ବର୍ଷା ହେବାର ସମ୍ଭାବନା ରହିଛି । କିନ୍ତୁ ମୌସୁମୀ ଦୁର୍ବଳ ଯୋଗୁଁ ବଢୁଛି ଦିନର ତାପମାତ୍ରା । ଏଭଳି ଘଟଣା ଶ୍ରାବଣ ମାସରେ ଘଟିବା ବ୍ୟତିକ୍ରମ ପରି ଲାଗୁଛି । ସବୁଠୁ ଆଶ୍ଚର୍ଯ୍ୟର କଥା କାଳବୈଶାଖୀ ଆସିଲେ ବଜ୍ରପାତର ଭୟ ସୃଷ୍ଟି ହେଉଛି । ଆଗରୁ ତାଳଗଛ ସଂଖ୍ୟାଧିକ ଭାବେ ଥିବାରୁ ବଜ୍ରପାତର ପରିମାଣ କମ୍ ଥିଲା । ଏବେ କିନ୍ତୁ ତାଳଗଛର ସଂଖ୍ୟା ଢେର କମିଛି । ଏସବୁକଥା ବିଚାରକୁ ନେଲେ ଆମକୁ ବ୍ୟାପକ ବୃକ୍ଷରୋପଣ ପୁରୁଣା ଜଙ୍ଗଲର ପୁନରୁଦ୍ଧାର ସହ ବ୍ୟାପକ ଜନ ସଚେତନତା ସୃଷ୍ଟି କରିବାକୁ ହେବ । ବିଶ୍ୱ ତାପାୟନରେ ପରିବର୍ତ୍ତନ ଆଣିବାକୁ ହେଲେ ଆମକୁ ସବୁଜ ବଳୟ ସୃଷ୍ଟି ଉପରେ ଗୁରତ୍ୱ ଦେବାକୁ ହେବ । ଏବିଷୟରେ ଗଭୀର ଭାବରେ ଚିନ୍ତା କରିବାର ଅଛି । ଏହାହିଁ ସମୟର ଆହ୍ୱାନ ।

# ସ୍ୱାଧୀନତା ସଂଗ୍ରାମର ପିତାମହ- ତିଲକ

ଇଂରେଜ ଶାସନର ରଥଚକ ତଳେ ଭାରତୀୟ ଅର୍ଥନୀତି, ରାଜନୀତି ଓ ସାଂସ୍କୃତିକ ଜୀବନ ଦୟନୀୟ ଅବସ୍ଥାରେ ଥିଲାବେଳେ, କାଳଜୟୀ,ଯଶସ୍ୱୀ, ପ୍ରଜ୍ଞା ପୁରୁଷ ,ନିର୍ଭିକ ସାମ୍ବାଦିକ,ପ୍ରବୀଣ ରାଜନୀତିଜ୍ଞ,ସତ୍ୟନିଷ୍ଠ ଦେଶ ପ୍ରେମୀ ,ପରମ ପୂଜ୍ୟ,ଦୀନ ଦୁର୍ବଳର ବନ୍ଧୁ ଭାରତୀୟ ସଂସ୍କୃତିର ପୁରୋଧା ଓ ସ୍ୱାଧୀନତାର ପଥ ପ୍ରଦର୍ଶକ କେଶବ(ବାଲ୍)ଗଙ୍ଗାଧର ତିଳକ ପୂଣ୍ୟାତ୍ମା ଗଙ୍ଗାଧର ତିଳକ (ପନ୍ଥ) ଓ ପାର୍ବତୀ ବାଇ ଙ୍କ କୋଳ ମଣ୍ଡନ କରି ୧୮୫୬ ମସିହା ଜୁଲାଇ ୨୩ତାରିଖରେ ମହାରାଷ୍ଟ୍ରର ରତ୍ନଗିରି ସହରରେ ଚିତପାବନ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପ୍ରଥମେ କେଶବ ନାମ ଥିଲା । ପରେ ବାଲ୍ ଡାକ ନାମରେ ତିଳକ ପରିଚିତ ହେଲେ । ପିତାମହ ରାମଚନ୍ଦ୍ର ଙ୍କ ଠାରୁ ବାଲ୍ ଗଙ୍ଗାଧର୧୮୫୭ ର ମହାନ୍ ବିପ୍ଳବ ଶୁଣିଥିଲେ ଏହି ଘଟଣା ତାଙ୍କ ଉପରେ ପ୍ରଭାବ ପକାଇଥିଲା । ପିତାମହ ସଂସାର ପରିତ୍ୟାଗ କରି ସନ୍ନ୍ୟାସ ଗ୍ରହଣ କରିବାରୁ ଗଙ୍ଗାଧରଙ୍କ ଉତରୋତର ଶିକ୍ଷା ସମ୍ଭବ ହେଲା ନାହିଁ । ତେଣୁ ସେ ମରାଠୀ ବିଦ୍ୟାଳୟରେ ଶିକ୍ଷକତା କରିବା ସମୟରେ ସଂସ୍କୃତ ଶାସ୍ତ୍ର ଅଧ୍ୟୟନ କରି ପାରଦର୍ଶିତା ଲାଭ କଲେ । ଚିପଲୁ ଙ୍କ ର ନିବନ୍ଧ ମାଳା କୁ ତିଳକପୂର୍ଣ୍ଣ ସମର୍ଥନ କରିବାରୁ ଜାତୀୟତା ମନୋଭାବ ବିକଶିତ ହେଲା । ୧୮୭୬-୭୭ରେ ଦାକ୍ଷିଣାତ୍ୟ ଅଂଚଳର ଘୋର ଦୁର୍ଭିକ୍ଷ ବାଳ ଗଙ୍ଗାଧର ଙ୍କୁ ପ୍ରଭାବିତ କରିଥିଲା ।ମାତୃଭୂମିର ସ୍ୱାଭିମାନ କେବଳ ଶିକ୍ଷା ମାଧମରେ ସୁରକ୍ଷିତ ହୋଇପାରିବାର ଅନୁଭବ ତିଳକ ହିଁ କରିପାରିଥିଲେ ।ତେଣୁ ସେ ସାର୍ବଜନୀନ କାକା ଶ୍ରୀ ଗଣେଶ ବାସୁଦେବ ଯୋଷୀ ଙ୍କ ଦ୍ୱାରା ବିଶେଷ ପ୍ରଭାବିତ ହୋଇଥିଲେ । ଗୋପାଳ ଅଗରକର ଓ ତିଳକ ଦୁଇ ବନ୍ଧୁ ଦେଶ ବାସିଙ୍କ ହିତ ପାଇଁ ଜୀବନ ଉତ୍ସର୍ଗ କରିବାକୁ ସଂକଳ୍ପବଦ୍ଧ ଥିଲେ । ତେଣୁ ଦୁଇ ବନ୍ଧୁ ଧାର୍ମିକ ସାମାଜିକ, ଓ ରାଜନୈତିକ ସଂଗଠନ ଗୁଡିକରେ ସକ୍ରିୟ ସଂପର୍କ ରକ୍ଷା କରିଥିଲେ ।ଅଗରକର ଡେକାନ୍ କଲେଜରୁ ଏମ୍.ଏ ଓ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରୁ ଆଇନ୍ ଡିଗ୍ରୀ ହାସଲ କରି ଦେଶ ସେବା ପାଇଁ ନିଜକୁ ସଂପୂର୍ଣ୍ଣ ପ୍ରସ୍ତୁତ କରିପାରିଥିଲେ । ଚିପଲୁ ,ଅଗରକର ଓ ତିଳକ ଚିନ୍ତା କଲେ ଶିକ୍ଷା ବିନା ଭାରତରେ ଜନବିପ୍ଳବ ସମ୍ଭବ ନୁହେଁ ।ତେଣୁ ସେମାନେ ୧୮୮୦ ସାଲ ଜାନୁୟାରୀ ୧ ତାରିଖରେ ନିଉ ଇଂଲିଶ ସ୍କୁଲ୍ ନାମକ ଶିକ୍ଷାନୁଷ୍ଠାନ ସ୍ଥାପନ କଲେ । ବିଦ୍ୟାଳୟ ପରିଦର୍ଶନରେ ହଣଟର ସାହେବ ଯେଉଁ ମନ୍ତବ୍ୟ ଦେଲେ ତାହା ଅତ୍ୟନ୍ତ ଉତ୍ସାହ ଜନକ ଥିଲା । ତେଣୁ ପ୍ରତିଷ୍ଠାତାମାନେ ଉଚ୍ଚ ଶିକ୍ଷାର ଅଧିକ ପ୍ରସାର କରିବାକୁ ଆଗଭର ହେଲେ ।ଡେକାନ୍ ଶିକ୍ଷା ସମିତି ଆନୁକୂଲ୍ୟରେ ନିଉ ଇଂଲିଶ ସ୍କୁଲ୍ ଓ ଫର୍ଗୁସନ କଲେଜ ମହାରଷ୍ଟ୍ରର ଉଚ୍ଚ ଶିକ୍ଷା କ୍ଷେତ୍ରରେ ବିଶେଷ ମହତ୍ୱପୂର୍ଣ୍ଣ ଥିଲା । ସମିତି ସଭ୍ୟ ମାନଙ୍କ ସହିତ ବିତର୍କ ଓ ମତାନ୍ତର ଯୋଗୁଁ ତିଳକ ଇସ୍ତଫା ଦେଇଥିଲେ ।

ପରାଧୀନ ଭାରତୀୟ ଜନସାଧାରଣଙ୍କର ଆଭିମୁଖ୍ୟ ଓ ମତକୁ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ, ତିଳକ ୧୮୮୧ ରେ ମରାଠୀ ସମ୍ବାଦ ପତ୍ର 'କେଶରୀ' ଓ ଇଂରାଜୀ ସମ୍ବାଦ ପତ୍ର 'ଦି ମରାଠା' ଉଭୟ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । କେଶରୀ ର ସମ୍ପାଦକ ଥିଲେ ଅଗରକର ଓ ଦି ମରାଠା ର ସମ୍ପାଦକ ଦାୟିତ୍ୱ ତିଳକ ସ୍ୱୟଂ ଗ୍ରହଣ କରିଥିଲେ । ଉଭୟ ପତ୍ରିକା ମରାଠା ମାନଙ୍କ ଭିତରେ ଜାତୀୟ ଚେତନା ଓ ରାଜନୀତିକ ଜାଗୃତି ସୃଷ୍ଟି କରିବାରେ ସଫଳ ହୋଇଥିଲା । ତିଳକ ଜାତୀୟ ଜନ ଜିବନର ସମସ୍ୟା ମାନ ଉପସ୍ଥାପନ କରି ମରାଠୀ ସାହିତ୍ୟର ଉନ୍ନତି ଓ ବିକାଶର ମଧ ସହାୟକ ହୋଇଥିଲେ । ଅଗରକର ସମ୍ପାଦନ ପଦରୁ ଓହରି ଯିବାରୁ ତିଳକ ଉଭୟ ପତ୍ରିକାର ସମ୍ପାଦକ ଦାୟିତ୍ୱ ଗ୍ରହଣ କରିଥିଲେ ।

ପାଶ୍ଚାତ୍ୟ ସଭ୍ୟତାର ଅନ୍ଧାନୁକରଣକୁ ତିଳକ ପସନ୍ଦ କରୁ ନଥିଲେ । ପ୍ରାଚୀନ ଭାରତୀୟ ସଂସ୍କୃତିକୁ ପ୍ରଚଳନ ଓ ନାରୀ ଶିକ୍ଷା ଉପରେ ତିଳକ ଗୁରୁତ୍ୱ ଦେଉଥିଲେ । ବିବାହ ପାଇଁ ବାଳିକାଙ୍କ ବୟସ ୧୬ ବର୍ଷ ଓ ବାଳକଙ୍କ ବୟସ ୨୧ ବର୍ଷ ଉଚିତ ମନେ କରିଥିଲେ । ୪୦ ବର୍ଷ ପରେ ପୁରୁଷ ଦ୍ୱିତୀୟ ବିବାହ କରିବା ଅନୁଚିତ । ଯଦି ସେ ପୁର୍ନ ବିବାହ ଚାହାନ୍ତି, ତେବେ ସେ କୌଣସି ବିଧବାକୁ ପତ୍ନୀ ରୂପେ ଗ୍ରହଣ କରିବା ଉଚିତ ହେବ । ତିଳକ ନିଜେ ଅସ୍ପୃଶ୍ୟତାର ବିରୋଧୀ ଥିଲେ । ହିନ୍ଦୁ ଧର୍ମର ମହତ୍ୱକୁ ସେ ଅତି ଗର୍ବର ସହିତ ପ୍ରଚାର କରୁତଥିଲେ । ସରକାରୀ ଆଇନ ଦ୍ୱାରା ସମାଜ ସଂସ୍କାର ପବର୍ତନକୁ ତିଳକ ବିରୋଧ କରୁଥିଲେ । ସାର୍ବଜନୀନ ସଭାର ନୂତନ ସଂପାଦକ ରୂପେ ଗୋପାଳକୃଷ ଗୋଖଲେ ମନୋନୀତ ହେଲେ । ଏହି ନିଯୁକ୍ତିର ବୈଧତା ଉପରେ ତିଳକ ପ୍ରଶ୍ନ କରିବାରୁ ବିବାଦ ଉପୁଜିଲା । ତେଣୁ ତିଳକ ଡେକାନ ସୋସାଇଟିରୁ ଇସ୍ତଫା ଦେଲେ ।

୧୮୮୫ ଡିସେମ୍ବର ୨୮ ରେ ବମ୍ବେରେ ଥିବା ତେଜପାଲ ସଂସ୍କୃତ ମହାବିଦ୍ୟାଳୟରେ ରାଷ୍ଟ୍ରୀୟ କଂଗ୍ରେସର ସ୍ଥାପନା ହେଲା । ବମ୍ବେ ପ୍ରଦେଶ ଶାଖାର ବାର୍ଷିକ ଅଧିବେଶନରେ ତିଳକ ଅଂଶ ଗ୍ରହଣ କରିମରାଠୀ ଭାଷୀ ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ଇଂରେଜ ସରକାରଙ୍କ 'ଡିଭାଇଡ୍ ଆଣ୍ଡରୁଲ୍' ନୀତି ଯୋଗୁଁ ବମ୍ବେ ଓ ପୁନେରେ ସଂାପ୍ରଦାୟିକ ଦଙ୍ଗା ଘଟି ନିରୀହ ଜନତାର ପ୍ରାଣ ହାନୀ ଘଟିଲା । ତିଳକ କଠୋର ଭାବରେ ସମାଲୋଚନା କରି ଇଂରେଜ ମାନଙ୍କର ଚକ୍ଷୁଃଶୂଳ ହେଲେ । ସାର୍ ଚିରୋଲ୍ 'ଇଣ୍ଡିଆନ୍ ଅନ୍‌ରେଷ୍ଟି' ନାମକ ପୁସ୍ତକ ରେ ତିଳକଙ୍କୁ ସଂାପ୍ରଦାୟିକତା ଦୋଷରେ ଅଭିଯୁକ୍ତ କରିଥିଲେ । ତାହା ଥିଲା ଦୁର୍ଭାଗ୍ୟଜନକ ତିଳକ ଗଣପତି ଉତ୍ସବ ଓ ଶିବାଜି ଉତ୍ସବ ମାଧମରେ ମହାରାଷ୍ଟ୍ରକୁ ଏକତ୍ରିତ କରିବାରେ ସଫଳ ହୋଇଥିଲେ ।

୧୮୯୧ ରେ 'ଆର୍ମସ୍ ଆକ୍ଟ' ଉପରେ ପ୍ରସ୍ତାବ ରଖି ଯେଉଁ ଭାଷଣ ଦେଲେ ତାହା ତାଙ୍କୁ ସର୍ବ ଭାରତୀୟ ନେତା ରୂପେ ମାନ୍ୟତା ଦେଇଥିଲା । ୧୮୯୪ ରେ ତିଳକ ବମ୍ବେ ବିଶ୍ୱବିଦ୍ୟାଳୟରେ ସିନେଟ୍‌ର ଫେଲୋମନୋନୀତ ହେଲେ । ତା ପରବର୍ଷ ପୁନା ନଗରପାଳିକାର ପରିଷଦ ପଦପାଇଁ ନିର୍ବାଚିତ ହୋଇ କାର୍ଯ୍ୟକାରୀ ପରିଷଦର ସଦସ୍ୟ ହୋଇଥିଲେ । ୧୮୯୫ ମସିହାରେ ବିଧାନ ପରିଷଦର ସଦସ୍ୟ ପଦରେ ନିର୍ବାଚିତ ହେଲେ ।ରଷ୍ଟ୍ରୀୟ କଂଗ୍ରେସର ପ୍ରମୁଖ ନେତା ଥିଲେ ଆଲାନ୍ ଆକ୍ଟାଭିୟାନ୍ ହ୍ୟୁମ୍, ତାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ତିଳକ । ହ୍ୟୁମ୍ କିନ୍ତୁ ଇଂଲଣ୍ଡରେ ବିଶ୍ୱାସ ଘାତକ ବୋଲି ଚିତ୍ରିତ ହେଲେ । ୧୮୯୬-୯୭ରେ ଏକ ଭୟଙ୍କର ଦୁର୍ଭିକ୍ଷ ମହାରଷ୍ଟ୍ରରେ ଦେଖାଦେଲା । ତିଳକ ବିଭିନ୍ନ ଗ୍ରାମ ଓ ଜିଲ୍ଲାମାନ ଗସ୍ତ କରି ରିଲିଫ୍ ଓ ଆର୍ଥିକ ସାହାଯ୍ୟ ଆରମ୍ଭ କରିଦେଲେ । ଦୁର୍ଭିକ୍ଷ ସହିତ ପ୍ଲେଗ୍ ମହାମାରୀ ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଲା ।୧୮୯୭ ମାର୍ଚ୍ଚରେ ଏକ କମିଟି ଗଠନ ହେଲା । ତାହାର ଅଧକ୍ଷ ଭାବେ ରେଣ୍ଡ ନିଯୁକ୍ତ ହେଲେ । ଏହି କମିଟି ଲୋକମାନଙ୍କର କିଛି କାମରେ ଲାଗିଲା ନାହିଁ । ତିଳକ ନିଜ ପକ୍ଷରୁ ସ୍ୱେଚ୍ଛା ସେବୀ କେନ୍ଦ୍ରମାନ ସ୍ଥାପନ କରିଥିଲେ । ଏହି ସ୍ୱେଚ୍ଛାସେବୀ ମାନେ ପ୍ରତିଷେଧକ ବ୍ୟବସ୍ଥା ଅନୁ ସରଣ କରିବା ସହିତ ଲୋକମାନଙ୍କୁ ଆତଙ୍କିତ ନହେବା ପାଇଁ ପରାମର୍ଶ କାର୍ଯ୍ୟରେ ଲାଗିପଡ଼ିଲେ । ୧୮୯୭ ଜୁନ୍ ୨୨ ମଧରାତ୍ରରେ ପୁନାସ୍ଥ ଗଭର୍ଣ୍ଣହାଉସ୍‌ରୁ ଏକ ରାତ୍ରି ଭୋଜନ ସାରି ତିଳକ ସ୍ୱଗୃହକୁ ଫେରିବା ସମୟରେ ଅଜଣା ଦୁର୍ବୃମାନେ ରେଣ୍ଡସାହେବ ଓ ତାଙ୍କ ଅଙ୍ଗରକ୍ଷୀ ଲେଫଟନାଣଟ ଆୟବଟଙ୍କୁ ହତ୍ୟା କରିଦେଲେ । ଏହି ଘଟଣାରେ ଦାମୋଦର ଚିପଲୁ ଫାସି ଦାଣ୍ଡ ପାଇଥିଲେ ତିଳକ ର୍ନଦୋଷ ଥିଲେ ମଧ ପିଙ୍ଗଲ କୋଡ଼୍‌ର ୧୨୪(କ) ଧାରାରେ ଅଭିଯୁକ୍ତ ହେଲେ । ତାଙ୍କୁ ୧୮ମାସ ସଶ୍ରମ କାରାଦଣ୍ଡ ଆଦେଶ ଦିଆଗଲା । ଭାରତୀୟ ନେତା ମାନେ ଆପତି ଉଠାଇଲେ । ସଂସଦ ଉଇଲିୟମ୍ ହଣଟର ଓ ପ୍ରଫେସର୍ ମ୍ୟାକସ୍ ମୁଲ୍ଲର ଇଂରେଜ ସରକାରଙ୍କ ଉପରେ ଚାପ ପକାଇବାରୁ ୧୮୯୮ ସେପ୍ଟେମ୍ବର ୭ରେ ତିଳକ ଜେଲ୍‌ରୁ ମୁକ୍ତ ହେଲେ । ଏହା ପରେ ସେ ଲୋକମାନ୍ୟ ତିଳକ ନାମରେ ଅଭିହିତ ହୋଇ ସାରା ଭାରତର ପ୍ରିୟ ନେତା ଭାବରେ ସିକୃତି ଲାଭ କଲେ । ପୁନା ଜେଲ୍‌ରେ ବୈଦିକ ଅର୍ଯ୍ୟ ସଭ୍ୟତା ଅଧ୍ୟୟନ କରି 'ଦି ଆର୍କଟିକ୍ ହୋମ୍ ଇନ୍ ଦି ବେଦସ୍ ପ୍ରକାଶିତ କରିଥିଲେ ।



ଅକ୍ଷୟ କୁମାର ରାଉତ
ସଦସ୍ୟ, ଓଡ଼ିଶା ସାହିତ୍ୟ ଏକାଡ଼େମି
ପାରାଦ୍ୱୀପ ଗଡ଼, କୁଜଙ୍ଗ , ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

୧୯୦୬ କଲିକତା କଂଗ୍ରେସ୍ ଅଧିବେଶନରେ ପ୍ରାୟ ଦୁଇ ହଜାର ପ୍ରତିନୀଧି ଓ ୧୦ ହଜାର ଦୈନିକ ଉପସ୍ଥାନରୁ କମ୍ ନଥିଲା ।ପ୍ରଥମ ଥର ପାଇଁ ଏହି ଅଧିବେଶନରେ କଂଗ୍ରେସ୍ ସ୍ୱରାଜ ଦାବି କରିବା ଏକ ଗୁରୁତ୍ୱ ପୂର୍ଣ୍ଣ ସିଦ୍ଧାନ୍ତ ଥିଲା । ଚରମପନ୍ଥୀ ଓ ନରମପନ୍ଥୀ ଗୋଷ୍ଠି ବିବାଦ ଯୋଗୁ ତିଳକ ୧୯୦୭ ଜାନୁୟାରୀ ୨ତାରିଖରେ କାଳିକତାରେ କହିଥିଲେ । ଆଜି ଯିଏ ଚରମପନ୍ଥୀ କାଲି ହୁଏତ ନରମପନ୍ଥୀ ହୋଇପାରେ । ତୁମେ ଜଦି ସ୍ୱାଧିନ ହେବାକୁ ଚାହଁ, ସ୍ୱାଧିନ ହୋଇପାରିବ ନଚେତ ସବୁଦିନ ପାଇଁ ପରାଧିନ ରହିବ । ତୁମେ ଅସ୍ତ୍ରଧାରଣ କରିବାକୁ ସମର୍ଥ ନୁହଁ । ତେବେ ଇଂରେଜ ସରକାର ବିରୁଧରେ ଅହିଂସାତ୍ମକ ଅସହଯୋଗ ଆନ୍ଦେଳନ ତ କରିପାରିବ । ବିଦେଶୀ ପଦାର୍ଥ, ଅନୁଷ୍ଠାନ ଓ କରକୁ ବର୍ଜନ କର, ଐକ୍ୟବଧ ହୋଇ କରିପାରିବତ, କାଲି ତୁମେ ସ୍ୱାଧିନ ଦେବ । କଲିକତା ଅଧିବେଶନରେ ବଙ୍କିମ୍ ଚନ୍ଦ୍ର ଙ୍କର 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତ ରୂପେ ମାନ୍ୟତା ଲାଭ କଲା । ବର୍ମାରୁ ଜେଲ୍ ଦଣ୍ଡ ଭୋଗକରି ତିଳକ ସୁରତ ଅଧିବେଶନରେ ଯୋଗ ଦେଇଥିଲେ । ଏହି ଅଧିବେଶନରେ ପ୍ରଥମ ଦିନରୁ ବିଶୃଙ୍ଖଳା ଆରମ୍ଭ ହୋଇଗଲା । ବିଶୃଙ୍ଖଳା ଚରମ ସିମାରେ ପହଂଚିଲା । କଂଗ୍ରେସ୍ ଇତିହାସରେ ସୁରତ ବିଭାଜନ ବୋଲି ଅଭିହି କରାଯାଏ । ତିଳକ ଓ ଲଜପତ ରାୟ ଭଳି ଉଗ୍ର ଜାତୀୟ ବାଦି କଂଗ୍ରେସ୍ ସ୍ରୋତରୁ ଭିନ୍ନ ରହିଗଲେ ।ତିଳକ ମିଳାମିଶା ପାଇଁ ପଦକ୍ଷପ ନେଇଥିଲେ । ତିଳକ ଜାତୀୟ କଂଗ୍ରେସ୍ ବଦଳରେ ଆଂଚଳିକ କଂଗ୍ରେସ୍ ସମିଳନୀ ଅକୋଲା ସହରରେ ଆୟୋଜନ କଲେ । ସେଠାରେ ସେ କହିଥିଲେ ଯେ ସ୍ୱତନ୍ତ୍ରତା ଆମର ଜନ୍ମସିଦ୍ଧ ଅଧିକାର ।

୧୯୦୮ ରେ ପୁନାର ଏକ ଜନ ସଭାରେ ମଦ୍ୟପାନ ବିରୁଧରେ ସେ ସ୍ୱର ଉତୋଳନ କରିଥିଲେ । ଗୋଖଲେ ଓ ଭଣ୍ଡାର କର ସହଯୋଗରେ ତିଳକ ସମଗ୍ର ମହାରାଷ୍ଟର ମଦ ଦୋକାନ ଆଗରେ ଆନ୍ଦୋଳନ କଲେ । ଏହି ସମୟରେ ମୁଜାଫରପୁର ରେ ଜଜ୍ କିଙ୍ଗସଫୋର୍ଡ଼ଙ୍କ କାର୍ ଉପରେ ବୋମା ଫିଙ୍ଗା ଘଟଣାରେ ଦୁଇଜଣ ଇଂରେଜ ମହିଳା ମୃତ୍ୟୁ ବରଣ କରିଥିଲେ । କେଶରୀ ପତ୍ରିକାରେ "ଦେଶ୍‌କା ଦୁର୍ଭାଗ୍ୟ" ଲେଖା ପାଇଁ ରାଷ୍ଟ୍ର ଦ୍ରୋହ ଅପରାଧରେ ତିଳକ ଗିରଫ ହେଲେ ଦୁଇ ଅଭିଯୋଗ ପାଇଁ ତିନି ବର୍ଷ ଜେଲ୍ ଦଣ୍ଡ ଏବଂ ତୃତୀୟ ଅଭିଯୋଗ ପାଇଁ ଏକ ହଜାର ଅର୍ଥ ଦଣ୍ଡ । ହାଇକୋଟରେ ତୃତୀୟ ଅଭିଯୋଗରୁ ତିଳକ ନିର୍ଦ୍ଦୋଶ ଏବଂ ସଶ୍ରମ ଜେଲ୍ ଦଣ୍ଡ ବଦଳରେ ସାଧାରଣ ଜେଲଦଣ୍ଡା ମିଳିଲା । ସେଥିପାଇଁ ସରକାର ସାବରମତୀ ଜେଲରୁ ଜଳପଥରେ ରେଙ୍ଗୁନ୍‌ର ମାଣ୍ଡାଲେ ଜେଲ୍‌ଖାନାକୁ ପଠାଇଦେଲେ । ଜନମତ ନିର୍ବିଶେଷରେ ସଭିଏଁ ତିଳକଙ୍କ ପ୍ରତି ହୋଇଥିବା ଅନ୍ୟାୟ ଦଣ୍ଡାଦେଶକୁ ନିନ୍ଦା କରିଥିଲେ । ଏପରିକି ଇଂଲଣ୍ଡର ହେନରୀ କଟନ, ହାଇଣ୍ଡମ୍ୟାନ, କିର୍ ହାର୍ଡ଼ି ଏବଂ ମୋରଲେ ଆଦି ବିଶିଷ୍ଟ ବ୍ୟକ୍ତିଗଣ ଓ ଇଂରାଜୀ ସମ୍ବାଦ ପତ୍ର ମାଂଚେଷ୍ଟାର ଗାର୍ଡ଼ିୟାନ୍ ତିଳକଙ୍କ ବର୍ବରୋଚିତ ଶାସ୍ତି ବିରୋଧରେ ମତ ବ୍ୟକ୍ତ କରିଥିଲେ । ଦାଦାସାହେବ ଖାପର୍ଦେ ପ୍ରିଭି କାଉନ୍‌ସିଲରେ ତିଳକଙ୍କ ମୁକ୍ତିପାଇଁ ଆବେଦନ କରିଥିଲେ । ଆବେଦନ ନାମଞ୍ଜୁର ହୋଇଗଲା । ବର୍ମାର ମାଣ୍ଡାଲେ କେନ୍ଦ୍ର ଜେଲ୍‌ରେ ଦୁଇମହଲା ବିଶିଷ୍ଟ ୨୦ଫୁଟ୍ ଘ ୧୨ଫୁଟକାଠରେ ତିଆରି ଘରେ ରହୁଥିଲେ । ତାଙ୍କ ସାଙ୍ଗରେ ପାଚକ କୁଲକର୍ଣ୍ଣ ରହୁଥିଲେ । କୁଲକର୍ଣ୍ଣ ଅସୁସ୍ଥ ହେଲେ ତିଳକ ତାଙ୍କ ସେବା କରିଥିଲେ । ମାଣ୍ଡାଲେ ଠାରେ ସେ ଜର୍ମାନ ଓ ପାଲୀ ଭାଷା ସାହିତ୍ୟରେ ବିଶେଷ ଅଧ୍ୟୟନ କରିଥିଲେ । ତାଙ୍କର ଗବେଷଣା ମୂଳକ କୃତି "ଦି ଓରିୟନ" ଥିଲା । ମାଣ୍ଡୋଲେ ଜେଲରେ ଥିବା ସମୟରେ, ୧୯୧୨ ଜୁନ୍ ୭ ରେ ତାଙ୍କ ପତ୍ନୀ ଦୁଇପୁତ୍ର ଓ କନ୍ୟା ସନ୍ତାନ ଛାଡ଼ି ଇହଲୀଳା ତ୍ୟାଗ କଲେ । ଭଣଜା ଧୋଣ୍ଡୋ ଯଥାରୀତି କ୍ରିୟାକର୍ମ କରିଥିଲେ । ପତ୍ନୀଙ୍କ ମୃତ୍ୟୁ ପରେ ତିଳକ ମାନସିକ ଦୁଃଖ ଓ ଯନ୍ତ୍ରଣା ସହି ମାଣ୍ଡାଲେରେ ପଡ଼ିରହିଲେ । ୧୯୧୪ ଜୁନ୍ ୮ ତାରିଖରେ ଜେଲ୍ ଅଧକ୍ଷଙ୍କ ଠାରୁ ତିଳକ ମୁକ୍ତ ହେବାର ସୂଚନା ପାଇଲେ । ଜୁନ୍ ୧୬ ତାରିଖରେ ସେ ନିଜ ବାସସ୍ଥାନ ଗାୟକ ଓ୍ୱାଡ଼ାରେ ରାତି ଦୁଇଟାରେ ପହଂଚିଥିଲେ । ଦେଶଭକ୍ତ ତିଳକଙ୍କ ଘରବାହୁଡ଼ା ଘଟଣା ଭାରତୀୟଙ୍କ ହୃଦୟରେ ଆନନ୍ଦର ଜୁଆର ଖେଳାଇ ଦେଇଥିଲା ।

ଦେଶସେବା ସହିତ ମାତୃଭୂମିକୁ ପରାଧୀନତା କବଳରୁ ଉଦ୍ଧାର କରିବାର ଦୃଢ ସଂକଳ୍ପ ତାଙ୍କୁ ମୁକ୍ତ ସଂଗ୍ରାମର ମହାନାୟକ ଭାବରେ ଉଭା କରିଥିଲା । ତିଳକ ପୂର୍ବପରି କ୍ରିୟାଶୀଳ ଓ ଚଳଂଚଳ ହୋଇପଡ଼ିଲେ । ତାଙ୍କର ପ୍ରିୟ ଜାତିୟ ଦଳକୁ ପୁନର୍ଜିବିତ କରିବାକୁ ଲାଗିପଡ଼ିଲେ । ଏଥିରେ ଆନିବେସାନ୍ତ ତାଙ୍କୁ ସାହାଯ୍ୟ କଲେ । ୧୯୧୪ ଅଗଷ୍ଟରେ ପ୍ରଥମ ବିଶ୍ୱଯୁଦ୍ଧରେ ତିଳକ ଗଣତନ୍ତ୍ରର ପ୍ରତିଷ୍ଠା ଓ ଏକଛତ୍ରବାଦୀ ଶାସନର ବିଲୋପ ପାଇଁ ସରକାରକୁ ସମର୍ଥନ ଜଣାଇଲେ । ତିଳକ ନିଜ ସମର୍ଥକମାନଙ୍କୁ ନେଇ ଶ୍ରୀଖାପର୍ଦେଙ୍କ ଅଧକ୍ଷତାରେ 'ହୋମ୍ ରୁଲ୍ ଲିଗ୍' ନାମକ ସମିତି ଗଠନକରି ୧୯୧୬ ଏପ୍ରିଲ ୨୮ରେ ବେଲ ଗାଁଓ ସହରରେ ଏକ ସମାବେଶ ଆୟୋଜନ କରିଥିଲେ । ବିପୁଳ ସଂଖ୍ୟାରେ ସମର୍ଥକମାନେ ସ୍ୱରାଜ ପାଇଁ ସଂଗ୍ରାମ କରିବାକୁ ଆଗେଇ ଆସିଲେ । ଏହି ସମିତିରେ ସଭାପତି ଯୋଶେଫ ବାପଟିଷ୍ଟା ଓ କେଲକାର୍ ଏବଂ ଡ଼ି.ଭି. ଗୋଖଲେ ଦୁଇ ସେକ୍ରେଟାରୀଙ୍କୁ ନେଇ ଅତି ଅଳ୍ପ ସମୟରେ ତାଙ୍କର ଆଦର୍ଶକୁ ସର୍ବ ଭାରତୀୟ ସ୍ତରରେ ବ୍ୟାପକ କରିପାରିଥିଲେ । ପୁନାର ଜିଲ୍ଲାପାଳ 'ହୋମ୍ ରୁଲ୍' ଦ୍ୱାରା ଆତଙ୍କିତ ହୋଇ ତିଳକଙ୍କୁ ଚେତାବନୀ ଓ ଗ୍ୟାରେଣ୍ଟି ମାଗିଲେ । ଓକିଲ ମହମ୍ମଦ ଅଲ୍ଲିଜିନ୍ନାଙ୍କ ମଧମରେ ତିଳକ ହାଇକୋର୍ଟରେ ଅପିଲ କଲେ ଓ ବିଜୟ ହେଲେ । ନେହରୁ ତିଳକଙ୍କୁ ସମର୍ଥନ ଜଣାଇଲେ । ୧୯୧୬ ଡ଼ିସେମ୍ବର ଲକ୍ଷ୍ନୌ ଠାରେ କଂଗ୍ରେସ୍‌ର ବାର୍ଷିକ ଅଧିବେଶନରେ 'ସ୍ୱରାଜ ମୋର ଜନ୍ମଗତ ଅଧିକାର' ସ୍ଲୋଗାନ ଦିଆଗଲା । ବିଭାଜିତ କଂଗ୍ରେସ୍ ଓ ହିନ୍ଦୁ ମୁସଲମାନ ଏକତ୍ରିତ ହୋଇ ସ୍ୱରାଜ ପାଇଁ ଲଢ଼ିବାକୁ ସଂକଳ୍ପ ନେଲେ । ଏକତ୍ରିତ କରିବାରେ ମୂଖ୍ୟଭୂମିକା ତିଳକ ଗ୍ରହଣ କରିଥିଲେ ତିଳକ ଜନ୍ମ ଦିନରେ ଏକ ଲକ୍ଷ ଟଙ୍କାର ଥଳିରୁ ଜାତୀୟ କାର୍ଯ୍ୟ ପାଇଁ ବ୍ୟୟ କରିଥିଲେ । ଔପନିବେଶିକ ସ୍ୱାର୍ଥ ଓ ଆଂଶିକ ରାଜନୀତିକ ଅଧିକାର ଦେବା ଉଦ୍ଦେଶ୍ୱରେ ସରକାର ମଣେଟଙ୍ଗୁ ଚେମ୍‌ସଫୋର୍ଡ଼ ଶାସନ ସଂସ୍କାର ୧୯୧୭ ଅଗଷ୍ଟ ୨୦ରେ ଲଣ୍ଡନରେ ଘୋଷଣା ହେଲା । ଶାସନ କୁ ଗତିଶୀଳ କରିବା ଉଦ୍ଦେଶ୍ୟରେ ଭାରତବ୍ୟାପାର ମନ୍ତ୍ରୀ ମଣେଟଗୁ ନଭେମ୍ବର ମାସରେ ଭାରତୀୟ ନେତାମାନଙ୍କ ସହିତ ଆଲୋଚନା କଲେ । ଚେମ୍‌ସ ଫ୍ରୋର୍ଡ଼ ବଡ଼ଲାଟ ଭାବରେ ତିଳକ ଓ ହୋମରୁଲ୍ ଲିଗ୍‌ର ନେତା ମାନଙ୍କ ସହିତ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ୧୯୧୮ ଜୁନ୍ ଶେଷରେ ମଣେଟଗୁ-ଚେମ୍‌ସ ଫୋର୍ଡ଼ ସରକାରୀ ଇସ୍ତାହାର ପ୍ରକାଶିତ ହେଲା, ତିଳକ କହିଥିଲେ ପ୍ରଜାତନ୍ତ୍ର ଶାସିତ ଇଂଲଣ୍ଡ ଯାହାଦେବ, ଆମେ ସ୍ୱୀକାର କରିବା ଏବଂ ଯାହାନଦେବ ସେଥିପାଇଁ ସଂଘର୍ଷ ଜାରି ରଖିବା । ରାଜନୀତର ତିଳକଙ୍କ ମର୍ଯ୍ୟାଦା ବହୁଭାବରେ ବଢିଗଲା । ସମ୍ବାଦପତ୍ରରେ ଭାରତର ମୁକୁଟ ବିହୀନ ସମ୍ରାଟ ଭାବରେ, ତିଳକ ଅଭିହିତ ହୋଇଥିଲେ । ସେ ସର୍ବଦା ଇଂଲଣ୍ଡର ଗଣତନ୍ତ୍ରକୁ ଭାରତରେ ପ୍ରଚଳନ କରାଇବା କୁ ଚାହୁଁଥିଲେ । 'ଇଣ୍ଡିଆନ୍ ଅନ୍‌ରେଷ୍ଟ' ପୁସ୍ତକ ରଚୟିତା ଭେଲେଣ୍ଟାଇନ ଚିରୋଲଙ୍କ ଆପିତିଜନକ ଲେଖା ପାଇଁ ତିଳକ ଲଣ୍ଡନ ଯାତ୍ରା କରିଥିଲେ । ଲଣ୍ଡନସ୍ଥ ରାଜାଙ୍କ କୋର୍ଟରେ ମୋକଦ୍ଦମା ଦାୟର ହେଲା । ଚିରୋଲଙ୍କୁ ଇଂରେଜ ସରକାର ସବୁ ସହାୟତା କରିବାରୁ ବିଚାରରେ ଚିରୋଲ ଜୟଲାଭ କଲେ । ପରାଜୟ ସତ୍ୱେ ତିଳକ ଭାରତୀୟ ଜନ ସାଧାରଣଙ୍କ ସମ୍ମାନାସ୍ପଦ ନେତା ଭାବରେ ସ୍ୱୀକୃତି ପାଇଥିବା ବିଷୟ ମହାତ୍ମା ଗାନ୍ଧି ସ୍ୱୀକାର କରିଥିଲେ । ଇଂଲଣ୍ଡରେ ଏକ ବର୍ଷରହି ତିଳକ ଭାରତର ସ୍ୱରାଜ ପାଇଁ ଲଢେଇ ଜାରିରଖିଲେ । ଆମେରିକା ରଷ୍ଟ୍ରପତି ଉଇଲସନ ଗଣତନ୍ତ୍ର , ବ୍ୟକ୍ତି ସ୍ୱାଧୀନତା ଓ ପରାଧୀନ ଜାତି ପାଇଁ ସ୍ୱରାଜ ଦେବା ସପକ୍ଷରେ ଚଉଦ ଦଫା ଘୋଷଣାପତ୍ର ପ୍ରକାଶ କଲେ । ଇଂଲଣ୍ଡ ଉପରେ ଏହାର ପ୍ରଭାବ ପଡ଼ିଲା । ସରକାର ତିଳକ ଉପରେ ଥିବା ରାଜନୀତିକ କଟକଣା ହଟାଇଦେଲେ । ୧୯୧୯ ଫେବୃୟାରୀ ୨୫ ରେତିଳକ 'କେକସ୍‌ଟନ୍ ହଲ୍' ରେ ଭାଷଣଦେଇ କହିଥିଲେ- ଭାରତ ପାଇଁ ସ୍ୱାଧୀନତାର ସ୍ୱାଦ ପାଇବା ସମୟ ଏବେ ଆଗତପ୍ରାୟ । ଜାତୀୟ କଂଗ୍ରେସର ସାପ୍ତାହିକ 'ଇଣ୍ଡିଆ' ର ସଂପାଦକ ହେନରୀ ପୋଲକ ଭାରତ ବିରୋଧୀ ଲେଖାମାନ ପ୍ରକାଶ କରୁଥିବାରୁ ତିଳକ ପ୍ରତିବାଦ କଲେ । ପୋଲକ ସ୍ଥାନରେ ଏନ.ସି.କେଲକାରଙ୍କୁ ସଂପାଦକ ନିଯୁକ୍ତ କରିଥିଲେ ବ୍ରିଟିଶ-ଇଣ୍ଡିଆ କମିଟି ।

ଅମୃତସର ଅଧିବେଶନରେ ଗାନ୍ଧିଜୀ ଓ ତିଳକ ମଧ୍ୟରେ ହୋଇଥିବା ଆଲୋଚନା ଅତି ଗୁରୁତ୍ୟପୂର୍ଣ୍ଣଥିଲା । ତିଳକଙ୍କ ଆଦର୍ଶ ଭଗବାନ ଶ୍ରୀକୃଷ୍ଣ ଓ ଗାନ୍ଧିଜୀଙ୍କ ଆଦର୍ଶ ବୁଦ୍ଧ ଓ ଯୀଶୁଖ୍ରୀଷ୍ଟ । ତିଳକ ଜଣେ ଶାସ୍ତ୍ରଜ୍ଞ ପଣ୍ଡିତ, ଗାନ୍ଧୀଜି ଥିଲେ ତପସ୍ୱୀ ସାଧକ । ଉଭୟଙ୍କ ଶ୍ରଦ୍ଧା,ମମତା ଓ ପ୍ରେମ ଥିଲା ଭାରତମାତା ପ୍ରତି । ମେଲେରିଆ ଓ ନିମୋନିଆରେ ଆକ୍ରାନ୍ତ ହୋଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାସେନାପତି ୧୯୨୦ ମସିହା ଜୁଲାଇ ୩୧ ତାରିଖ ମଧରାତ୍ରି ୧୨ଟା ୪୦ମିନିଟ୍‌ରେ ଶେଷନିଃଶ୍ୱାସ ତ୍ୟାଗ କରିଲେ । ଭାରତର ବରପୁତ୍ର ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଳକଙ୍କୁ ମହାତ୍ମା ଗାନ୍ଧି, ସୌକତ ଅଲ୍ଲୀ, ଡ଼ଃ କିଚୁଲୁ ନେହୁରୁ ଆଦି ନେତାମାନେ କାନ୍ଧରେ ବମ୍ବେ ଚୌପାଠୀ ଶ୍ମଶାନ ଅଭିମୁଖେନେଲେ । ଚନ୍ଦନ କାଠର ଚିତାରେ ସଂଗ୍ରାମୀ ବୀରଙ୍କ ଦାହ ସଂସ୍କାର ହେଲା । ସାରା ଭାରତ ପାଇଁ ଅଗଷ୍ଟ ୧ ଥିଲା ଏକ ଦୁଃଖାତ୍ମକ ଦିବସ । ତିଳକ ଥିଲେ ନବଭାରତର ନିର୍ମାତା । ସେ ଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମର ପିତାମହ । ଭାରତର ଗୌରବମୟ ଅତୀତର ପ୍ରତୀକ, ସଂସ୍କୃତିର ପୁରୋଧା, ସ୍ୱାଧୀନତାର ନେତୃ ପୁରୁଷ ଓ ସ୍ୱାଧୀନତାର ପଥପ୍ରଦର୍ଶକ ଭାବରେ ଚିରସ୍ମରଣୀୟ ।

# ସାର୍, ଆମ ଦରମା ଭତ୍ତା ବଢାନ୍ତୁ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଦରଦାମ ବଢିଲାଣି । ତେଲ ଦର ଓ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ବଢିଗଲାଣି । ଥରେ ନିର୍ବାଚନମଣ୍ଡଳୀ ବୁଲି ଗଲେ ୫୦ ହଜାର ଖର୍ଚ୍ଚ ହେଉଛି । ବାହାଘର, ବ୍ରତଘର, ନାଚ, ଗୀତ, ମେଳା ମହୋତ୍ସବ, ଖେଳକୁଦ, ଚିକିତ୍ସା ଓ ଅନ୍ୟାନ୍ୟ ପାଇଁ ଆମକୁ ଟଙ୍କା ଦେବାକୁ ପଡୁଛି । ଅନ୍ୟ ରାଜ୍ୟରେ ଆମଠାରୁ ବହୁ ଅଧିକ ମିଳୁଛି । ସାର୍, ଆମର ଦରମା ଓ ଅନ୍ୟାନ୍ୟ ଭତ୍ତା ବଢାନ୍ତୁ । ଦଳଗତ ନିର୍ବିଶେଷରେ ବିଧାୟକମାନେ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କଠାରେ ଏମିତି ଗୁହାରି କରିଛନ୍ତି । ବିଧାନସଭାରେ ଏ ନେଇ ଏକ ସର୍ବଦଳୀୟ ସବ୍‌କମିଟି ଗଠନ ହୋଇ ବିଭିନ୍ନ ରାଜ୍ୟ ଗସ୍ତ କରୁ । ଉକ୍ତ କମିଟି ରିପୋର୍ଟ ଆଧାରରେ ଚୂଡାନ୍ତ ନିଷ୍ପତ୍ତି ନିଆଯାଉ ବୋଲି ସେମାନେ ଦାବି କରିଥିଲେ । ଉଦ୍‌ବେଗକୁ ଦେଖି ବାଚସ୍ପତି ଏହାର 'ସୁବିଚାର' ପାଇଁ ସରକାରଙ୍କୁ ପରାମର୍ଶ ଦେଇଛନ୍ତି ।

ଶନିବାର ବିଧାନସଭା ଶୂନ୍ୟକାଳରେ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି କହିଥିଲେ ଗତ ୧୩ ସେପ୍ଟେମ୍ବର ୨୦୧୭ରେ ରାଜ୍ୟରେ ବିଧାୟକଙ୍କ ଦରମା, ଭତ୍ତା ଓ ବିଧାୟକ ପାଣ୍ଠି ଆଦି ବଢିଥିଲା । ଏବେ ସମୟ ଆସିଛି ବିଧାୟକଙ୍କ ଦରମା ବଢାଇବାକୁ ବିଚାର କରାଯାଉ । କର୍ଣ୍ଣାଟକରେ ବିଧାୟକମାନେ ମାସିକ ଭତ୍ତା ସହ ଦରମା ବାବଦରେ ୨.୦୫ଲକ୍ଷ, ମହାରାଷ୍ଟ୍ରରେ ୨.୩୨ଲକ୍ଷ, ଉତ୍ତରାଖଣ୍ଡରେ ୩.୨୫



ଲକ୍ଷ ଓ ଗୋଆରେ ୩.୨ ଲକ୍ଷ ଟଙ୍କା ପାଉଛନ୍ତି । ଓଡ଼ିଶାରେ ବିଧାୟକମାନଙ୍କ ଦରମା ଓ ଗସ୍ତ ଖର୍ଚ୍ଚକୁ ମିଶାଇ ମୋଟ ୯୯,୮୦୦ ଟଙ୍କା ରହିଛି । ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ଏକ ପ୍ରସ୍ତାବ ଦେବାକୁ ବାଚସ୍ପତି ରୁଲିଂ ଦିଅନ୍ତୁ ବୋଲି ସେ ଦାବି କରିଥିଲେ । କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଯାହା ମିଳୁଛି ତାହା ପର୍ଯ୍ୟାପ୍ତ ହେଉନି ବୋଲି କହିବା ସହ ପୂର୍ବତନ ବିଧାୟକମାନଙ୍କର ମଧ୍ୟ ପେନ୍‌ସନ୍ ଓ ଚିକିତ୍ସା ଖର୍ଚ୍ଚ ବଢାଯାଉ ବୋଲି ସେ ଦାବି କରିଥିଲେ । ବିଜେଡି ବିଧାୟକ ଅମର ପ୍ରସାଦ, ପଦ୍ମନାଭ ବେହେରା, ସ୍ୱାଧୀନ ବିଧାୟକ ସୁରେଶ କୁମାର ରାଉତରାୟ କହିଥିଲେ, ଅପ୍ରିୟ ସତ୍ୟକଥା । ସକାଳୁ ଉଠିବା ମାତ୍ରେ ବିଭିନ୍ନ କଥାରେ ଲୋକଙ୍କ ପଇସା ଦେବାକୁ ପଡେ । ଗୋଆ ଭଳି ରାଜ୍ୟର ବିଧାୟକ ଦରମା ଓ ଭତ୍ତା ୩ ଲକ୍ଷ ଆମର ସବୁଠାରୁ କମ୍ । ମୁଖ୍ୟମନ୍ତ୍ରୀ ଭାରି ଦରଦି । ତାଙ୍କୁ ଏହି ପ୍ରସ୍ତାବ ଦିଆଯାଉ ବୋଲି ସେ କହିଥିଲେ ।

ସଂଗ୍ରେସ ସଭ୍ୟ ସନ୍ତୋଷ ସିଂ ସାଲୁଜା କହିଥିଲେ, ବିଧାୟକଙ୍କ ପାଇଁ ଏକ ସିଲିଂ କରାଯାଉ । ୫ଥର କିମ୍ବା ୭ଥର ବିଧାୟକ ମାପଦଣ୍ଡ ନ ରହୁ । ସମସ୍ତଙ୍କ ପାଇଁ ସମାନ ବ୍ୟବସ୍ଥା କରାଯାଉ । ପୂର୍ବତନ ବିଧାୟକଙ୍କୁ ମାତ୍ର ୨ହଜାର ଟଙ୍କା ଔଷଧ ପାଇଁ ଦିଆଯାଉଛି । ୫ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା ଦିଆଯାଉଛି । ବିଜୁ ସ୍ୱାସ୍ଥ୍ୟ ଯୋଜନାରେ ମହିଳାଙ୍କୁ ୧୦ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ କାର୍ଡ ଦିଆଯାଉଛି । ଦରମା ଓ ଭତ୍ତା ବଢାଇବା ପାଇଁ ଏକ କମିଟି ଗଠନ କରାଯାଉ । ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ କହିଥିଲେ, ଜଣେ ପିଅନ ଓ ତୃତୀୟ ଶ୍ରେଣୀ କର୍ମଚାରୀ ମାସିକ ଯେତିକି ଦରମା ପାଉଛନ୍ତି ତା'ଠାରୁ ବିଧାୟକମାନେ କମ୍ ପାଉଛନ୍ତି । ତେଣୁ ଦରମା ବୃଦ୍ଧି କରାଯାଉ ବୋଲି ସେ ଦାବି କରିଥିଲେ ।

## ୧୨ଟି ଇସ୍ପାତ କାରଖାନା ହେବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ରାଜ୍ୟ ରେ ପ୍ରତିଷ୍ଠା ହେବ ନୂଆ ଇସ୍ପାତ କାରଖାନା ଆଉ ୧୨ଟି ନୂଆ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବା ସୁନ୍ଦରଗଡରେ ସର୍ବାଧିକ ୩ଟି ଇସ୍ପାତ କାରଖାନା ହେବ ସେହିପରି ଯାଜପୁରରେ ୨ଟି ଇସ୍ପାତ କାରଖାନା ପ୍ରତିଷ୍ଠା କରାଯିବ । ଏହା ସହ କେନ୍ଦ୍ରାପଡା , ଝାରସୁଗୁଡା , ଢେଙ୍କାନାଳରେ ବି ଇସ୍ପାତ କାରଖାନା ପ୍ରତିଷ୍ଠା ହେବ ।ସେହିପରି ଅନୁଗୁଳ , କେନ୍ଦୁଝର ଓ ଜଗତସିଂହପୁରରେ ଇସ୍ପାତ କାରଖାନା ପ୍ରତିଷ୍ଠା ହେବ ବୋଲି ସୂଚନା ମିଳିଛି ।



## କେନ୍ଦ୍ରାପଡା ଡିଇଓଙ୍କୁ ବାନ୍ଧିଲା ଭିଜିଲାନ୍ସ, ଧନ୍ୟବାଦ

**କେନ୍ଦ୍ରାପଡା(ସଂପର୍କବାର୍ତ୍ତା):-** ଭିଜିଲାନ୍ସ ଜାଲରେ ପଡିଲେ କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ । ବଦଳି କରାଇଦେବା ଶିକ୍ଷା ବିଭାଗର ଜଣେ ପିଅନଙ୍କ ଠାରୁ ୨୦ହଜାର ଟଙ୍କା ଲାଂଚ ନେଉଥିବା ବେଳେ କେନ୍ଦ୍ରାପଡା ଭିଜିଲାନ୍ସ ତାଙ୍କୁ ଲାଂଚ ଟଙ୍କା ସହ ଧରିଛି । ତେବେ ତିନିମହାଣି ଛକ ଏନଏଚ କଲୋନୀ ସ୍ଥିତ ଘରେ ଡିଇଓ ଲାଂଚ ଟଙ୍କା ଗ୍ରହଣ କରୁଥିଲେ । ସବୁଠାରୁ ବଡ କଥା ହେଲା ଆଉ ମାତ୍ର ୩ଦିନ ପରେ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ ଅବସର ନେଇଥାଆନ୍ତି । ସୂଚନାଯୋଗ୍ୟ ଯେ , କେନ୍ଦ୍ରାପଡା ପଟ୍ଟାମୁଣ୍ଡାଇ ନିମପୁର ସ୍କୁଲର ପିଅନ ସନ୍ତୋଷ କୁଣ୍ଡଙ୍କୁ ଡେରାବିଶ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟକୁ ବଦଳି କରିଦେବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ ଲାଂଚ ନେଉଥିଲେ । ଲାଂଚ ଟଙ୍କା ସହ ଧରା ପଡିବା ପରେ ଜିଲ୍ଲାଶିକ୍ଷା ଅଧିକାରୀଙ୍କ ଭଡା ଘର କଟକ ସ୍ଥିତ ଘର, ବାଲେଶ୍ୱର ପୈତୃକ ଘରେ ଏକକାଳୀନ ଭିଜିଲାନ୍ସ ଚଢାଉ କରୁଥିବା ଜଣାପଡିଛି ଘରୁ ବହୁ ଗୁରୁତ୍ୱ ପୂର୍ଣ୍ଣ କାଗଜପତ୍ର ଜବତ କରି ଛାନଭିନ୍ ଜାରି ରଖିଛି ଭିଜିଲାନ୍ସ ଟିମ୍ ଶିକ୍ଷା ଅଧିକାରୀ ସଂଜୀବ ସିଂହଙ୍କ ନାମରେ ବିଭିନ୍ନ ସମୟରେ ଲାଂଚ ନେବା , ତଦନ୍ତକୁ ଚପେଇ ଦେବା ଏବଂ ବଦଳି କରିଦେବା , ବିଲ୍ କରିଦେବା ପାଇଁ ଲାଂଚ ନେଉଥିବା ଅଭିଯୋଗ ହୋଇ ଆସୁଥିଲା




## ଭୁବନେଶ୍ୱରରେ ୟୁନିଟ-୨ ଓ ୬କୁ ଭଙ୍ଗିଦିଆଯିବ

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଭୁବନେଶ୍ୱର ୟୁନିଟ -୨ରେ ୪୧୦ଟି ସରକାରୀ କ୍ୱାର୍ଟର ଭଙ୍ଗାଯିବ । ଏହି ସବୁ କ୍ୱାର୍ଟରକୁ ଭାଙ୍ଗି ପିପିପି ମୋଡରେ ପୁନଃନିର୍ମାଣ କରିବା ଲାଗି ରାଜ୍ୟ ସରକାର ଯୋଜନା ରହିଛି । ସେହି ପରି ୟୁନିଟ -୬ରେ ଥିବା ୫୦ଟି କ୍ୱାର୍ଟର ଭଙ୍ଗାଯାଇ ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ଆଣ୍ଡ ରିସର୍ଚ୍ଚ ଆଟ୍ କ୍ୟାପିଟାଲ୍ ହସ୍ପିଟାଲ୍ ନିର୍ମାଣ କରାଯିବ । ୟୁନିଟ- ୪ଅନ୍ତର୍ଗତ ଅନ୍ୟ ୫୦ଟି କ୍ୱାର୍ଟର ଏମଏଲଏ କଲୋନିରେ ବହୁତଳ ଆବାସିକ କୋଠା ନିର୍ମାଣ କରାଯିବ । ୟୁନିଟ -୩ରେ ଭୁବନେଶ୍ୱର ମହାନଗର ନିଗମ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୨ଟି କ୍ୱାର୍ଟର – ୪ଅନ୍ତର୍ଗତ କ୍ୱାର୍ଟର ଓ ୟୁନିଟ- ୮ଅନ୍ତର୍ଗତ ୩୬ଟି କ୍ୱାର୍ଟର ନିରାପଦ ନଥିବା ଯୋଗୁଁ ଭଙ୍ଗାଯାଇଛି । ଏହା ବାଦ ୟୁନିଟ- ୨ରେ ୧୨୪ଟି ଘର ଖାଲି ପଡିଛି ଯାହାର ପୁନଃନିର୍ମାଣ ନିମନ୍ତେ ପ୍ରସ୍ତାବ ଥିବାରୁ ଆବଣ୍ଟନ ହୋଇନାହିଁ ।



## ମଉଗଜପୁର ଗ୍ରିଡ୍ ଅସୁସ୍ଥ

**କଟକ(ସଂପର୍କବାର୍ତ୍ତା):-** ପାଞ୍ଚବର୍ଷ ହେଲାଣି ପ୍ରତ୍ୟହ ବିଜୁଳି ବିଭ୍ରାଟ ଘଟୁଛି, ପ୍ରତିଦିନ ୭ରୁ ୮ଥର ପର୍ଯ୍ୟନ୍ତ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହେଉଛି ଏବଂ ଏହାର ଅବଧି ରହୁଛି ୨୦ ମିନିଟ୍‌ରୁ ୧ ଘଣ୍ଟା ପର୍ଯ୍ୟନ୍ତ । ସାଧାରଣ ଜନଜୀବନ ଦୁର୍ବିସହର ଚିତ୍ର ଦେଖିବାକୁ ମିଳୁଛି ସାର୍ତ୍ତୋଳ ଗ୍ରାମରେ ଏବଂ ମଉଗଜପୁର ଗ୍ରିଡ୍‌ରୁ ବିଜୁଳି ଯୋଗାଣରେ ଅବ୍ୟବସ୍ଥା ଯୋଗୁଁ ଏହା ଘଟୁଛି । ବର୍ଷବର୍ଷ ଧରି ଏ ଅଂଚଳର ଉପଭୋକ୍ତାମାନେ ଏଭଳି ବିଦ୍ୟୁତ୍ ବିଭ୍ରାଟକୁ ସହ୍ୟ କରି ଆସୁଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା କରାଯାଉ ନାହିଁ ।

### ହର୍‌ଦମ୍ ବିଜୁଳି କାଟ୍

ପୂର୍ବାଞ୍ଚଳର ଦୁଇଟି ଅଂଚଳ ପୋପରଡା ଓ ସାର୍ତ୍ତୋଳକୁ ବିଜୁଳି ଯୋଗାଣ ମଉଗଜପୁର ଗ୍ରୀଡ୍‌ରୁ ହେଉଥିଲାବେଳେ ପାର୍ଶ୍ୱବର୍ତ୍ତୀ ତିନିଘରିଆ, ନୂଆପଡା ଆଦି ବ୍ୟାପକ ଅଂଚଳକୁ ଖପୁରିଆ ଗ୍ରୀଡ୍‌ରୁ ବିଦ୍ୟୁତ୍ ଆସିଥାଏ । ମହାନଗର ନିଗମର ୫୩ ନମ୍ବର ୱାର୍ଡରେ ରହିଥିବା ସାର୍ତ୍ତୋଳରେ ପ୍ରାୟ ସାଢେ ୪ ଶହରୁ ଉର୍ଦ୍ଧ୍ୱ ବିଜୁଳି ଉପଭୋକ୍ତା ଏହି ସମସ୍ୟାରେ ଘାଣ୍ଟି ହେଉଛନ୍ତି । ଏ ଅଂଚଳରେ ଘଣ୍ଟା ଘର୍ଟା ଧରି ବିଜୁଳି ବିଚ୍ଛିନ୍ନ ହେବା ଭଳି ବିଭ୍ରାଟ ପ୍ରାୟ ୧୪/୧୫ବର୍ଷ ଧରି ହୋଇଆସୁଥିଲେ ମଧ୍ୟ ପ୍ରତ୍ୟହ ଏହା ଘଟୁଛି ଏହି ୫ ବର୍ଷ ହେଲାଣି ।

ପାଞ୍ଚବର୍ଷ ପୂର୍ବରୁ ସାର୍ତ୍ତୋଳକୁ ଖପୁରିଆ ଗ୍ରୀଡ୍‌ରୁ ବିଜୁଳି ଯୋଗାଣ ହେଉଥିଲା ଏବଂ ନିୟମିତ ବ୍ୟବଧାନରେ ବିଦ୍ୟୁତ୍ ବିଭ୍ରାଟ ହେବାରୁ ତାହାର କୌଣସି ପ୍ରତିକାର କରାନଯାଇ ଗ୍ରୀଡ୍ ବଦଳାଇ ଦିଆଗଲା । ବିଜୁଳି ଯୋଗାଣର ବ୍ୟବସ୍ଥାକୁ ଅଧିକ ସ୍ୱାଭାବିକ କରିବା ପାଇଁ ମଉଗଜପୁର ଗ୍ରୀଡ୍‌ରୁ ହେଲା ବିଜୁଳି ଯୋଗାଣ ଏବଂ ସମସ୍ୟା ଦୂର ହେବା ବଦଳରେ ତାହା ଅଧିକ ଘଟିଲା । ନିୟମିତ ବ୍ୟବଧାନ ବଦଳରେ ପ୍ରତିଦିନ ବିଜୁଳି କଟିଲା ଏବଂ ଦୈନିକ ୨୦ ମିନିଟ୍, ଅଧଘଣ୍ଟା ଓ ଏକ ଘଣ୍ଟା ଲୋଖାଏଁ ସରବରାହ ବିଚ୍ଛିନ୍ନ ହେଲା ଏବଂ ଦିନକ ଭିତରେ ଏହା ୭/୮ଥର ହେଲା । ବିଭାଗୀୟ କର୍ତ୍ତୃପକ୍ଷଙ୍କଠାରେ ଅଂଚଳବାସୀ ବାରମ୍ବାର ଅଭିଯୋଗ କରି କୌଣସି ନିଷ୍କର୍ଷ ହେଲା ନାହିଁ, ଅଦ୍ୟାବଧି ଦିନକୁ ଘଣ୍ଟା ଘଣ୍ଟା ବିଜୁଳି ସରବରାହ ବିଚ୍ଛିନ୍ନର ଧାରା ଅବ୍ୟାହତ ରହିଛି ।

## ଇପିକଲ୍ ଏବଂ ଫିକି ମଧ୍ୟରେ ବୁଝାମଣା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଗତ ୨୮ ତାରିଖ ଅପରାହ୍ନରେ ସ୍ଥାନୀୟ ମେ ଫେୟାର ହୋଟେଲ ସମ୍ମିଳନୀ କକ୍ଷଠାରେ ଇପିକଲ୍ ଏବଂ ଫିକି ମଧ୍ୟରେ ଆଗାମୀ ନଭେମ୍ବର ୩୦ରୁ ଡିସେମ୍ବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ୍‌ରେ ସହଯୋଗ ପ୍ରଦାନ ପାଇଁ ଏକ

### ମେକ୍‌ଇନ୍ ଓଡ଼ିଶା କନ୍‌କ୍ଲେଭ୍

ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଯାଇଛି । ଶିଳ୍ପ, ଏମ୍‌ଏସ୍‌ଏମ୍‌ଇ ଓ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ, ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା, ମହାନିର୍ଦ୍ଦେଶକ ଫିକି, ନୂଆଦିଲ୍ଲୀ ଅରୁଣ ଚାୱ୍ଲାଙ୍କ ଉପସ୍ଥିତିରେ ଇପିକଲ୍‌ର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୁନିଆ ଓ ଫିକିର ଉପସଭାପତି ମୌସୁମୀ ଘୋଷ ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ଦେବ କହିଥିଲେ ଯେ, ଏଥର ରାଜ୍ୟ ତା'ର ମେକ୍ ଇନ୍ ଓଡ଼ିଶାର ତୃତୀୟ ସଂସ୍କରଣ ଆୟୋଜନ କରିବାକୁ ଯାଉଛି । ବିଗତ ଦୁଇଟି ସଂସ୍କରଣରେ ଯଥାକ୍ରମେ ୨ ଓ ୪ ଲକ୍ଷ କୋଟି ପୁଞ୍ଜିନିବେଶର ସମ୍ଭାବନା ସୃଷ୍ଟି ହୋଇଥିବାବେଳେ ଏଥର କନ୍‌କ୍ଲେଭ୍‌ରୁ ଅଧିକ କିଛି ପୁଞ୍ଜିନିବେଶ ହେବାର ସମ୍ଭାବନା ରହିଥିବା ପ୍ରକାଶ କରିଥିଲେ । ଆଗାମୀ ଦିନରେ ଓଡ଼ିଶା ଦେଶର ଏକ ପ୍ରକୃଷ୍ଟ ପୁଞ୍ଜିନିବେଶ ସ୍ଥଳୀ ପାଲଟିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଓଡ଼ିଶାର କ୍ରୋମାଇଟ୍, ନିକେଲ୍, ମାଙ୍ଗାନିଜ୍, ଲୁହାପଥର, କୋଇଲା ଭଳି ଖଣିଜରେ ଭରପୁର ଭଣ୍ଡାର ରହିଥିବା ବେଳେ ରାଜ୍ୟ ଇସ୍ପାତ ଷ୍ଟେନ୍‌ଲେସ୍ ଷ୍ଟିଲ୍, ଫେରୋ ଆଲଏଜ୍, ଆଲୁମିନା ଓ ଆଲୁମିନିୟମ୍ ଉତ୍ପାଦ କ୍ଷେତ୍ରରେ ପ୍ରମୁଖତା ହାସଲ କରିଥିବା ଦର୍ଶାଇଥିଲେ । ଫିକି, ନୂଆଦିଲ୍ଲୀର ମହାନିର୍ଦ୍ଦେଶକ ଶ୍ରୀ ଚାୱ୍ଲା ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟିସଂପନ୍ନ ନେତୃତ୍ୱ, ସ୍ଥାୟୀ ସରକାର, ଅଧିକାରୀମାନଙ୍କ କାର୍ଯ୍ୟ ସଂପାଦନାରେ ତତ୍ପରତା, କ୍ରିୟାଶୀଳତା ଓ ଇଜ୍ ଅଫ୍ ଡୁଇଂ ବିଜିନେସ୍ ରାଜ୍ୟରେ ଏକ ଉତ୍ତମ ବାତାବରଣ ସୃଷ୍ଟି କରିପାରିଛି ବୋଲି କହିଥିଲେ । କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଶ୍ରୀ ଶର୍ମା ସ୍ୱାଗତ ଭାଷଣ ଦେବା ସହ ମେକ୍ ଇନ୍ ଓଡ଼ିଶା-୨୦୨୨କୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା-୨୦୨୨କୁ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପ୍ରତିଷ୍ଠିତ ଶିଳ୍ପପତି ଓ ଉଦ୍ୟୋଗୀମାନେ ଯୋଗଦେଇଥିଲେ । ଶେଷରେ ଇପିକଲର ପରିଚାଳନା ନିର୍ଦ୍ଦେଶକ ଭୂପିନ୍ଦ୍ର ସିଂ ପୁନିଆ ଧନ୍ୟବାଦ ଅର୍ପଣ କରିଥିଲେ ।




## ୨୬ ବିଧାୟକ ଦିଲ୍ଲୀ ଯିବେ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ନବନିର୍ବାଚିତ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଓଡ଼ିଶା ବିଧାନସଭା ପକ୍ଷରୁ ଅଭିନନ୍ଦନ ଜଣାଇବାକୁ ବାଚସ୍ପତି ବିକ୍ରମ କେଶରୀ ଆରୁଖଙ୍କ ନେତୃତ୍ୱରେ ୨୬ ଜଣ ବିଧାୟକ ଅଗଷ୍ଟ ୨ ତାରିଖରେ ନୂଆଦିଲ୍ଲୀ ଗସ୍ତ କରିବେ । ୩ ତାରିଖରେ ରାଷ୍ଟ୍ରପତିଙ୍କୁ ଭେଟି ୪ ତାରିଖରେ ଭୁବନେଶ୍ୱର ଫେରି ଆସିବାର କାର୍ଯ୍ୟକ୍ରମ ରହିଛି । ତେବେ ବିଧାୟକମାନଙ୍କ ଏହି ଗସ୍ତ ଥିବାରୁ ୧ ତାରିଖରେ ଅଧିବେସନ ଶେଷ ହେବାର ସମ୍ଭାବନା ରହିଛି ।




# କଟକ ମେୟର ସୁବାସ ସିଂ ଅସନ୍ତୁଷ୍ଟ

କଟକ(ସଂପର୍କବାର୍ତ୍ତା):- ଲୋକଙ୍କୁ ସେବା ମିଳୁନି । ସରକାରୀ ସୁବିଧା ଥିଲେ ମଧ୍ୟ ଏଥିରୁ ବଂଚିତ ରହୁଛନ୍ତି । ଏମିତିକି ଅନେକଙ୍କ ନାଁରେ ଅଭିଯୋଗର ଲମ୍ବା ତାଲିକା ରହିଛି । କାଉନ୍‌ସିଲ୍‌ରେ ଖୋଦ୍ ମେୟର ସୁବାସ ସିଂହ ଗୋଷ୍ଠୀ ସଂଗଠିକା ତଥା ସିଓଙ୍କ ଉପରେ

### ବଦଳିରେ ଚଞ୍ଚକତା !

ଅସନ୍ତୋଷ ଜାହିରଖ କଲେ । ଏସବୁ ବାଦ୍ ସିଏମ୍‌ସିରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ସିଏମ୍‌ସି କମିସନର ନିଖିଲ ପବନ କଲ୍ୟାଣ ଗତ ୨୫ ତାରିଖରେ ସିଓଙ୍କ ୱାର୍ଡ ଅଦଳବଦଳ କରି ଏକ ନିର୍ଦ୍ଦେଶନାମା ଜାରି କରିଥିଲେ । କିନ୍ତୁ ଆଶ୍ଚର୍ଯ୍ୟର କଥା ହେଉଛି ଯେ, କମିସନରଙ୍କ ବଦଳି ନିର୍ଦ୍ଦେଶ ପରେ ଏବେ ମେୟରଙ୍କ ନିକଟରେ ଡେରା ପକାଇଛନ୍ତି କେତେଜଣ କର୍ପୋରେଟର । ସେମାନଙ୍କ ୱାର୍ଡ ଦାୟିତ୍ୱ ନିର୍ଦ୍ଦିଷ୍ଟ ସିଓଙ୍କୁ ପ୍ରଦାନ କରିବା ପାଇଁ ଚାପ ପକାଉଛନ୍ତି । ରାହାକୁ ନେଇ ଆଜି ସଂଧ୍ୟାରେ ମେୟର ଶ୍ରୀ ସିଂହ ବିଭାଗୀୟ ଅଧିକାରୀଙ୍କୁ ନେଇ ଜରୁରି ବୈଠକ ଡାକିବା ଘଟଣା ଏବେ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି ।

କଟକ ମହାନଗର ନିଗମର ୫୯ଟି ୱାର୍ଡରେ ସମୁଦାୟ ୨୧ ଜଣ ଗୋଷ୍ଠୀ ସଂଗଠିକା (ସିଓ) କାର୍ଯ୍ୟ କରୁଛନ୍ତି । ସେଥିରୁ କେତେଜଣ ସିଓଙ୍କୁ ୨ଟି ୱାର୍ଡ ଓ ଆଉ କେତେଜଣଙ୍କୁ ୩ଟି ୱାର୍ଡ ପ୍ରଦାନ କରାଯାଇଛି । ୨୦୨୦ ମସିହାରେ ଶେଷଥର ପାଇଁ ସିଓଙ୍କ ମଧ୍ୟରେ ୱାର୍ଡ ଅଦଳବଦଳ ହୋଇଥିଲା । ଏହାପରେ ଚଳିତ ବର୍ଷ ଗତ ୨୫ ତାରିଖରେ ସିଓଙ୍କ କାର୍ଯ୍ୟକୁ ସମୀକ୍ଷା କରାଯାଇ ବିଭାଗୀୟ ଅଧିକାରୀ ଓ ସିଏମ୍‌ସି କମିସନର ୱାର୍ଡ ଅଦଳବଦଳ କରିଛନ୍ତି । ସେଥିରେ ୧୯ଜଣ ସିଓଙ୍କ ୱାର୍ଡ ବଦଳ ହୋଇଥିଲାବେଳେ ସିଓ ସ୍ୱର୍ଣ୍ଣମଞ୍ଜରୀ ପ୍ରଧାନ ଓ ରଶ୍ମିତା ନନ୍ଦଙ୍କୁ ୱାର୍ଡ ବଦଳରେ କାର୍ଯ୍ୟାଳୟରେ ଦାୟିତ୍ୱ ଦିଆଯାଇଛି । ତେବେ ୧୯ ଜଣଙ୍କ ମଧ୍ୟରୁ



୩ ଜଣ ସିଓଙ୍କ ୱାର୍ଡରେ କୌଣସି ପରିବର୍ତ୍ତନ ହୋଇ ନଥିଲାବେଳେ ଅନ୍ୟମାନଙ୍କ ପୂର୍ବରୁ ଥିବା କିଛି ୱାର୍ଡ ସମେତ ଗୋଟିଏ କି ଦୁଇଟି ୱାର୍ଡରେ ପରିବର୍ତ୍ତନ କରାଯାଇଛି । ଏହାକୁ ପୂର୍ବରୁ ମେୟର ଦେଖିବା ସହିତ ସିଏମ୍‌ସି କମିସନର ନିଖିଳ ପବନ କଲ୍ୟାଣ ଗତ ୨୫ତାରିଖରେ ଅନୁମୋଦନ କରିଥିଲେ । ଆଜି ସକାଳେ ସମସ୍ତ ବିଧାୟକ ଓ କର୍ପୋରେଟରମାନଙ୍କୁ ନିର୍ଦ୍ଦେଶନାମା ଦିଆଯିବା ନେଇ ପ୍ରକ୍ରିୟା ଆରମ୍ଭ ହେବା କ୍ଷଣି ସିଓମାନେ ନିଜ ସ୍ତରରେ ୱାର୍ଡ ବଦଳି ନିର୍ଦ୍ଦେଶନାମାକୁ ବାତିଲ୍ କରିବାକୁ ଉଦ୍ୟମ ଆରମ୍ଭ କରିଥିଲେ । ଏମିତି ଏ ନେଇ ଆଜି ଦିନ ତମାମ୍ କେତେଜଣ କର୍ପୋରେଟର ମେୟରଙ୍କ କାର୍ଯ୍ୟାଳୟକୁ ଆସି ଅସନ୍ତୋଷ ପ୍ରକାଶ କରିଥିଲେ । ଏହା ଠିକ୍ ଢଙ୍ଗରେ ହୋଇନି, ସମ୍ପୂର୍ଣ୍ଣ ପରିବର୍ତ୍ତନ ହେଲାନି, ମନଇଚ୍ଛା ତାଲିକା ହୋଇଛି ଆଦି ଅନେକ ପ୍ରକାରର ଅଭିଯୋଗ କରିଥିଲେ । ଏମିତିକି ସେମାନଙ୍କ ଅଭିଯୋଗର ସମାଧାନ ନହେଲେ କାଉନ୍‌ସିଲ୍ ପ୍ରସଙ୍ଗ ଉଠା ହେବା ନେଇ ଚାପ ପକାଯାଇଥିଲା । ଏହାପରେ ମେୟରଙ୍କ ଅଧ୍ୟକ୍ଷତାରେ ରାତାରାତି କିଛି ନିର୍ଦ୍ଦିଷ୍ଟ ସିଓଙ୍କୁ ସେମାନଙ୍କ ପୂର୍ବ ୱାର୍ଡକୁ ଦିଆଯିବା ସହିତ କମିସନରଙ୍କ ନିର୍ଦ୍ଦେଶନାମାରେ ପରିବର୍ତ୍ତନ କରି ନୂଆ ନିର୍ଦ୍ଦେଶନାମା ଜାରି କରିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ସବୁଠୁ ବଡ କଥା ହେଉଛି ଯେ, ଯେଉଁଠି ଅନ୍ୟ ପୌରାଞ୍ଚଳରେ ସିଓମାନଙ୍କର ଗୋଟିଏ ମ୍ୟୁନିସିପାଲ୍‌ରୁ ଅନ୍ୟ ମ୍ୟୁନିସିପାଲକୁ ବଦଳି ହେଉଥିଲାବେଳେ ସିଏମ୍‌ସିରେ ଦୀର୍ଘ ବର୍ଷ କାର୍ଯ୍ୟ କରିବା ସତ୍ତ୍ୱେ ସିଓମାନଙ୍କ କୌଣସି ବଦଳି ନ ହେବା ସାଧାରଣରେ ସନ୍ଦେହ ସୃଷ୍ଟି କରିଛି । ଏମିତିକି ବଦଳି ନହେବା ଦ୍ୱାରା ସିଏମ୍‌ସିର ସ୍ୱଚ୍ଛ ସେବା ପ୍ରଦାନ କରିବା ନେଇ ମଧ୍ୟ ପ୍ରଶ୍ନବାଚି ସୃଟି ହୋଇଛି । ଏହିଭଳି ସ୍ଥିତିରେ ଆସନ୍ତା କାଲି ସିଏମ୍‌ସି କମିସନରଙ୍କ ଦ୍ୱାରା ଉକ୍ତ ବିଭାଗକୁ ନେଇ ଶୁକ୍ରବାର ଦିନ ତମାମ୍ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ ବୋଲି ସୂଚନା ମିଳିଛି । ଏ ନେଇ ମେୟର ସୁବାସ ସିଂହ କହିଛନ୍ତି ଯେ, ନୁଆ ବିଜ୍ଞପ୍ତି ପରେ ଖୁବ୍ ଶୀଘ୍ର ସିଓଙ୍କ କାର୍ଯ୍ୟ ତଦାରଖ କରାଯିବ । ସେହି ଅନୁସାରେ ଆଗକୁ ପଦକ୍ଷେପ ନିଆଯିବ ।

# ଘରେ ଏହି ସବୁ ସଂକେତ ଦେଖାଗଲେ ଆସିଥାଏ ଦାରିଦ୍ରତାର ଆଭାସ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଘରେ ହେଉଥିବା ଛୋଟ ଛୋଟ ଘଟଣାରେ ଅନେକ ସଙ୍କେତ ଲୁଚି ରହିଥାଏ। ଏହି ସଙ୍କେତକୁ ବୁଝିନିଆଯାଏ ତେବେ ଆମେ ଜାଣି ପାରିବା ଯେ ଭବିଷ୍ୟତକୁ ଆସୁଥିବା ସମୟ କେମିତି ରହିବ ଓ ଏହି ସମସ୍ୟାରୁ ମଧ ବଂଚିରହିବା ତେବେ ଆଜି ଆମେ ଆପଣଙ୍କୁ କହିବୁ ଯେ , ଏଭଳି କିଛି ଛୋଟ ଛୋଟ ସଙ୍କେତ ଦେଖିବାକୁ ମିଳେ ଯଦ୍ୱାରା ଆଗମୀ ଦିନରେ ଘର ଉପର



କିଛି ସମସ୍ୟା ଦେଖାଯିବ ଯାହା ଫଳରେ ଘରେ ଦାରିଦତା ଆସିବାର ସଂକେତ ଦେଖିବାକୁ ମିଳିଥାଏ । ପ୍ରଥମେ ଘରେ ଥିବା ତୁଳସୀ ଗଛ ଉପରେ ପଡିଥାଏ ଏବଂ ତୁଳସୀ ଗଛ ସୁଖିଯାଇଥାଏ ଯାହା ଘରକୁ ଦାରିଦ୍ରତା ବା ସମସ୍ୟା ଆସିବାର ସଙ୍କେତ ନେଇ ଆସିଥାଏ । ଯଦି ଆପଣଙ୍କ ଘରେ ଲାଗିଥିବା ବୃକ୍ଷଲତା ସର୍ବଦା ହରା ରହିବା ଦରକାର , ଘରେ ବୃକ୍ଷଲତା ପତ୍ର ନଶୁଖିବା ଉଚିତ୍, ଏହା ଦ୍ୱାରା ବୁଧ ଗ୍ରହ ଖରାପ ହୋଇଥାନ୍ତି ଏହା ଦ୍ୱାରା ଆପଣଙ୍କ ଉପରେ କରଜ ବଢିଥାଏ। ଘରେ ଝାଡୁ ଲକ୍ଷୀଙ୍କ ପ୍ରତୀକ ହୋଇଥାଏ , କାରଣ ଝାଡୁ ଦାରିଦ୍ରତାକୁ ଘରୁ ବାହାର କରିଥାଏ । ଏହାଦ୍ୱାରା ଘରେ ସୁଖ ସମୃଦ୍ଧି ହୋଇଥାଏ, ଝାଡୁ ଉପରେ ଗୋଡ ରଖିବା କିମ୍ବା ଝାଡୁରେ ଗୋଡ ନବଜେଇବା ଉଚିତ୍ ଏବଂ ସୁର୍ଯ୍ୟ ଅସ୍ତ ପରେ ଝାଡୁ ଘରେ ନଲଗାଇବା ଉଚିତ୍ କାହିଁକି ନା ଏହା ବ୍ୟକ୍ତି ର ଦୁର୍ଭାଗ୍ୟକୁ ଆମନ୍ତ୍ରିତ କରିଥାଏ। ଯେଉଁ ଘରେ କ୍ଷୀର ଉତୁରି ତଳେ ପଡିଯାଏ, ସେଠାରେ ଅଚାଳନକ ଖର୍ଚ୍ଚ ବୃଦ୍ଧି ହୋଇଥାଏ ଏବଂ ଘରର ଲୋକ ରୋଗରେ ପଡିଥାନ୍ତି । ବହୁଳ ଲୋକ କହିଥାନ୍ତି , କ୍ଷୀର ଉତୁରି ପଡିବା ଶୁଭ କିନ୍ତୁ ଯଦି ସବୁବେଳେ କ୍ଷୀତ ଉତୁରି ପଡେ ତେବେ ଏହା ଅଶୁଭ ହୋଇଥାଏ।

# ସାରୁରେ ଅଛି ଫାଇଦା

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସାରୁ ଖାଇବା ଦ୍ୱାରା ଆପଣଅନେକ ରୋଗରୁ ଦୂରେଇ ରହି ପାରିବେ । ସାରୁରେ ଫାଇବର ଏବଂ ରେସିଷ୍ଟାନ୍ସ ଷ୍ଟାର୍ଚର ମାତ୍ରାରେ ଭରପୂର ରହିଥାଏ । ଯାହାକି ବ୍ଲଡ ସୁଗାର ଲେବଲକୁ ନିୟନ୍ତ୍ରଣ କରିବାରେ ବହୁତ ଲାଭଦାୟକ ହୋଇଥାଏ । ହଜମ ପ୍ରକ୍ରିୟା ଏବଂ ହାର୍ଟକୁ ସୁସ୍ଥ ରଖିବାରେ ମଧ ସାରୁର ସେବନ ଫାଇଦାଯୁକ୍ତ ହୋଇପାରେ। ସାରୁ ଭାରତରେ ଲୋକଙ୍କ ଫୁଡ ହାବିଟ୍ସ ଅନହେଲଦି ହେବା କାରଣରୁ ଅନେକ



ପ୍ରକାରର ଶାରୀରିକ ସମସ୍ୟା ଦେଖାଯାଉଛି। ସାରୁ ଭାରତରେ ଲୋକଙ୍କ ଫୁଡ ହାବି଼ଟ୍ସ ଅନହେଲଦି ହେବା କାରଣରୁ ଅନେକ ପ୍ରକାରର ଶରୀରିକ ସମସ୍ୟା ଦେଖାଯାଉଛି । କିନ୍ତୁ ଆଜି ଆମେ ଏମିତି ଏକ ପରିବା ସମ୍ପର୍କରେ କହିବୁ ଯାହାକୁ ଖାଇବା ଦ୍ୱାରା ଆପଣ ବିଶେଷ ଭାବେ ହାର୍ଟଆଟାକ ସମସ୍ୟାକୁ ଦୂର କରିପାରିବେ। ଏହାସହ ଅନ୍ୟାନ୍ୟ ମଧ ଆ ଉ ହେବ ନାହିଁ। କ,ଣ ଏହି ପରିବା ସମ୍ପର୍କରେ ଆପଣ ଜାଣିଛନ୍ତି କି ? ଆମେ କହୁଛୁ ଆମ ଓଡିଆ ଘରେ ବ୍ୟବହାର ହେଉଥିବା ସାରୁ ଯାହା କୁ ଡାଲମାରେ ଖାଇବାକ ପ୍ରାୟ ପସନ୍ଦ କରିଥାନ୍ତି। ସାରୁରେ ଆଣ୍ଟିଅକ୍ସିଡାଣ୍ଟ ପୋଟାସିୟମ୍ , ମ୍ୟାଗ୍ନେସିୟମ, ଭିଟାମିନ ସି ଏବଂ ଇ ରହିଥାଏ । ଏହାକୁ ଡାଏଟରେ ସାମିଲ କରିବା ଦ୍ୱାରା ହାର୍ଟ ଏବଂ କ୍ୟାନ୍ସର ଭଳି ଗମ୍ଭୀର ରୋଗ ଆଶଙ୍କାକୁ କମ୍ କରାଯାଇ ପାରିବ। ସାରୁରେ ଷ୍ଟାର୍ଚ ଭରପୂର ମାତ୍ରାରେ ଥିବା ସହିତ ଦୁଇ ପ୍ରକାରର କାର୍ବୋହାଇଡ୍ରେଟ ମଧ ରହିଥାଏ, ଯାହା ବ୍ଲଡ ସୁଗାରକୁ କଣ୍ଟ୍ରୋଲରେ ରଖିଥାଏ। ଓଜନ କମ୍ କରିବାରେ ଚାହୁଁଛନ୍ତି ଯଦି ଡାଏଟ୍ ରେ ସାରୁକୁ ସାମିଲ କରନ୍ତୁ । ଏଥିରେ ଭରପୂର ମାତ୍ରାରେ ଫାଇବର ଥିବାରୁ ଏହା ହଜମ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଏହାକୁ ଖାଇଲେ ଗ୍ୟାସ୍ , କୋଷ୍ଠ କାଠିନ୍ୟ ଏବଂ ବଦହଜମୀ ଦୂର ହୋଇଥାଏ । ଏଥିରେ ଭରପୂର ମାତ୍ରାରେ ଫାଇବର ଥିବାରୁ ଏହା ହଜମ ପ୍ରକ୍ରିୟାକୁ ଠିକ୍ ରଖିଥାଏ। ଏହାକୁ ଖାଇଲେ ଗ୍ୟାସ୍ କୋଷ୍ଠକାଠିନ୍ୟ ଏବଂ ବଦହଜମୀ ଦୂର ହୋଇଥାଏ । ସାରୁରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଆଣ୍ଟି ଇନଫ୍ଲାମେଟୋରୀ ଗୁଣ ସହିତ ଭିଟାମିନ୍ ଏବଂ ସି ଭଳି ତତ୍ତ୍ୱ ରହିଛି, ଯାହା ଆଖିର ଦୃଷ୍ଟିଶକ୍ତିକୁ ବଂଚାଇବାରେ ସାହାର୍ଯ୍ୟ କରିଥାଏ । ପୋଷକ ତତ୍ତ୍ୱରେ ଭରପୁ ସାରୁ ସେବନ କରିବା ଦ୍ୱାରା ଇମୁ୍ୟନିଟି ବଂଚିଥାଏ। ଏଥିରେ ଥିବା ଭିଟାମିନ୍ ସି ଏକ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରିଥାଏ, ଯଦ୍ଧାରା ଇମୁୟନିଟି ବଂଚିବାରେ ସାହାର୍ଯ୍ୟ ମିଳିଥାଏ ।

# ଖଟ ତଳେ ଭୁଲରେ ରଖନ୍ତୁ ନାହିଁ ଏସବୁ ଜିନିଷ ନଚେତ ଜୀବନ ସାରା ରହିବେ ଗରିବ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଯେଉଁ ଶଯ୍ୟା ଉପରେ ଜଣେ ବ୍ୟକ୍ତି ଶୋଇଥାଏ, ତାହା ଜୀବନରେ ବିଶେଷ ମହତ୍ତ୍ୱ ରଖେ। ସ୍ୱାସ୍ଥ୍ୟ ଓ ମନ ଉପରେ ଏହାର ବିଶେଷ ପ୍ରଭାବ ଥିବାରୁ ଏହା ଜଡିତ ବାସ୍ତୁ ନିୟମ ପାଳନ କରିବା ନୁହେଁ ଆସନ୍ତୁ ଜାଣିବା

ବୈଦ୍ୟୁତିକ ସାମଗ୍ରୀ

ବାସ୍ତୁ ଶାସ୍ତ୍ରୀ, ଇଲେକ୍ଟ୍ରୋନିକ୍ ସାମଗ୍ରୀକୁ ଖଟ ତଳେ ରଖିବା ଉଚିତ୍ ନୁହେଁ । ଏହା ବାସ୍ତୁ ସୃଷ୍ଟି କରେ ଯାହା ମାନସିକ ସ୍ୱାସ୍ଥ୍ୟକୁ ଖରାପ କରିଥାଏ ଏହା ସହିତ,ନିଦ ନହେବା ସମସ୍ୟା ଆରମ୍ଭ ହୁଏ



ପୋଷାକର ବ୍ୟାଗ;

ପ୍ରାୟତଃ ଲୋକମାନେ ଛିଣ୍ଡିଯାଇଥିବା ପୋଷାକକୁ ଭର୍ତ୍ତି ବ୍ୟାଗକୁ ଖଟ ତଳେ ରଖନ୍ତି। ବାସ୍ତୁ ଅନୁସାରେ ଏହା ଠିକ ନୁହେଁ ନକାରାତ୍ମକ ଶକ୍ତି ଘରେ ବ୍ୟାପିବା ଆରମ୍ଭ କରେ। କେବଳ ଏତିକି ନୁହେଁ ଏହି ବାସ୍ତୁ ଦୋଷ ଘରର ସୁଖ ଓ ଶାନ୍ତୁ ନଷ୍ଟ କରିଥାଏ ।

କଳଙ୍କି ଲୁହା ଓ ପ୍ଲାଷ୍ଟିକ୍ ଜିନିଷ ;

ବାସ୍ତୁ ଶାସ୍ତ୍ରୀଙ୍କ ଅନୁଯାୟୀ,କୌଣସି କଳଙ୍କିତ ଲୁହା ବସ୍ତୁକୁ ଖଟ ତଳେ ରଖିବା ଉଚିତ ନୁହେଁ, କାରଣ ଏହା ଦ୍ୱାରା ହୋଇଥିବା ବାସ୍ତୁ ତ୍ରୁଟି ଘରେ ଭୟଙ୍କର ଆର୍ଥିକ ସଙ୍କଟ ଆଣିଥାଏ। ଏହା ବ୍ୟତୀତ ପାଷ୍ଟିକ୍ ଜିନିଷକୁ ଖଟ ତଳେ ରଖିବା ମଧ ବାସ୍ତୁ ତ୍ରୁଟିର ଆଶଙ୍କା ସୃଷ୍ଟି କରେ

ଝାଡୁ;

ଖଟ ତଳେ ଗୋଟିଏ ଝାଡୁ ରଖିବା ମଧ ଅଶୁଭ ଅଟେ। ଖଟ ତଳେ ଝାଡୁ ରଖିବା ମନ ଓ ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପକାଇଥାଏ। ଏହା ସହିତ ଆର୍ଥିକ ସମସ୍ୟା ଘରେ ରହିଥାଏ ପରିବାର ସଦସ୍ୟ ଅସୁସ୍ଥ ହେବା ଆରମ୍ଭ କରନ୍ତି।

ଅଳଙ୍କାର ,କାଚ ,ଜୋତା ଓ ତେଲ ;

ସୁନା ,ରୂପା କିମ୍ବା ଅନ୍ୟାନ୍ୟ ଧାତୁର ଅଳଙ୍କାରକୁ କେବେ ବିଛଣା ତଳେ ରଖିବା ଉଚିତ୍ ନୁହେଁ ଶଯ୍ୟା ତଳେ ଜୋତା ଓ ଚପଲ ରଖିଲେ ଘରକୁ ନକାରାତ୍ମକ ଶକ୍ତି ଆସିଥାଏ।ଏହା ବ୍ୟତୀତ ବିଛଣା ତଳେ କୌଣସି ପ୍ରକାରର ଗ୍ଲାସ ଓ ତେଲକୁ ମଧ ରଖିବା ଉଚିତ୍ ନୁହେଁ । କାରଣ ସେଗୁଡିକ ବାସ୍ତୁ ଦୃଷ୍ଟିରୁ କ୍ଷତିକାରକ।

# ବର୍ଷାଦିନ:ରୋଷେଇ ସାମଗ୍ରୀରେ ଲାଗୁଛନ୍ତି କି ପୋକ ?

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ବର୍ଷାଦିନରେ ସାଧାରଣତଃ ଋତୁ ଏକ ଭିନ୍ନ ରୂପ ନେଇଥାଏ। ଯଦିବା ଏହି ଋତୁ ଖରାର ତହ ଖରା ତଥା ଗରମରୁ ତ୍ରାହି ଦେଇଥାଏ। କିନ୍ତୁ ଚାରି ପାଖରେ ଜମୁଥିବା ପାଣି ଅଳିଆ ଆବର୍ଜନା ଆଦି ମଶା ମାଛିଙ୍କୁ ଜନ୍ମ ଦେବା ସହିତ ଅନ୍ୟାନ କୀଟାଣୁ ତଥା ଜୀବାଣୁ ମାନେ ମଧ ବଂଶ ବିସ୍ତାର କରିଥାନ୍ତି । ଆଉ ଏହି ଋତୁରେ ସବୁଠାରୁ ଅଧିକ ପ୍ରଭାବିତ ହୋଇଥାଏ ଆମ ରୋଷେଇ ଘର ସନ୍ତସନ୍ତିଆ ପାଗ, କମ ଖରା କାରଣରୁ ରୋଷେଇ ଘରେ ଥିବା ଖାଦ୍ୟ ସାମଗ୍ରୀ ଖରାପ ହେବାକୁ ଲାଗିଥାଏ। ବିସ୍କୁଟରେ ଫିମ୍ପି ଲାଗିଯାଏ । ଲୁଣିଆ ତଥା ମସଲା ଜିନିଷ ଗୁଡିକ ଖରାପ ହୋଇଯାଏ ଏମିତିକି ଖୋଲାରେ ରହିଥିବା ଅଟା ଛତୁଆ ଆଦିରେ ଛୋଟ ଛୋଟ ପୋକ ଲାଗିଯାନ୍ତି । ଆଉ ଥରେ ପୋକ ଲାଗିଲେ ଏଗୁଡିକ ସଫା କରିବା କଷ୍ଟକର ହୋଇପଡେ ଏହି ଋତୁରେ ଅତି ସହଜ ଉପାୟ ଅବଲମ୍ବନ କରି ଆପଣ ରୋଷେଇ



ଘରର ଜିନିଷକୁ ନଷ୍ଟ ହେବାରୁ ରକ୍ଷା କରିପାରିବେ। **ତେଜ ପତ୍ର–** ଆପଣ ଅଟାରେ ତେଜପତ୍ର ଦେଇ ରଖିପାରିବେ ତେଜପତ୍ର ଦେଇ ରଖିବା ଫଳରେ ଅଟା ଖରାପ ହୋଇନଥାଏ। ତେଜପତ୍ର ବାସ୍ନା ଖୁବ ଅଧିକ ଥାଏ । ଯାହାକି ଅଟାରେ ପୋକ ଲାଗିବାକୁ ଦେଇନଥାଏ। ତେଣୁ ଅଟାକୁ ପୋକ ଦାଉରୁ ରକ୍ଷା କରିବା ପାଇଁ ଆପଣ ସେଥିରେ ତେଜ ପତ୍ର ଦେଇ ରଖିପାରିବେ। **ଲବଙ୍ଗ–** ଆମ ରୋଷେଇ ଘରେ ଅନେକ ପ୍ରକାରର ଗୋଟା ମସଲା ବ୍ୟବହାର କରାଯାଇଥାଏ । ଖାଲିଯେ ରନ୍ଧା ଖାଦ୍ୟକୁ ଏହା ଅଧିକ ସ୍ୱାଦିଷ୍ଟ କରିବ ତାହା ନୁହେଁ। ଏହି ମସଲା ଜିନିଷ କୁ ଖରାପ ହେବାରୁ ରକ୍ଷା କରିପାରିବେ । ଅଟା ଡବାରେ ୪ରୁ ୫ଟି ଲବଙ୍ଗ ଦେଇ ରଖିଦିଅନ୍ତୁ ଦେଖିବେ ଯେତେ ଦିନ ଗଲେ ମଧ ଅଟା ଖରାପ ହେବ ନାହିଁ। ଟାଇଟ ଡବାରେ ରଖନ୍ତୁ ଜିନିଷ ଆପଣ ଘରର ଅଟାକୁ କୌଣସି ଏକ ଟାଇଟ କଣ୍ଟେନରରେଷ୍ଟୋର କରିରଖନ୍ତୁ । ପ୍ୟାକେଟରେ ଦ୍ୱାରା ଅଟା ଖରାପ ହୋଇଯାଏ। ତେଣୁ ଏହାକୁ ଏକ ମେଟାଲ କଣ୍ଟେନରରେ ରଖନ୍ତୁ ଏହା ଦ୍ୱାରା ଅଟା ନଗମ ହେବନାହିଁ କି ଶୀଘ୍ର ଖରାପ ବି ହେବ ନାହିଁ। ଖୋଲାରେ ରଖନ୍ତୁ ନାହିଁ ଅଟା ; ସବୁଠୁ ଜରୁରୀ କଥା ହେଉଛି ଖୋଲାରେ ଆଦୌ ଅଟା ରଖନ୍ତୁ ନାହିଁ । ନଚେତ ଅଟା ଖରାପ ହୋଇଯାଇପାରେ।

# ‘ଚା’ ସହ ତେଲ ଛଣା ଖାଆନ୍ତୁ ନାହିଁ, ମରିବ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ଅଧିକାଂଶ ଲୋକେ ସକାଳେ ଆଖି ଖୋଲିବା ମାତ୍ରେ ଚା ପିଇବାକୁ ପସନ୍ଦ କରନ୍ତି। କିଛି ଲୋକ ଅଛନ୍ତି ଯେଉଁମାନଙ୍କ ବେଡ୍ ଟି ପିଇବା ଅଭ୍ୟାସ ଥାଏ। କପେ ଚା ବିନା ଦିନ ଆରମ୍ଭ ହୁଏ ନାହିଁ। ଯଦି କାହାର ଚା ଅଭ୍ୟାସ ଅଛି ଏବଂ ସେ ଚା ପିଇ ନାହାନ୍ତି ତେବେ ତାଙ୍କର ମୁଣ୍ଡ ବିନ୍ଧିବା ମଧ ଆରମ୍ଭ ହୋଇଯାଏ। ସାସ୍ଥ୍ୟ ବିଶେଷଜ୍ଞଙ୍କ କହିବାନୁସାରେ ଖାଲି ପେଟରେ ଚା କେବେବି ପିଇବା ଉଚିତ ନୁହେଁ । କାରଣ ଏହା ପେଟ ଜନିତ ସମସ୍ୟା ସୃଷ୍ଟି କରେ ତେବେ ଚା ପିଇବା ସମୟରେ ମଧ ତା ସହ କଣ ଖାଉଛନ୍ତି ସେ ନେଇ ମଧ ଧ୍ୟାନ ଦେବା ଉଚିତ। କିଛି ଏଭଳି ଖାଦ୍ୟ ରହିଛି ଯାହାକୁ ଚା ସହ ଖାଇବା ଦ୍ୱାରା ମଣିଷ ରୋଗରେ ପଡିପାରନ୍ତି। ତେଣୁ ଚା ସହ କେଉଁ ଜିନିଷ ଖାଇବା



ଉଚିତ୍ ନୁହେଁ ଏବଂ ଏହା ଶରୀର ଉପରେ କିପରି ପ୍ରଭାବ ପକାଇଥାଏ ଆସନ୍ତୁ ଜାଣିବା ସେ ସବୁ ବିଷୟରେ ବେସନ ଯୁକ୍ତ ଖାଦ୍ୟ ; ଅନେକ ଲୋକ ଚା ସହ ପକୁଡି ଖାଇବା ପସନ୍ଦ କରନ୍ତି । କେବଳ ସେତିକି ନୁହେଁ ବେସନରେ ତିଆରି ଜିନିଷ ଖାଇଥାନ୍ତି ମଧ ଯଦି ଆପଣ ମଧ ଚା ମଧ ଚା ସହ ପକୁଡି କିମ୍ବା ବେସନ ଯୁକ୍ତ ଖାଉଛନ୍ତି, ତେବେ ତାକୁ ଖାଇବା ଆଜିଠୁ ହିଁ ବନ୍ଦ କରିଦିଅନ୍ତୁ କାରଣ ଏହା ଆପଣଙ୍କୁ ରୋଗଗ୍ରସ୍ତ କରିପାରେ। ଚା ସହ ପକୁଡି ଖାଇବା ଦ୍ୱାରା ପେଟ ଜନିତ ସମସ୍ୟା ସୃଷ୍ଟି ହୁଏ ଏବଂ ହଜମଶକ୍ତି କମିବାକୁ ଲାଗେ। ଲେମ୍ବୁ ; ଚା ପିଇବା ସମୟରେ ଭୁଲ୍ ରେ ବି ଲେମ୍ବୁ ଖାନ୍ତୁ ନାହିଁ। ଏହା ଦ୍ୱାରା ଆସିଡିଟି ଏବଂ ପାଚନ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇଥାଏ। ଥଣ୍ଡା ଖାଦ୍ୟ ; ଗରମ ସହ ଖାଦ୍ୟ ଖାଇବା ଉଚତି ନୁହେଁ ବୋଲି ଅନେକ ଶୁଣିଥିବେ। ତେଣୁ ଚା ଏକ ଗରମ ପାନୀୟ ହୋଇଥିବାରୁ ଏହା ସହ ଥଣ୍ଡା ଯୁକ୍ତ ଖାଦ୍ୟ ଖାଇବା ଠାରୁ ଦୂରେଇ ରୁହନ୍ତୁ । ନଚେତ ଏହା ଆମ ପାଚନ ତନ୍ତ୍ର ଉପରେ ଖରାପ ପ୍ରଭାବ ପକାଇଥାଏ ପେଟ ଫୁଲିବା ସହ ପେଟ ଯନ୍ତ୍ରଣା ଭଳି ସମସ୍ୟା ଉପୁଜେ।

# ମଦ ନୁହେଁ, ଖରାପ ଖାଦ୍ୟ ଦ୍ୱାରା ଖରାପ ହୋଇଥାଏ କିଡନୀ !

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କେବଳ ମଦ ନୁହେଁ କିଛି ଖାଦ୍ୟ ଖାଇବା ଦ୍ୱାରା କିଡନୀ ଖରାପ ହୋଇଥାଏ ଭୁଲ ଖାଦ୍ୟ ଓ ବିଶୃଙ୍ଖଳିତ ଜୀବନଶୈଳୀ ହେତୁ କିଡନୀରେ ଅନେକ ପ୍ରକାରର ସମସ୍ୟା ଦେଖାଯାଏ। ଯେପରିକି କିଡନୀ ସଂକ୍ରମଣ କିଡନୀ ପଥର , କିଡନୀ କର୍କଟ ଇତ୍ୟାଦି ମୂତ୍ର ମାଧମରେ ଶରୀରରୁ ବର୍ଜ୍ୟ ବସ୍ତୁ ବାହାର କରିବା ପାଇଁ କିଡନୀ କାମ କରେ। ଯେଉଁମାନଙ୍କର କିଡନୀ ସମସ୍ୟା ପ୍ରାରମ୍ଭିକ ପର୍ଯ୍ୟାୟରେ ହୁଏ, ସେମାନଙ୍କୁ ଖାଦ୍ୟରେ ପରିବର୍ତ୍ତନ ଆବଶ୍ୟକ କିନ୍ତୁ ଶେଷ ପର୍ଯ୍ୟାୟରେ କିଛି ଲୋକଙ୍କ ସମସ୍ୟା ଚିହ୍ନଟ ହୁଏ, ଯେଉଁଥିପାଇଁ ସେମାନଙ୍କୁ ଡାଏଲିସିସ୍ କରିବାକୁ ପଡେ।



**ଲକ୍ଷଣ –** କାନ୍ତ ଅନୁଭବ କରିବା, ଭୋକ ଲାଗିବନି, ଶରୀରରେ ଫୁଲା, ଅଧିକ ଥଣ୍ଡାଲାଗିବ, ସ୍କିନ ରୋଗ, ପରିସ୍ରା କରିବାର ଅସୁବିଧା, କିଡନୀ କୁ କ୍ଷତି ପହଂଚାଏ ଏହି ୫ଟି ଜିନିଷ ; ଲୁଣ – ଲୁଣରେ ସୋଡିୟମ୍ ଥାଏ , କିମ୍ବା ପୋଟାସିୟମ୍ ସହିତ ମିଶି ଶରୀରରେ ସଠିକ୍ ପରିମାଣର ତରଳ ପଦାର୍ଥ ବଜାୟ ରଖେ କିନ୍ତୁ ଯଦି ଲୁଣ ନିଆଯାଏ , ତେବେ ଏହା ତରଳ ପଦାର୍ଥର ପରିମାଣ ବଢାଇଥାଏ, ଯେଉଁ କାରଣରୁ କିଡନୀ ଉପରେ ଅଧିକ ଚାପ ରହିଥାଏ ଓ କ୍ଷତି ହୋଇପାରେ । ପରିମାଣ ବଢାଇଥାଏ, ଯେଉଁ କାରଣରୁ କିଡନୀ ଉପରେ ଅଧିକ ଚାପ ରହିଥାଏ ଓ କ୍ଷତି ହୋଇପାରେ। ପରିମାଣ ବଢାଇଥାଏ , ଯେଉଁ କାରଣରୁ କିଡନୀ ଉପରେ ଅଧିକ ଚାପ ରହିଥାଏ ଓ କ୍ଷତି ହୋଇପାରେ । ମଦ ଅତ୍ୟଧିକ ମଦ୍ୟପାନ କରିବା କରିବା ଦ୍ୱାରା କିଡନୀ ଉପରେ ଅଧିକ ଚାପ ରହିଥାଏ ଓ କ୍ଷତି ହୋଇପାରେ । ମଦ -ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା କିଡନୀ ନଷ୍ଟ ହୋଇପାରେ। ଅତ୍ୟଧିକ ମଦ୍ୟପାନ କରିବା ଦ୍ୱାରା କିଡନୀ କାର୍ଯ୍ୟରେ ସମସ୍ୟା ସୃଷ୍ଟି ହୋଇପାରେ ଏହା ଆପଣଙ୍କ ମସ୍ତିଷ୍କ ଉପରେ ପ୍ରଭାବ ମଧ ପକାଇପାରେ । ମଦ୍ୟପାନ କେବଳ ଆପଣଙ୍କ କିଡନୀ ଉପରେ ଖରାପ ପ୍ରଭାବ ପକାଇବା ନାହିଁ, ବରଂ ଏହା ଅନ୍ୟ ଅଙ୍ଗ ପାଇଁ କ୍ଷତିକାରକ । ଦୁଗ୍ଧଜାତ ଦ୍ରବ୍ୟ-ଦୁଗ୍ଧ , ପନିର ,ବଟର ପରି ଦୁଗ୍ଧଜାତ ଅଧିକ ବ୍ୟବହାର କିଡନୀ ପାଇଁ ଭଲ ନୁହେଁ । ଦୁଗ୍ଧଜାତ ଦ୍ରବ୍ୟରେ ପ୍ରୋଟିନ୍ ଅଧିକ ଯାହା କିଡନୀକୁ କ୍ଷତି ପହଂଚାଏ ଦୁଗ୍ଧଜାତ ଦ୍ରବ୍ୟରେ କ୍ୟାଲସିୟମ୍ ମଧ ବହୁତ ଅଧିକ ଯାହା କିଡନୀରେ ପଥର ସୃଷ୍ଟି କରିପାରେ । ତେଣୁ ସେଗୁଡିକର ଅତ୍ୟଧିକ ବ୍ୟବହାରରୁ ଦୂରେଇ ରୁହନ୍ତୁ। କୃତ୍ରିମ ମିଠା –ବଜାରରେ ମିଠା ଓ ପାନୀୟରେ କୃତ୍ରିମ ମିଠା ଅଧିକ ବ୍ୟବହୃତ ହୁଏ। ଯାହା କିଡନୀ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ମଧୁମେହ ରୋଗୀମାନେ କିଡନୀ ରୋଗରେ ଆକ୍ରାନ୍ତ ହୁଅନ୍ତି। ଏହିପରି ଲୋକ ଏହାକୁ କେବେବି ବ୍ୟାବାହର କରିବା ଉଚିତ୍ ନୁହେଁ। ରେଡ ମିଟ- ରେଡ ମିଟରେ ପ୍ରୋଟିନ୍ ବହୁତ ଅଧିକ, କିନ୍ତୁ ଆମ ଶରୀର ପାଇଁ ପ୍ରାଟିନ୍ ମଧ ଆବଶ୍ୟକ ଆମ ଶରୀର ପାଇଁ ଏପରି ମାଂସ ହଜମ କରିବା କଷ୍ଟ ସାଧ କରିବା କଷ୍ଟସାଧ ହୋଇଯାଏ, ଯାହା କିଡନୀକୁ ପ୍ରଭାବିତ ଏହାକୁ କେବେବି ବ୍ୟବହାର କରିବା ଉଚିତ୍ ନୁହେଁ।

# ଲଙ୍କାରେ ଭିଟାମିନ୍ ‘ସି’ ଭରପୁର


**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** କିଛି ଲୋକଙ୍କୁ ରାଗ ଖାଇବା ପସନ୍ଦ ଓ କିଛି ଲୋକଙ୍କୁ ନୁହେଁ । ଅନେକ ଲୋକେ ରାଗ ହେତୁ କଂଚା ଲଙ୍କା ଖାଇବାକୁ ଇଚ୍ଛା କରିନ୍ତି ନାହିଁ । ମାତ୍ର କଂଚା ଲଙ୍କା ସାସ୍ୟ ପାଇଁ ଉପକାରୀ ହେବା ସହ ଆୟୁର୍ବେଦରେ ମଧ ଏନେଇ ବର୍ଣ୍ଣନା କରାଯାଇଛି । ଜାଣନ୍ତୁ କଂଚା ଲଙ୍କା ଖାଇବା ଦ୍ୱାରା କି କି ସାସ୍ଥ୍ୟ ଉପକାର ହୋଇଥାଏ। ଖୁବ କମ୍ ଲୋକେ ଏହା ଜାଣି ଥିବେ କଂଚା ଲଙ୍କା ମେଟାବୋଲିଜିୟମ ସ୍ତରକୁ ସଠିକ ରଖିବାରେ ସହାୟକ ହୋଇଥାଏ । ଆୟୁର୍ବେଦ ଅନୁଯାୟୀ କଂଥା ଲଙ୍କା ଖାଇବା ସମୟରେ ଏହାର ମଞ୍ଜି ମଧ ଖାଆନ୍ତୁ ଭିଟାମିନ ସିର ଅଭାବ ଦୂର ପାଇଁ ପାଇଁ ଅନେକ ଲୋକେ ଖଟା ଜିନିଷ ଓ ଲେମ୍ବୁର



ସେବନ କରିଥାଆନ୍ତି। ମାତ୍ର କଂଚା ଲଙ୍କରେ ଭିଟାମିନ ସି ପ୍ରଚୁର ମାତ୍ରାରେ ରହିଛି। ଭିଟାମିନ ସିର ଅଭାବ ଦୂର ପାଇଁ କଂଚା ଲଙ୍କାର ନିଶ୍ଚୟ ସେବନ କରନ୍ତୁ । ସାସ୍ଥ୍ୟ ବିଶେଷଙ୍କ ମତାନୁଯାୟୀ ଲଙ୍କା ସେବନ ଦ୍ୱାରା ଶରୀରରେ ଖରାପ କୋଷ୍ଟେରାଲ୍ ସ୍ତରକୁ ନିୟନ୍ତ୍ରଣ କରିଥାଏ । ଫଳରେ ହଦୃୟ ସୁସ୍ଥ ରହିଥାଏ । କଂଚା ଲଙ୍କା ସେବନ କରିବା ଦ୍ୱାରା ହୃଦୟ ଜନିତ ରୋଗ ହେବାର ଆଶଙ୍କା ଖୁବ କମ ଥାଏ। ହୃଦୟକୁ ସୁସ୍ଥ ରଖିବାରେ ବେଶ ସହାୟକ ହୋଇଥାଏ । କଂଚା ଲଙ୍କା ରକ୍ତର ଅଭାବକୁ ମଧ ଦୂର କରିଥାଏ । ଏଥିରେ ପ୍ରଚୁର ମାତ୍ରାରେ।ଆଇରନ ରହିଛି । ଏହାସହ କଂଚା ସେବନ ଦ୍ୱାରା ରକ୍ତ ଜମାଟ ବାନ୍ଧିବାକୁ ନଦେଇ ସଠିକ ଭାବେ ରକ୍ତ ସଂଚାଳନ କଂଥା ଲଙ୍କା ଅଭାବକୁ ମଧ ଦୂର କରିଥାଏ । ଏଥିରେ ପ୍ରଚୁର ମାତ୍ରରେ ଆଇରନ ରହିଛି । ଏହାସହ କଂଚା ଲଙ୍କା ସେବନ ଦ୍ୱାରା ରକ୍ତ ଜମାଟ ବାନ୍ଧିବାକୁ ନଦେଇ ସଠିକ ଭାବେ ରକ୍ତ ସଂଚାଳନ ହୋଇଥାଏ ।

# ଏଭଳି ସ୍ତ୍ରୀ ନିଜ ସ୍ୱାମୀଙ୍କ ଘରକୁ କରିଦିଅନ୍ତି ସ୍ୱର୍ଗ

**ଭୁବନେଶ୍ୱର(ସଂପର୍କବାର୍ତ୍ତା):-** ସବୁ ମଣିଷଙ୍କ ଜୀବନରେ ସ୍ତ୍ରୀର ଭୂମିକା ବହୁତ ମହତ୍ତ୍ୱପୂର୍ଣ୍ଣ ଥାଏ। ଆଜିର ଦିନରେ ଅଧିକାଂଶ ଲୋକ ଏହା ଭାବନ୍ତି କି ସେମାନଙ୍କ ଜୀବନରେ ଆସୁଥିବା ସ୍ତ୍ରୀ ତାଙ୍କ ସ୍ୱାମୀର ଭାଗ୍ୟର ଚାବି ନେଇ ଆସିବ ଆଉ ଏହି କଥା ୧୦୦ପ୍ରତିଶତ ସତ କି,କିଛି ପୁରୁଷଙ୍କ ଭାଗ୍ୟ ସ୍ତ୍ରୀ ଆସିବା ପରେ ହିଁ ଖୋଲିଥାଏ। ପ୍ରାଚୀନ କାଳରେ ଏମିତି କୁହାଯାଉଥିଲା କି ଯେଉଁ ଘରେ ସ୍ତ୍ରୀ ରୁହେ ସେହି ଘର ସ୍ୱାର୍ଗ ଖୁସରେ ରୁହେ ସେହି ଘ୍ ସ୍ୱର୍ଗ ହୋଇଥାଏ। ତେବେ ଆସନ୍ତୁ ଜାଣିବା ଏମିତି କିଛି ମିହିଳାଙ୍କ ବିଷୟରେ ଯେଉଁମାନେ ଘରକୁ



ଆସିବା କ୍ଷଣି ହିଁ ଗହୃସ୍ୱାମୀ ରାଜା ହୋଇଯାଆନ୍ତି। ଯଦି କୌଣସି ସ୍ତ୍ରୀର ପାଦର ତଳିଭାଗରେ ତ୍ରିକୋଣ ହୋଇଥିବ ତେବେ ସେହିଭଳି ସ୍ତ୍ରୀ ବୁଦ୍ଧିମାନ ହୋଇଥିବା ଏହା ବ୍ୟତୀତ ସର୍ପକାର ପାଦ ଥିବା ସ୍ତ୍ରୀ ସବୁବେଳେ ସୁଖରେ ରହିଥାନ୍ତି ଏବଂ ନିଜ ଘରକୁ ସ୍ୱର୍ଗ କରିଦେଇଥାନ୍ତି। ଯଦି କୌଣସି ସ୍ତ୍ରୀର ନାଭି ପାଖରେ କଳାଜାଇ ଚିହ୍ନ ଥିବ ତାଙ୍କର ଦାମ୍ପତ୍ୟ ଜୀବନ ସୁଖୀ ରହିଥାଏ। ଯେଉଁ ସ୍ତ୍ରୀର ଆଙ୍ଗୁଠି ଲମ୍ବା ହୋଇଥାଏ ସେ ତା ଜୀବନରେ ବିଭିନ୍ନ ପ୍ରକାର ଅଶାନ୍ତିକୁ ସାମ୍ନା କରିଥାଏ। ଯେଉଁ ସ୍ତ୍ରୀର ଆଖି ହରିଣୀ ଆଖି ଭଳି ହୋଇଥାଏ ସେ ବହୁତ ଭାଗ୍ୟଶାଳି ହୋଇଥାଏ। ଯେଉଁ ମହିଳାଙ୍କ ମଥା ବା କପାଳ ମଧରେ କଳାଜାଇ ଚିହ୍ନ ଥାଏ ତାର ବିବାହ ଧନୀ ବ୍ୟକ୍ତି ସହିତ ହୋଇଥାଏ।

# ନିଶ୍ଚିତ କୋଇଲିରେ ରାଜନେତା ଓ ଅଫିସରଙ୍କ କଥାରେ ଠିକାଦାର ଟଙ୍କା ନେଇ ଛୁ

କଟକ(ତପନ ମହାନ୍ତି):- ନିଶ୍ଚିନ୍ତକୋଇଲି ବ୍ଲକ ତିଳକଣା ପଂଚାୟତ ମଣ୍ଡନ ନିକଟରେ ଦୀର୍ଘ ୪ ବର୍ଷ ହେଲା ପଥର ମୁକୁଳା ପଡିଛି । ଠିକାଦାର ପଥର ପ୍ୟାକିଂ ନକରି ସରକାରୀ ତହବିଲରୁ ଲକ୍ଷ ଲକ୍ଷ ଟଙ୍କା ଉଠାଇନେଇ ଛୁ ମାରିଥିବା ଅଭିଯୋଗ ହୋଇଛି । କଟକ ସଦର ନିର୍ବାଚନ ମଣ୍ଡଳୀ ତଥା ତିଳକଣା ପଂଚାୟତ ମଣ୍ଡନ ଠାରେ ଚିତ୍ରୋତ୍ପଳା ନଦୀର ବାମ ପାର୍ଶ୍ୱକୁ ପଥର ପ୍ୟାକିଂ କରାଯିବା ନିମନ୍ତେ ଟେଣ୍ଡର କରାଯାଇଥିଲା । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଗତ ୨୦୧୮ରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଏହି ପଥର ପ୍ୟାକିଂ ନିମନ୍ତେ ଶିଳାନ୍ୟାସ କରିଥିଲେ । ଇତି ମଧ୍ୟରେ ଦୀର୍ଘ ୪ ବର୍ଷ ବିତି ଯାଇଥିଲେ ମଧ୍ୟ ସଂପୃକ୍ତ ଠିକାଦାର ଏ ପର୍ଯ୍ୟନ୍ତ ପଥର ପ୍ୟାକିଂ କରିନଥିବାର ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ପ୍ୟାକିଂ ନିମନ୍ତେ ଆସିଥିବା ପଥର ଗୁଡିକ ଏ ପର୍ଯ୍ୟନ୍ତ ନଦୀ ଶଯ୍ୟାରେ ଏତେତେଣେ ପଡିରହିଛି । ଠିକାଦାର ଜଣକ କିଛି କାମ ନକରି ସରକାରୀ ରାଜକୋଷରୁ ଲକ୍ଷ ଲକ୍ଷ ଟଙ୍କା ବିଲ କରି ନେଇ ନେଇ ଚମ୍ପଟ ମାରିଥିବାର ଅଭିଯୋଗ ହୋଇଛି । ଅପରପକ୍ଷରେ ପଥର ପ୍ୟାକିଂ କରାଯାଇନଥିବାରୁ ଦିନକୁ ଦିନ ଏହି ସ୍ଥାନରେ ଚିତ୍ରୋତ୍ପଳା ତାର କରାଳ ରୂପ ଦେଖାଇ ନଦୀ ବନ୍ଧକୁ ଖାଇ ଖାଇ ଚାଲିଛି । ଏପରିକି ଚିତ୍ରୋତ୍ପଳା ଏଠାରେ ବନ୍ଧ ଲଙ୍ଘିବା ଆଶଙ୍କାକୁ ଏଡାଇ ଦିଆଯାଇ ନପାରେ ବୋଲି ମତ ପ୍ରକାଶ ପାଇଛି ।

ଯଦି ଏଠାରେ ଚିତ୍ରୋତ୍ପଳା ନଦୀରେ ଘାଇ ସୃଷ୍ଟି ହୁଏ ତେବେ ସ୍ଥାନୀୟ ତିଳକଣା, ବାଲିଆପଦା, ବନ୍ଧକାଟିଆ, ନଗସପୁର, ଝାଡେଶ୍ୱରପୁର, ଦାଉଦପୁର, ଓରତି, ଜମରା, ନରେନ୍ଦ୍ରପୁର, ତରତ, କେରିଲୋ ସମେତ ଡେରାବିଶ ବ୍ଲକର ବହୁ ପଂଚାୟତ କ୍ଷତିଗ୍ରସ୍ତ ହେବାର ସମ୍ଭାବନା ଦେଖାଯାଇଛି । ଅପରପକ୍ଷରେ ଏହି ସ୍ଥାନରେ ଦୀର୍ଘ ୪ ବର୍ଷ ହେଲା କାମ ନହୋଇ କିପରି ପଥର ପଡିରହିଲା ଓ ଠିକାଦାର କିପରି ରାଜକୋଷରୁ କାମ ନକରି ଲକ୍ଷ ଲକ୍ଷ ଟଙ୍କା ଲୁଟିନେଲେ ତାହା ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି । ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ଜଳ ସମ୍ପଦ ବିଭାଗରେ ହୋଇଥିବା ଦୁର୍ନୀତିର ପର୍ଦ୍ଦାଫାର୍ସ ହୋଇପାରିବ ବୋଲି ମତ ପ୍ରକାଶ ପାଇଛି । ତେବେ ଏ ସମ୍ପର୍କରେ ମତାମତ ନେବା ନିମନ୍ତେ ଆମ ପ୍ରତିନିଧି ଓରିକଣ୍ଟା ଜଳ ସମ୍ପଦ ବିଭାଗ କନିଷ୍ଠ ଯନ୍ତ୍ରୀ ମହେନ୍ଦ୍ର କୁମାର ସାହୁଙ୍କୁ ପଚାରିବାରୁ, ବିବାଦ ଥିବା କାରଣରୁ ଏହି ପଥର ପ୍ୟାକିଂ ହୋଇପାରିନଥିବାର କହିଥିଲେ । ତେବେ ଏହି ପ୍ରକଳ୍ପ ନିମନ୍ତେ କେତେଟଙ୍କା ମଞ୍ଜୁର ହୋଇଛି ଓ ଠିକାଦାରଙ୍କୁ କେତେ ଟଙ୍କା ପ୍ରାପ୍ୟ ପ୍ରଦାନ କରାଯାଇଛି ସେ ସମ୍ପର୍କରେ ଶ୍ରୀ ସାହୁଙ୍କୁ ପଚାରିବାରୁ ସେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ ।

# ବାଙ୍ଗାଲୋରରେ ଆଦିବାସୀ ଚିତ୍ରକଳା ଶିବିର

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଦ୍ୱାରା କର୍ଣ୍ଣାଟକର ବାଙ୍ଗାଲୋରରେ ପ୍ରମୁଖ ଗ୍ୟାଲେରୀ 'କର୍ଣ୍ଣାଟକ ଚିତ୍ରକଳା ପରିଷଦ' ଠାରେ ଆୟୋଜିତ ୪ ଦିନିଆ ରାଜ୍ୟସ୍ତରୀୟ ଆଦିବାସୀ(ସଉରା) ଚିତ୍ରକଳା ଶିବିର ଗୁରୁବାରଠାରୁ ଆୟୋଜିତ ହୋଇଛି । ଓଡ଼ିଶା ବାହାରେ ପ୍ରଥମଥର ପାଇଁ ଆୟୋଜିତ ଏହି ଶିବିରକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, କର୍ଣ୍ଣାଟକ ଲଳିତ କଳା ଏକାଡେମୀର ସଭାପତି ଡି. ମହେନ୍ଦ୍ର ଓ ଆନ୍ତର୍ଜାତୀୟ ବାଲୁକା ଶିଳ୍ପୀ ତଥା ଓଡ଼ିଶା ଲଳିତ କଳା ଏକାଡେମୀର ସଭାପତି ସୁଦର୍ଶନ ପଟ୍ଟନାୟକ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନର ଅବସରରେ ଓଡ଼ିଶାର 'ସଉରା' ଜନଜାତି ଚିତ୍ରକଳା ଓଡ଼ିଶାର ଏକ ସତନ୍ତ୍ର ପରିଚୟ ବୋଲି ନିର୍ଦ୍ଦେଶକ ଶ୍ରୀ ଦାସ କହିଥିଲେ ଓ ଏହାର ପ୍ରଚାର ପ୍ରସାର ଏବଂ ଜନଜାତି ଶିଳ୍ପୀମାନଙ୍କୁ ଆଧୁନିକ ସୁବିଧା ସୁଯୋଗ ସହ ପରିଚିତ କରାଇବା ପାଇଁ ଏକାଡେମୀର ପଦକ୍ଷେପକୁ ସେ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଡି. ମହେନ୍ଦ୍ର କର୍ଣ୍ଣାଟକରେ ଓଡ଼ିଶାର ଆଦିବାସୀ ଶିଳ୍ପୀମାନଙ୍କୁ ଦେଖି ଖୁସି ବ୍ୟକ୍ତ କରିବା ସହ ଏହି ଶିବିର ଦ୍ୱାରା କର୍ଣ୍ଣାଟକର ଶିଳ୍ପୀମାନେ ମଧ୍ୟ ଅନୁପ୍ରାଣିତ ହେବେ ବୋଲି କହିଥିଲେ। ଏକାଡେମୀର ସଭାପତି ଶ୍ରୀ ସୁଦର୍ଶନ ପଟ୍ଟନାୟକ ଓଡ଼ିଶା ଲଳିତ କଳା ଏକାଡେମୀ ତରଫରୁ ପ୍ରଥମଥର ପାଇଁ ଓଡ଼ିଶାର ପୁରପଲ୍ଲୀରେ ରହୁଥିବା ଆଦିବାସୀ ଶିଳ୍ପୀମାନଙ୍କୁ ନେଇ ବାଙ୍ଗାଲୋରଠାରେ ଏପରି ଶିବିର ଆୟୋଜନ କରାଯାଇ ସେମାନଙ୍କର କଳାକୁ ଶୀର୍ଷ ସୋପାନରେ ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି ବୋଲି କହିଥିଲେ।



# ରାଜ୍ୟ ସୂଚନା ଉପ-ନିର୍ଦ୍ଦେଶକ ହେମନ୍ତ ନାୟକ ଜଗତସିଂହପୁରରେ

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ଉପନିର୍ଦ୍ଦେଶକ ହେମନ୍ତ ନାୟକ ଗତ ଗୁରୁବାର ଦିନ ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ମୁଖ୍ୟ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ପହଞ୍ଚିବା ପରେ ବାର୍ଷିକ ନିରୀକ୍ଷଣ କରିଥିଲେ। ଜିଲ୍ଲା ସୂଚନା ଲୋକସଂପର୍କ ଅଧିକାରୀ କାମିନୀ ପଟ୍ଟନାୟକ ଓ କର୍ମଚାରୀମାନେ ଉପ-ନିର୍ଦ୍ଦେଶକ ଶ୍ରୀ ନାୟକଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟକାରୀ ହେଉଥିବା ଜନକଲ୍ୟାଣକାରୀ ଯୋଜନାକୁ ଲୋକଲୋଚନକୁ ଆଣି ଜନସାଧାରଣଙ୍କୁ ସଚେତନ କରିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। କାର୍ଯ୍ୟରତ ସମ୍ବାଦିକଙ୍କ ଲାଗି ଗୋବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନା ଓ ଖବରକାଗଜ ହକରଙ୍କୁ ସରକାରଙ୍କ ପକ୍ଷରୁ ପ୍ରଦାନ କରାଯାଇଥିବା କୋଭିଡ୍ ସହାୟତା ଓ ପରିଚୟ ପତ୍ର ସମ୍ପର୍କରେ ପଚାରି ବୁଝିଥିଲେ। ପରେ ଶ୍ରୀ ନାୟକ କନକପୁର ଓ ପାରାଦ୍ୱୀପ ସୂଚନା କେନ୍ଦ୍ର ଓ ପାଠାଗାର ପରିଦର୍ଶନ କରି ପାଠକଙ୍କ ସୁବିଧା ଓ ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ। ନିରୀକ୍ଷଣ ସମୟରେ କାର୍ଯ୍ୟାଳୟର ସହାୟକ ଦିବାକର ପାତ୍ର



ଅପରେଟର ଦୁର୍ଯ୍ୟୋଧନ ପରିଡା କନିଷ୍ଠ ସହାୟକ ଶିଖା ମହାନ୍ତି, ବିଶ୍ୱନାଥ ବାରିକ, ମିର୍ଜା ଜାଫର୍ ବେଗ୍, ଭରତ ସାହୁ ପରିକ୍ଷିତ ପଟ୍ଟନାୟକ ଓ ସୋମନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।



# ଅବସର ଗ୍ରହଣ କଲେ ଜଗତସିଂହପୁର ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର ବରିଷ୍ଠ କର୍ମଚାରୀ ଭରତ କୁମାର ସାହୁ

## ସିନେ ଗବେଷକ, ଲେଖକ ସୂର୍ଯ୍ୟ ଦେଓଙ୍କୁ ସମ୍ବର୍ଦ୍ଧନା

# 'ଓଡ଼ିଆ ସ୍ୱାଭିମାନକୁ ପ୍ରତିଷ୍ଠିତ କରିବାରେ ଆମର ଉଦ୍ୟମ ଅବ୍ୟାହତ ରହିବା ଆବଶ୍ୟକ'

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଓଡ଼ିଆ ସ୍ୱାଭିମାନ ଓ ଐତିହ୍ୟକୁ ଜାତୀୟ ସ୍ତରରେ ପ୍ରତିଷ୍ଠିତ କରିବାରେ ଆମର ଉଦ୍ୟମ ଅବ୍ୟାହତ ରହିବା ଆବଶ୍ୟକ। ଓଡ଼ିଆ ସିନେମା ସଂପର୍କିତ କାର୍ଯ୍ୟରେ ମହତ୍ୱପୂର୍ଣ୍ଣ ଯୋଗଦାନ କରିଥିବାରୁ ସିନେ-ଗବେଷକ, ଲେଖକ ସୂର୍ଯ୍ୟ ଦେଓ ଅତ୍ୟନ୍ତ ପ୍ରଶଂସିତ ବୋଲି ପୂର୍ବତନ ମନ୍ତ୍ରୀ ତଥା ରାଜ୍ୟ ଯୋଜନା ବୋର୍ଡର ପୂର୍ବତନ ଉପାଧକ୍ଷ ସଂଜୟ କୁମାର ଦାସବର୍ମା ଉଲ୍ଲେଖ କରିଛନ୍ତି। ଶ୍ରୀ ଦେଓ ଭବିଷ୍ୟତରେ ଓଡ଼ିଆ ସିନେମା ଉପରେ ଗବେଷଣା, ଅଧ୍ୟୟନ ଓ ଆକଳନରେ ଅଧିକ ଅବଦାନ ପ୍ରକଟ କରିବେ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

୬୮ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ନିମନ୍ତେ ମନୋନୀତ ସିନେ-ଗବେଷକ, ଲେଖକ ସୂର୍ଯ୍ୟ ଦେଓଙ୍କୁ ସମ୍ବର୍ଦ୍ଧନା ପ୍ରଦାନ ଅବସରରେ ଗୀତଗୋବିନ୍ଦ ସଦନରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଖ୍ୟାତିସଂପନ୍ନ ଚଳଚ୍ଚିତ୍ର ନିର୍ଦ୍ଦେଶକ ସବ୍ୟସାଚୀ ମହାପାତ୍ର ଓ ବିଶିଷ୍ଟ ଗବେଷଖ ତଥା ଦୂରଦର୍ଶନର ପ୍ରାକ୍ତନ ନିର୍ଦ୍ଦେଶକ ଡ. ଶାନ୍ତନୁ ରଥ ଯୋଗଦେଇ ଶ୍ରୀ ଦେଓଙ୍କୁ ସମ୍ବର୍ଦ୍ଧନା କରିଥିଲେ।



ଦୈନିକ ସମ୍ବାଦପତ୍ର 'ସର୍ବସାଧାରଣ', ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ, ସୁରେଶ ବଳବନ୍ତରାୟ ଫାଉଣ୍ଡେସନ୍ ଓ ସୃଜନ ପ୍ରକାଶନ ସଂସ୍ଥାର ମିଳିତ ଉଦ୍ୟମରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ କଥାକାର ଡ. ଗୌରହରି ଦାସ, ଡ. ଅଜୟ ସ୍ୱାଇଁ, କବି ରକ୍ଷକ ନାୟକ, ଅଧ୍ୟାପକ ଅଭିରାମ ବିଶ୍ୱାଳ, ଅଭିନେତା ହରିହର ମହାପାତ୍ର, ଦେବପ୍ରସାଦ ଦାଶ, ଡ. ରଜନୀ ରଞ୍ଜନ, ଡ. ଅସିତ ମହାନ୍ତି, ଜିତେନ୍ଦ୍ର ମିଶ୍ର, ପ୍ରକାଶକ ବନୋଜ ତ୍ରିପାଠୀ ପ୍ରମୁଖ ବକ୍ତବ୍ୟ ରଖି ସୂର୍ଯ୍ୟ ଦେଓଙ୍କ ନିଷ୍ଠା, ଆନ୍ତରିକତା ଏବଂ ଗବେଷଣାର ଉଚ୍ଚ ପ୍ରଶଂସା କରି ତାଙ୍କୁ ପ୍ରଦତ୍ତ ସମ୍ମାନ ଓଡ଼ିଶାବାସୀଙ୍କ ପାଇଁ ଗୌରବ ବୋଲି ଉଲ୍ଲେଖ କରିଥିଲେ।

# 'ଲେପ୍ରୋସି ହୋମ ଆଣ୍ଡ୍ ହସ୍ପିଟାଲ'ରେ ଅବ୍ୟବସ୍ଥା


କଟକ(ସଂପର୍କବାର୍ତ୍ତା):- ନୂଆବଜାର ପୋତାପୋଖରୀସ୍ଥିତ ଲେପ୍ରୋସି ହୋମ୍ ଆଣ୍ଡ ହସ୍ପିଟାଲ୍‌ର ଅନ୍ତେବାସୀ ନାନାଦି ଅବ୍ୟବସ୍ଥା ଓ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଆଜି ଅନୁଷ୍ଠାନର ଅଧୀକ୍ଷକ ଡାକ୍ତର ଦିଲ୍ଲୀପ କୁମାର ଜେନାଙ୍କୁ ଘେରିଥିଲେ । ସେମାନେ ଅଭିଯୋଗ କରିଥିଲେ ଯେ, ସେମାନଙ୍କ ଭଲ ମନ୍ଦ ବୁଝିବା ପାଇଁ ଥିବା ଆଟେଡାଣ୍ଟଙ୍କୁ ରୋଷେଇ କାର୍ଯ୍ୟରେ ନିୟୋଜିତ କରାଯାଇଛି । ଡ୍ରେସର୍ ନିୟମିତ ଡ୍ରେସିଂ କରୁ ନାହାନ୍ତି । ଅତ୍ୟନ୍ତ ଆବଶ୍ୟକ ଜରୁରୀ ଔଷଧ ନାହିଁ । ପାଣି ଟାଙ୍କି ବହୁବର୍ଷ ଧରି ସଫା ହୋଇନି । ରାତିରେ କେହି ଡାକ୍ତର ଓ ନର୍ସ ରହୁ ନାହାନ୍ତି । ଅନ୍ତେବାସୀମାନେ ଅଭିଯୋଗ କରିବା ସମୟରେ ସ୍ଥାନୀୟ କର୍ପୋରେଟର୍ ତାପସ ସାମନ୍ତରାୟ ଉପସ୍ଥିତ ଥିଲେ । ଉତ୍ତରରେ ଅଧୀକ୍ଷକ କହିଥିଲେ, ବର୍ତ୍ତମାନ

**ମନମୁଖୀ କାର୍ଯ୍ୟରେ ଅନ୍ତେବାସୀଙ୍କ କ୍ଷୋଭ**

କାଜୁଆଲିଟିରେ ଜଣେ ଓ ଅନ୍ୟ ଜଣେ ହିନ୍ଦ୍ କୁଷ୍ଠ ନିମାରଣ ସଂସ୍ଥାର ଡ୍ରେସ୍‌ର ରହିଛନ୍ତି । ଦୈନିକ ହାରାହାରି ୭୪ ଜଣଙ୍କ ଡ୍ରେସିଂ କରାଯାଉଛି । ପାଚେରି ଓ ସୁରକ୍ଷା ନ ଥିବାରୁ ଏଏନ୍‌ଏମ୍ ରହୁ ନାହାନ୍ତି । ରୋଷେୟା ୨ ଜଣ ଓ ଆଟେଡାଣ୍ଟ ଅବସର ନେଇଛନ୍ତି । ୨୯୬ ଜଣଙ୍କ ପାଇଁ ଦୈନିକ ରୋଷେଇ ପ୍ରସ୍ତୁତ କରିବା କଷ୍ଟକର ହେଉଥିବାରୁ ରୋଷେଇ କାର୍ଯ୍ୟ ଦାୟିତ୍ୱ ଆଟେଡାଣ୍ଟଙ୍କୁ ଦିଆଯାଇଛି । ଅତି ଜରୁରୀ ଔଷଧ କିଣିବା ପାଇଁ ଟେଣ୍ଡର୍ କରାଯାଇଥିଲା, କିନ୍ତୁ ମାତ୍ର ଜଣେ ଟେଣ୍ଡର୍‌ରେ ଭାଗ ନେଇଥିଲେ । ଏବେ ପୁଣି ଥରେ ଟେଣ୍ଡର୍ କରିବୁ । କର୍ପୋରେଟରଙ୍କ ସହିତ ସେ ଅନ୍ତେବାସୀଙ୍କୁ ବୁଝାସୁଝା କରିବା ପରେ ଅବସ୍ଥା ଶାନ୍ତ ପଡିଥିଲା । ତେବେ, ଅଧୀକ୍ଷକ ମହିଳା ଆଟେଡାଣ୍ଟ ଦେଇଥିବା ବିଛ ବୋଲି ଜଣାପଡିଥିଲା ।

# ଜଗନ୍ନାଥଙ୍କ ଜମି ଖୋଜିବ ମନ୍ଦିର ପ୍ରଶାସନ

**ପୁରୀ(ସଂପର୍କବାର୍ତ୍ତା):-** ରାଜ୍ୟରେ ବିଭିନ୍ନ ସ୍ଥାନରେ ରହିଥିବା ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଜମି ଖୋଜିବ ମନ୍ଦିର ପ୍ରଶାସନ। ଓକାକ୍ ମାଧ୍ୟମରେ ଜମିର ବର୍ତ୍ତମାନ ସ୍ଥିତି ସଂପର୍କରେ ସବିଶେଷ ତଥ୍ୟ ସଂଗ୍ରହ କରାଯିବ। ମୁଖ୍ୟ ପ୍ରଶାସକ ବୀର ବିକ୍ରମ ଯାଦବଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ବିଭିନ୍ନ ବିଚାର ବିଭାଗୀୟ ଓ ରାଜସ୍ୱ ଅଦାଲତରେ ବିଚାରଧୀନ ଥିବା ଜମି ମାଲିକାନା ବିବାଦ ମକଦ୍ଦମା ପରିଚାଳନା ପାଇଁ ଦକ୍ଷ ଆଇନ୍‌ଜୀବୀଙ୍କୁ ନିୟୋଜିତ କରାଯିବ। ଜମି ଜବରଦଖଲ ରୋକିବା ପାଇଁ ଜିଲ୍ଲାପାଳଙ୍କ ମାଧ୍ୟମରେ ଆବଶ୍ୟକ ପ୍ରତିଶେଷକ ବ୍ୟବସ୍ଥା ଗ୍ରହଣ କରାଯିବ। କଟକ-ବେଣ୍ଟକଣା-ଚାନ୍ଦୁଲି ରାସ୍ତା ନିର୍ମାଣ ପାଇଁ ୯୧୦ ଡେସିମି ଜମି ବିକ୍ରି କରାଯିବ।ଏଥିପାଇଁ ସଂପୃକ୍ତ ସଂସ୍ଥା ମନ୍ଦିର ପ୍ରଶାସନ ପାଖରେ ୨ କୋଟି ୬୬ଲକ୍ଷ ଟଙ୍କା ଜମା କରିଛି। ଶ୍ରୀ ଜଗନ୍ନାଥଙ୍କ ଜମି କିଣିବା ପାଇଁ ମିଳିଥିବା ଦରଖାସ୍ତଗୁଡିକୁ ଯାଞ୍ଚ କରାଯିବ। ରାଜ୍ୟ ସରକାର ନୂଆ ୟୁନିଫର୍ମ ପଲିସି ପ୍ରସ୍ତୁତ କରୁଥିବାରୁ ତାହା ମିଳିବା ପରେ ନିର୍ଦ୍ଧାରିତ ଦରରେ ଜମି ବିକ୍ରି କରାଯିବ।



# ରାଜଭବନରେ ବିଦାୟ ଓ ସ୍ୱାଗତ ସମ୍ବର୍ଦ୍ଧନା

**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ରାଜ୍ୟପାଳଙ୍କ ଏଡିସି ଭାବରେ ଭାରତୀୟ ନୌସେନାର ଲେଫ୍ଟନାଣ୍ଟ ହିମାଂଶୁ ସିଂ ଓ ଓଡ଼ିଶା ପୋଲିସ୍ ସେବାର ଚିନ୍ମୟ ନାୟକ କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଏଡିସି ଅନୁରାଗ ଆୟାରଙ୍କ ବଦଳି ହୋଇଛି।

ଏହି ଉପଲକ୍ଷେ ଆୟୋଜିତ ଏକ ଉତ୍ସବରେ ବିଦାୟୀ ଏଡିସିଙ୍କୁ ସମ୍ବର୍ଦ୍ଧନା ଦିଆଯିବା ସହ ନୂତନ ଏଡିସିଙ୍କୁ ସ୍ୱାଗତ କରାଯାଇଛି । ରାଜ୍ୟପାଳ ପ୍ରଫେସର୍ ଗଣେଶୀ ଲାଲ ଉତ୍ସବରେ ଯୋଗଦେଇ ପୁଣ୍ୟଭୂମି ଓଡ଼ିଶାରେ କାର୍ଯ୍ୟ କରିବା ତାଙ୍କ ଜୀବନରେ ମହାର୍ଘ୍ୟ ବୋଲି ପ୍ରକାଶ କରି ନିଷ୍ଠାର ସହ ସରକାରୀ ଦାୟିତ୍ୱ ନିର୍ବାହକୁ ଆଧ୍ୟାତ୍ମିକ ସାଧନା ଭାବରେ ବର୍ଣ୍ଣନା କରିଥିଲେ।

ରାଜ୍ୟପାଳଙ୍କ ବ୍ୟକ୍ତିଗତ ସଚିବ ହିମାଂଶୁ ନାରାୟଣ ପଟ୍ଟନାୟକ, ଲେଖା ନିୟନ୍ତ୍ରକ ଗୌତମ ଚୌଧୁରୀ, ଅତିରିକ୍ତ ସଚିବ ବେଦବନ୍ଧୁ ମିଶ୍ର, ଲୋକ ସଂପର୍କ ଅଧିକାରୀ ରକ୍ଷକ ନାୟକଙ୍କ ସମେତ ରାଜଭବନରେ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।



# କଟକ ଜଳାଶୟକୁ ଜାଣିଶୁଣି ପୋତିଦିଆଯାଉଛି

କଟକ(ସଂପର୍କବାର୍ତ୍ତା):- ନିୟମ ମୁତାବକ, ୟେଲୋ ବା ହଳଦିଆ ଚିହ୍ନିତ ଜାଗାରେ ଘର ପାଇଁ ଅନୁମତି ଥିବାବେଳେ ରେଡ ଜୋନ୍ ଚିହ୍ନିତ ଅଂଚଳରେ ଘର ବା କୌଣସି ନିର୍ମାଣ ପାଇଁ ଅନୁମତି ନଥାଏ । ମାତ୍ର କଟକ ସହରରେ ଏବେ ସମସ୍ତ ରେଡ୍ ଜୋନ୍‌କୁ ଅବରୋଧ କରାଯାଇ ଘର ନିର୍ମାଣ କରାଯାଇଛି । ନଦୀକୂଳ, ପଠା, ପ୍ରାକୃତିକ ଜଳାଧାର, ଜଳାଶୟ ସବୁ ପୋତି ଦିଆଯାଇଛି । ରେଡ୍ ଜୋନ୍ ଅବରୋଧ ଯୋଗୁଁ କଟକରେ ଏବେ ବର୍ଷାଜଳ ନିଷ୍କାସନ ସମସ୍ୟା ବଢିବାରେ ଲାଗିଛି । ଏଥିସହିତ ସିଡିଏ ମ୍ୟାପ୍ ବାହାରେ ସହର ଉପକଣ୍ଠରେ ଥିବା ଚାଷ ଜମି ବା ଚକ ଜମିର କିସମ ପରିବର୍ତ୍ତନ କରାଯାଇ ସେଠାରେ ବି ଘର ଗଢି ଛଠୁଛି । ୪୨ ମୌଜା, କନ୍ଦରପୁର, ପାଗା ପର୍ଯ୍ୟନ୍ତ ଥିବା ଚାଷ ଜମି ଏବେ ବିଲଡରଙ୍କ ହାତକୁ ଚାଲିଯାଇଛି ।

ଫଳରେ, କଟକ ମହାନଗର ଅଂଚଳରେ ଓଡିଏ ଆକ୍ଟ (ଓଡିଶା ଡେଭଲପମେଣ୍ଟ ଆକ୍ଟ ୧୯୮୨)ର ପରିପାଳନ କରାଯାଉନଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି । କେବଳ ପରିପାଳନ କରାଯାଉନାହିଁ ଏହାର ଖୋଲାଖୋଲି ଉଲ୍ଲଂଘନ ମଧ୍ୟ କରାଯାଉଛି । ସିଡିଏ (କଟକ ଉନ୍ନୟନ କର୍ତ୍ତୃପକ୍ଷ) ଏହି ନିୟମର କାର୍ଯ୍ୟକାରିତାକୁ ଆଦୌ

**ପ୍ରଶାସନ ଆଖି କଣା !**

ଗୁରୁତ୍ୱ ଦେଉନାହାନ୍ତି । ସିଡିଏର ଟାଉନ ପ୍ଲାନିଂ ବିଭାଗ ଏ କ୍ଷେତ୍ରରେ ତାର ଦାୟିତ୍ୱ ଭୁଲିଯାଇଛି । ଟାଉନ୍ ପ୍ଲାନ୍‌ର ଓ ଚିଫ୍ ଆର୍କିଟେକ୍ଟଙ୍କ କାମ କେବଳ ପଦବିରେ ସୀମିତ ରହିଯାଇଛି । ସିଡିଏ ନିଜେ ଜାରି କରିଥିବା ମ୍ୟାପ୍ ଅନୁସାରେ ଘର ନିର୍ମାଣ ନହୋଇ ଏହାର ଉଲ୍ଲଂଘନ ହେଉଥିଲେ ବି ଏହର ତଦାରଖ କରିବାକୁ କେହି ପଦକ୍ଷେପ ନେଉନାହାନ୍ତି ।

ଅନ୍ୟପକ୍ଷରେ, ସିଡିଏ କେବଳ ଘର ନିର୍ମାଣ ପ୍ଲାନିଂ ଅନୁମତି ଦେବାରେ ନିଜ କାର୍ଯ୍ୟକୁ ସୀମିତ ରଖିଛି । ମହାନଦୀ ବିହାର, ବିଡାନାସୀ, ସିଡିଏ ଅଂଚଳରେ ବି ସମାନ ସ୍ଥିତି ଉପୁଜିଛି । ୪୨ମୌଜା, ଖାନନଗର, ନେତାଜୀ ନଗର, ପୋପରଡା, ସାର୍ଦ୍ଦୋଳ, ବିଦ୍ୟାଧରପୁର, ନୂଆବଜାର, ଜଗତପୁର, ଖଇରା, ନରାଜ ମୁଣ୍ଡଳୀ ଅଂଚଳରେ ନଦୀ ପଠା,ଜୋର, ନାଳ, ପୁଷ୍କରିଣୀକୁ ଅବରୋଧ ବା ପୋତି ଘର ନିର୍ମାଣ କରାଯାଇଛି । ସହରର ଜଳାଶୟ, ପୁଷ୍କରିଣୀ ଇତ୍ୟାଦିକୁ ପୋତି ଦିଆଯାଉଛି । ଏହା ପରିବେଶ ସନ୍ତୁଳନକୁ ନଷ୍ଟ କରୁଛି । ଏ ଦିଗରେ ତୁରନ୍ତ ପଦକ୍ଷେପ ନିଆନଗଲେ ଆଗକୁ କଟକରେ ଗୁରୁତର ସ୍ଥିତି ସୃଷ୍ଟି ହେବ ଯାହାକି ନିୟନ୍ତ୍ରଣ ବାହାରକୁ ଚାଲିଯିବ ବୋଲି ମତ ପ୍ରକାଶ ପାଇଛି ।



RNI Regd No : ODIODI/2016/74122

ସତ୍ୟ ଓ ତଥ୍ୟ ଭିତ୍ତିକ ସମ୍ବାଦ

# ସଂପର୍କବାର୍ତ୍ତା

SAMPARK BARTA

ODIA WEEKLY

www.samparkabarta.in

ପୃଷ୍ଠା ୮

| ADVERTISEMENT TARIFF | Colour | B & W |
|---|---|---|
| Full Page | 40,000/- | 20,000/- |
| Half Page | 20,000/- | 10,000/- |
| Qrt. Page | 10,000/- | |
| Front Page | 100% Extra | |
| Back Page | 50% Extra | |
| Ear Panel | 3,000/- | |

Vol.6 Issue-08 August 01 to 07, 2022, Jagatsinghpur Page-8 Rs. 5/- ବର୍ଷ- ୬ ସଂଖ୍ୟା-୦୮ ଅଗଷ୍ଟ ୧ ରୁ ୭, ୨୦୨୨, ଜଗତସିଂହପୁର, ପୃଷ୍ଠା-୮ ମୂଲ୍ୟ-୫ଟଙ୍କା


# ଦେବଗଡ ଜିଲ୍ଲାପାଳଙ୍କୁ ରାଜ୍ୟରେ ପ୍ରଶଂସା

**ଦେବଗଡ(ସଂପର୍କବାର୍ତ୍ତା):-** ଦେବଗଡ ଜିଲାର ନୂତନ ଜିଲ୍ଲାପାଳ ଭାବେ ଆଇ.ଏ.ଏସ୍. ଅଫିସର ସୋମେଶ କୁମାର ଉପାଧ୍ୟାୟ ଦାୟିତ୍ୱ ଗ୍ରହଣ କରିବା ପରେ ବିଭିନ୍ନ ଅଂଚଳ ଗସ୍ତ କରିବାସହ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ବୁଲି ଦେଖୁଛନ୍ତି । ବିଶେଷ ଭାବେ ଗରିବ ବୃଦ୍ଧ ବୃଦ୍ଧା ବିଧବା ଏବଂ ଭିନ୍ନକ୍ଷମମାନଙ୍କର ପାଇଁ ଉଦ୍ଦିଷ୍ଟ ଭତ୍ତା ଏବଂ ସହାୟତା ପ୍ରଦାନ ଉପରେ ଗୁରୁତ୍ୱାରୋପ କରୁଥିବା ଦେଖିବାକୁ ମିଳୁଛି ଏକ୍ଷେତ୍ରରେ କୌଣସି ଅନିୟମିତତା ଦେଖାଦେଲେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିବା କରି ଦୁର୍ନୀତିଗ୍ରସ୍ତଙ୍କୁ ଦୁର୍ନୀତ ନକରିବାକୁ ପରୋକ୍ଷରେ ଏକ ପ୍ରକାର ଚେତାବନୀ ଦେଇଛନ୍ତି କହିଲେ ଏପରିକି ଉଚ୍ଚସ୍ତରୀୟ ଅଧିକାରୀ ମାନଙ୍କୁ ମଧ ଚେତାବନୀ ଦେଇସାରିଛନ୍ତି। ପରିସ୍ଥିତିରେ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କ ଗସ୍ତ କାର୍ଯ୍ୟକ୍ରମ ଚୁଡାନ୍ତ ହେଲେ କାର୍ଯ୍ୟାନୁଷ୍ଠାନରୁ ବର୍ତ୍ତିବା ପାଇଁ ବିଭିନ୍ନ ବାହାନା ଏବଂ ଛଳନାର ମଧ ସାହାରା ନିଆଯାଉଛି। ଏହି କ୍ରମରେ ଆସନ୍ତା କାଲି ୨୭ ଜିଲ୍ଲାପାଳ ଶ୍ରୀ ଉପାଧ୍ୟାୟଙ୍କ ବାରକୋଟ ବ୍ଲକ ଗସ୍ତ କାର୍ଯ୍ୟକ୍ରମ ରହିଥିବା ବେଳେ ସେ କେଉଠିକି ଗଲେ ଖୁସି ହେବେ ଓ ଭୁଲ ତୃଟି ଏବଂ ନିଜର ଦୋଷ ଦୁର୍ବଳତା ଧରାପଡିବେ ନାହିଁ ସେଥିରେ ନେଇ ଇତିମଧ୍ୟରେ ଯୋଜନା ଏବଂ ବ୍ଲୁ ପ୍ରିଂଟ ପ୍ରସ୍ତୁତ ହୋଇଥିବା ଜଣାପଡିଛି । ଏହିଁ ଯୋଜନା ଅନୁଯାୟୀ ଆଜି ଜିଲାପଳ ଶ୍ରୀ ଉପାଧ୍ୟାୟଙ୍କୁ ବାରକୋଟ ବ୍ଲକର ଅନୁନ୍ନତ ଦିମ ଜନଜାତି ପାଉଡିଭୁୟାଁ ଅଧ୍ୟୁଷିତ ସରୁଆଳି ଗ୍ରାମ ପଂଚାୟତର କଦଳୀରେ ଡିହି ସମେତ ସରୁାଳି ଏବଂ ଗୁରୁସଙ୍ଗ ଗ୍ରାମ ପଂଚୟତର



ବିଭିନ୍ନ ଅଂଚଳ ପରିଦର୍ଶନ ପାଇଁ ନିଆଯିବାକୁ କ୍ଷେତ୍ର ପ୍ରସ୍ତୁତ କରାଯାଇଛି ସେହିପରି ମନରେଖା ଯୋଜନାରେ ନିର୍ମାଣାଧିନ କାର୍ଯ୍ୟରେ ଯେମିତି ଶ୍ରମିକ ମାନେ ଉପସ୍ଥିତ ଥିବେ ତାହା ଉପରେ ବେଶ ଗୁରୁତ୍ୱରୋପ କରାଯାଇଛି । ଜିଲାପାଳଙ୍କ ଗସ୍ତ ସମୟରେ ଯେଭଳି ଗ୍ରାମସାଥୀ ବା ମେଟ ଉପସ୍ଥିତ ରୁହନ୍ତି ସେଥିପ୍ରତି ଧ୍ୟାନ ଦେବାକୁ ବାରକୋଟ ବ୍ଲକର ଏପିଓ ସଧାନା ରାଉତ ପଂଚୟତ ସ୍ତରୀୟ ଅଧିକାରୀ । କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଗୁରୁତ୍ୱପୂର୍ଣ୍ଣ ବିଷୟ ଏହା ଯେ , ଜିଲାପାଳଙ୍କ ଗସ୍ତ ସମୟରେ ନିର୍ମାଣ ସ୍ଥଳୀରେ ଯଦି ଗ୍ରାମସାଥୀ ବା ମେଟ ନ ରହିପାରିନ୍ତି ତେବେ ନକଲି ଗ୍ରାମସାଥୀ ବା ମେଟ ଯୋଗାଡ କରି ତାଙ୍କ ସ୍ଥାନରେ ଠିଆ କରିବାକୁ ମଧ ପଂଚାୟତ ସ୍ତରୀୟ ଅଧିରକାରୀ ଓ କର୍ମଚାରୀଙ୍କୁ ଏପିଓ ମ୍ୟାଡମ ନିର୍ଦ୍ଦେଶ ଜାରୀ କରିଛନ୍ତି। ସେହି ପରି ବାରକୋଟ ବ୍ଲକରେ ଜଣେ ନିର୍ଦ୍ଦିଷ୍ଟ କନିଷ୍ଟ ଯନ୍ତ୍ରୀ ଓ ଜଣେ ଧନଶାଳି ଅସ୍ଥାୟୀ ଡାଟା ଏଂଟ୍ରି ଅପରେଟର ଏହି ଯୋଜନା ପ୍ରସ୍ତୁତିରେ ସାମିଲ ଥିବା ଜଣାପଡିଛି। ଯାହାରକି ଏକ୍ସକ୍ଲୁସିଭ ଅଡିଓ କ୍ଲିପ କେବଳ ସମାଜ ହାତରେ ଲାଗିଛି । ମୋଟାମୋଟି ଭାବେ କହିବାକୁ ଗଲେ ଆସନ୍ତା କାଲି ଜିଲ୍ଲାପାଳଙ୍କ ଗସ୍ତ ସମୟରେ ତାଙ୍କୁ ଭକୁଆ ବନାଇବାର ଷଡଯନ୍ତ୍ର ତଥା ବୃଥା ଅପଚେଷ୍ଟା କରାଯାଉଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ବାରକୋଟ ବ୍ଲକର ଏପିଓ ଏବଂ ସହ ଯୋଗୀ ମାନେ ଜିଲାପାଳ ଭଳି ପଦବୀରେ ଥିବା ଜଣେ ଦକ୍ଷ ଆଇଏସଏମ୍ ଅଫିସରଙ୍କୁ ଭକୁଆ ବନାଇବାରେ କେତେଦୂର ସଫଳ ହେଉଛନ୍ତି ତାହା ଦେଖିବାକୁ ବାକି ରହିଲା

## କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ବୈଠକ ୩ରେ

**ଭୁବନେଶ୍ୱର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି):-** ଅଗଷ୍ଟ ୩ ତାରିଖରେ ରାଜ୍ୟରେ ପ୍ରକାଶ ପାଉଥିବା ବିଭିନ୍ନ ଅଞ୍ଚଳର କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରର ସମ୍ପାଦକ ଓ ପ୍ରକାଶକଙ୍କ ବୈଠକ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଏହି ବୈଠକ ଭୁବନେଶ୍ୱରସ୍ଥିତ ଜୟଦେବ ଭବନଠାରେ ସକାଳ ୧୦.୩୦ ସମୟରେ ଅନୁଷ୍ଠିତ ହେବ ବୋଲି ଆବାହକ ରବି ରଥ "ସଂପର୍କବାର୍ତ୍ତା" କାର୍ଯ୍ୟାଳୟକୁ ପତ୍ରଯୋଗେ ସୂଚନା ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ସବୁବର୍ଗର ଲୋକଙ୍କୁ ସହାୟତା ପ୍ରଦାନ କରୁଥିବା ବେଳେ କ୍ଷୁଦ୍ର ଓ ମଧ୍ୟମ ସମ୍ବାଦପତ୍ରମାନେ ଏ କ୍ଷେତ୍ରରେ ବଞ୍ଚିତ ହେଉଛନ୍ତି ବୋଲି ଆବାହକ ଶ୍ରୀ ରଥ ଅନୁଭବ କରି ଜରୁରୀକାଳୀନ ଏହି ବୈଠକ ଆହ୍ୱାନ କରିଥିବା କୁହାଯାଉଛି। ଏପରିକି ସମ୍ପାଦକମାନଙ୍କୁ ମଧ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇନାହିଁ। ସରକାରୀ ଅନୁମୋଦନ ପାଇଁ ବହୁ ସମ୍ବାଦପତ୍ରର ସମ୍ପାଦକ ନିବେଦନ କରିଥିଲେ ମଧ ସରକାରଙ୍କ କାଳକ୍ଷୀପଣ ନୀତି ଯୋଗୁଁ ଅଦ୍ୟାବଧି ସେ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଏ ସମସ୍ତ ସମସ୍ୟା ବିଷୟରେ ଆଲୋଚନା କରାଯିବା ଲାଗି ସମସ୍ତ ସମ୍ପାଦକ ଓ ପ୍ରକାଶକମାନଙ୍କୁ ବୈଠକରେ ଉପସ୍ଥିତ ରହିବା ଲାଗି ଶ୍ରୀ ରଥ ଅନୁରୋଧ କରିଛନ୍ତି । ବୈଠକ ଶେଷରେ ମଧାହ୍ନ ଭୋଜନର ବ୍ୟବସ୍ଥା ଥିବାର ଆବାହକ ଶ୍ରୀ ରଥ ସୂଚନା ମଧ ଦେଇଛନ୍ତି ।

## ପ୍ରକୃତିଙ୍କ ୩ୟ ପ୍ରେମିକ ବାବୁସାନ୍




**ଭୁବନେଶ୍ୱର(ପରମେଶ୍ୱର ଦାଶ):-** ଏବେ ବାବୁସାନ୍ ମହାନ୍ତିଙ୍କୁ ଚୋରା ପିରତି କରି ଭଲ ପାଉଥିବା ପ୍ରକୃତି ମିଶ୍ରଙ୍କ ନାଁରେ ଉଠୁଥିବା ପ୍ରଶ୍ନକୁ ନେଇ ଏବେ ସବୁଆଡେ ଚର୍ଚ୍ଚା। ତେବେ ପ୍ରକୃତି ମିଶ୍ରଙ୍କର କେତେଜଣ ବୟଫ୍ରେଣ୍ଡ୍ ଥିଲେ ଆପଣମାନେ ଜାଣିଛନ୍ତି କି ? ମାନେ ପ୍ରକୃତି ମିଶ୍ର କାହା କାହାକୁ ଭଲ ପାଇସାରିଛନ୍ତି। ପ୍ରଥମେ କାଳେ ସିଏ ଭଲ ପାଉଥିଲେ ଅରିନ୍ଦମ ରାୟଙ୍କୁ ଏବଂ ଅରିନ୍ଦମ ରାୟଙ୍କର ଏକ ଫଟୋ ସେ ଯୋଡି ଟୟଲେଟ୍‌ରେ ଭସ୍କ କରିଦେଇଥିବାର ଦେଖିବାକୁ ମିଳିଥିଲା ଏବଂ ଯାହାକି ସେହି ଭିଡିଓଟି ସୋସିଆଲ୍ ମିଡିଆରେ ବହୁ ମାତ୍ରାରେ ଭାଇରାଲ୍ ହୋଇଥିଲା। ତେବେ ଅରିନ୍ଦମ ରାୟଙ୍କୁ ଭଲ ପାଉଥିବାର ଚର୍ଚ୍ଚା ମଧ ଉଠିଥିଲା। କିନ୍ତୁ ଏହା ପରେ ପରେ ପ୍ରକୃତି ମିଶ୍ର ଏହାକୁ ଟାଳି ଦେଇଥିଲେ ଏବଂ କହିଥିଲେ ଯେ ସେ ବହୁତ ବଡ ମୋ ଠାରୁ। ଏବଂ ମୁଁ ତାଙ୍କୁ କେବେ ହେଲେ ଭଲ ପାଇପାରିବି ନାହିଁ ଏବଂ ଅରିନ୍ଦମ୍ ଏହାକୁ ନେଇ କିଛି ପ୍ରତିକ୍ରିୟା ରଖିନଥିବା ବେଳେ ଦୁଇଜଣଙ୍କର ପବ୍ଲିକ୍ ସାମ୍ନାରେ ଗଣ୍ଡଗୋଳ ହୋଇଥିବାର ମଧ ଶୁଣିବାକୁ ମିଳିଥିଲା।

ତା ପରେ ପ୍ରକୃତି ମିଶ୍ର ରହିଥିଲେ ବମ୍ବେରେ ଏବଂ ବମ୍ବେରେ ସେ ରାତୁଲଙ୍କ ଏକ ଧାରାବାହିକରେ କାମ କରୁଥିଲେ। ପ୍ରକୃତି ମିଶ୍ର ଧାରାବାହିକରେ କାମ କରିବା ସମୟରେ ଦୁହେଁ ଦୁହିଁକୁ ଭଲ ପାଉଥିଲେ ବୋଲି ସୂଚନା ମିଳୁଛି ଏବଂ ଦୁଇଜଣ ଅତି କ୍ଲୋଜ୍ ମଧ ହୋଇଥିଲେ। ଗୋଟିଏ ଆପାର୍ଟମେଣ୍ଟ୍‌ରେ ଦୁଇଜଣଙ୍କୁ ଦେଖିବା ପାଇଁ ମିଳୁଥିଲା। ତେବେ ରାତୁଲଙ୍କ ଫଟୋ ଏବେ ସୋସିଆଲ୍ ମିଡିଆରେ ଡିଲିଟ୍ କରିଦେଇଛନ୍ତି। ପ୍ରକୃତି ମିଶ୍ର ଆଉ ରାତୁଲଙ୍କୁ ଦେଖିବାକୁ ମିଳୁନାହିଁ। ଏବେ ଏବେ ଶୁଣିବାକୁ ମିଳୁଛି ଯାହାକି ବାବୁସାନ୍ ମହାନ୍ତିଙ୍କ ସହିତ ରିଲେସନ୍‌ରେ କାଳେ ରହିଛନ୍ତି ପ୍ରକୃତି ମିଶ୍ର। ବାବୁସାନ୍ ବିବାହିତ ଏବଂ ତାଙ୍କର ଗୋଟିଏ ପୁଅ ମଧ ଅଛି। ପ୍ରକୃତି ମିଶ୍ର ତାଙ୍କ ସହିତ ରିଲେସନ୍‌ରେ ଥିବା କଥା ସୋସିଆଲ୍ ମିଡିଆରେ ବେସ୍ ଚର୍ଚ୍ଚା ହୋଇଥିଲା ଏବଂ ପ୍ରକୃତି ମିଶ୍ରଙ୍କୁ ବାବୁସାନ୍‌ଙ୍କ ସ୍ତ୍ରୀ ତୃପ୍ତୀ ଗୋଡେଇ ଗୋଡେଇ ମାରିଥିବାର ମଧ ଭିଡିଓ ଭାଇରାଲ୍ ହୋଇଥିଲା। ତେବେ ଏହାକୁ ନେଇ ପ୍ରଶ୍ନ ଉଠୁଛି ପ୍ରକୃତି ଆଉ କେତେ ଜଣଙ୍କୁ ଭଲ ପାଇବେ ଏବଂ ଆଉ କେତେଜଣଙ୍କ ସହିତ ଧୋକା କରିବେ। ତେବେ ପ୍ରକୃତି ମିଶ୍ର ଏବଂ ବାବୁସାନ୍ ମହାନ୍ତିଙ୍କ ସମ୍ପର୍କକୁ ନେଇ ସୋସିଆଲ୍ ମିଡିଆରେ ଏବେ ବେସ୍ ଚର୍ଚ୍ଚା।

## ସୁପ୍ରିମ୍‌କୋର୍ଟଙ୍କ ରାୟ..

# ବଳାତ୍କାର–ହତ୍ୟା ମାମଲାରେ ଦଣ୍ଡାଦେଶ ହେବ ନାହିଁ କୋହଳ

**ନୂଆଦିଲ୍ଲୀ(ସଂପର୍କବାର୍ତ୍ତା):-** ଚାରି ବର୍ଷର ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ଜଣେ ଅଭିଯୁକ୍ତଙ୍କ ମୃତ୍ୟୁଦଣ୍ଡକୁ କୋହଳ କରିବା ଆବେଦନକୁ ସୁପ୍ରିମକୋର୍ଟ ଖାରଜ କରିଦେଇଛନ୍ତି। ଅଦାଲତ କହିଛନ୍ତି ଯେ ପ୍ରାସଙ୍ଗିକ କାରଣଗୁଡିକୁ ଧ୍ୟାନରେ ରଖି ମୃତ୍ୟୁଦଣ୍ଡକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନିଆଇଯାଇଥିଲା ଜଷ୍ଟିସ ୟୁୟୁ



ଲଳିତ, ଜଷ୍ଟିସ ଏସ ରବିନ୍ଦ୍ର ଭଟ ଏବଂ ଜଷ୍ଟିସ ବେଲା ଏମ ତ୍ରିବେଦୀଙ୍କ ନେତୃତ୍ୱରେ ଗଠିତ ଏକ ଖଣ୍ଡପୀଠ ଭାରତୀ ସ୍ତ୍ରୀ ଶକ୍ତି ନାମକ ଏକ ସଂସ୍ଥା ଦ୍ୱାରା ଦାଖଲ ହୋଇଥିବା ପୁନର୍ବିଚାର ଆବେଦନକୁ ଗ୍ରହଣ କରିବାକୁ ମନା କରି ଦେଇଛନ୍ତି । ଟ୍ରାଏଲ କୋର୍ଟ ଅଭିଯୁକ୍ତ ଫିରୋଜଙ୍କୁ ମୃତ୍ୟୁ ଦଣ୍ଡ ଦେଇଥିଲେ । ଫିରୋଜଙ୍କ ଖାରଜ କରିଦେଇଥିଲେ ଏବଂ ମୃତ୍ୟୁଦଣ୍ଡକୁ କାଏମ୍ ରଖାଯାଇଥିଲ। ହାଇକୋର୍ଟଙ୍କ ବିରୋଧରେ ଦାଖଲ ହୋଇଥିବା ଆବେଦନ ଉପରେ ସୁପ୍ରିମକୋର୍ଟ ଫିରୋଜଙ୍କ ଦୋଷକୁ କାଏମ୍ ରଖିଥିଲେ ମୃତ୍ୟୁ ଦଣ୍ଡକୁ କୋହଳ କରି ଆଜୀବନ କାରାଦଣ୍ଡରେ ପରିବର୍ତ୍ତନ କରିଥିଲେ। ଏହା ପରେ ସୁପ୍ରିମକୋର୍ଟ କହିଥିଲେ , ଓସ୍କାର ଓାଇଲ୍ଡ ଯାହା କହିଛନ୍ତି ତାହା ଆମକୁ ସ୍ମରଣ ରଖିଛୁ ସେ କହିଥିଲେ ଜଣେ ସାଧୁ ଏବଂ ପାପୀ ମଧ୍ୟରେ ଏକ ମାତ୍ର ପାର୍ଥକ୍ୟ ହେଉଛି ପ୍ରତ୍ୟେକ ସାଧୁଙ୍କର ଅତୀତ ରହିଥାଏ ଓ ପ୍ରତ୍ୟେକ ପାପୀଙ୍କର ଭବିଷ୍ୟତ ରହିଥାଏ ।

## ଜଗତସିଂହପୁର ଜିଲ୍ଲାରୁ ଜନ୍ମ ନେଲା

# "ସିନିୟର ଜର୍ଣ୍ଣାଲିଷ୍ଟ ଆସୋସିଏସନ୍" ଓଡ଼ିଶା

**ଜଗତସିଂହପୁର(ରାମଚନ୍ଦ୍ର ମହାନ୍ତି, ରାଜ୍ୟ ପ୍ରତିନିଧି)**

ଆଜି(୩୧ ତାରିଖ) ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ୍‌ରେ ସିନିୟର ଜର୍ଣ୍ଣାଲିଷ୍ଟ ଆସୋସିଏସନ୍ ଓଡ଼ିଶାର ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗ ସ୍ଥିତ ନ୍ୟାସ୍‌ନାଲ୍ ପବ୍ଲିକ୍ ସ୍କୁଲ୍ ପରିସରରେ ଆୟୋଜିତ ଏହି ବୈଠକରେ ସିନିୟର ଜର୍ଣ୍ଣାଲିଷ୍ଟ ଆସୋସିଏସନ୍‌ର ସଭାପତି କାହ୍ନୁ ନନ୍ଦ, ଉପସଭାପତି ପ୍ରଦୀପ ଚୌଧୁରୀ, ସମ୍ପାଦକ ଆଶୁତୋଷ ବେହେରାଙ୍କ ସମେତ କର୍ମକର୍ତ୍ତା ଓ ସଦସ୍ୟାମାନେ ଯୋଗଦେଇଥିଲେ। ଏହି ଆସୋସିଏସନ୍‌ର ପଞ୍ଜିକରଣ ପରେ ଏହା ପ୍ରଥମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାମିଲ୍ ହେଉଥିବା ସାମ୍ବାଦିକମାନଙ୍କ ବୟସ ୫୦ ବର୍ଷରୁ ଊର୍ଦ୍ଧ୍ୱ ଓ ଅନ୍ୟୁନ ୧୫ ବର୍ଷର ସାମ୍ବାଦିକତା ଅଭିଜ୍ଞତା ଥିବା




ଆବଶ୍ୟକ। ଜଗତସିଂହପୁର ଓ ପଡୋଶୀ ପାଞ୍ଚଟି ଜିଲ୍ଲାର ବରିଷ୍ଠ ସାମ୍ବାଦିକମାନେ ସାମିଲ୍ ହୋଇଥିବା ବେଳେ ଆଗାମୀ ଦିନରେ ରାଜ୍ୟର ସମସ୍ତ ଜିଲ୍ଲାର ବରିଷ୍ଠ ସାମ୍ବାଦିକମାନେ ସାମିଲ୍ ହେବେ ବୋଲି ନିଷ୍ପତ୍ତି ହୋଇଛି। ବୟସ ଅପରାହ୍ନରେ ପହଞ୍ଚିଥିବା ସାମ୍ବାଦିକମାନେ ରାଜ୍ୟର ବିଭିନ୍ନ ଛାପା ଓ ବୈଦ୍ୟୁତିକ ଗଣମାଧ୍ୟମରେ କାର୍ଯ୍ୟ କରୁଥିବା ବେଳେ ଏମାନଙ୍କ ପେନ୍‌ସନ୍ ଓ ସାମାଜିକ ସୁରକ୍ଷା ସହ ସାମ୍ବାଦିକମାନଙ୍କ କଲ୍ୟାଣ ପାଇଁ ସିନିୟର୍ ଜର୍ଣ୍ଣାଲିଷ୍ଟ ଆସୋସିଏସନ୍, ଓଡ଼ିଶା କାର୍ଯ୍ୟ କରିବ ବୋଲି କୁହାଯାଇଛି। ବୟସରେ ଅପରାହ୍ନରେ ପହଞ୍ଚି ଅବସର ଗ୍ରହଣ କରୁଥିବା ସାମ୍ବାଦିକଙ୍କ ପାଇଁ ଅନ୍ୟ ରାଜ୍ୟରେ ସରକାର ପେନ୍‌ସନ୍ ଯୋଜନା ଓ ସୁରକ୍ଷା ପାଇଁ ଯୋଜନା କାର୍ଯ୍ୟକାରୀ କରିଥିବା ବେଳେ ଓଡ଼ିଶା ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଂଘ ସରକାରଙ୍କ ନିକଟରେ ଖୁବ୍ ଶୀଘ୍ର ଜଣାଇବ ବୋଲି ଆଜିର ଏହି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାର ବରିଷ୍ଠ ସାମ୍ବାଦିକମାନେ ସାମିଲ୍ ହୋଇ ନିଜର ଦାବି ଜଣାଇବାକୁ ଆଗେଇ ଆସିବାକୁ ଆହ୍ୱାନ ଦିଆଯାଇଛି।

## ଏବେ ମନେ ପଡିଲା, ଆଗରୁ ଶୋଇଥିଲେ

# ବିନା ଲାଇସେନ୍ସରେ ଚାଲିବନି ବ୍ୟବସାୟ

**କଟକ(ସଂପର୍କବାର୍ତ୍ତା):-** ଏଣିକି ସହରରେ ଥିବା ବ୍ୟବସାୟିକ ପ୍ରତିଷ୍ଠାନଗୁଡିକ ବିନା ଲାଇସେନ୍ସରେ ଚାଲିପାରିବ ନାହିଁ। ବ୍ୟବସାୟ କରିବାକୁ ହେଲେ ସେମାନଙ୍କୁ ଟ୍ରେଡ ଲାଇସେନ୍ସ ନେବାକୁ ପଡିବ । ଯେଉଁ ବ୍ୟବସାୟୀମାନେ ଫି ଦେଉନାହାନ୍ତି, ସେମାନଙ୍କ ଦୋକାନଗୁଡିକୁ ବନ୍ଦ କରିଦିଆଯିବ । ଏଥିପାଇଁ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯିବ । ୫୯ଟି ୱାର୍ଡରେ କେତୋଟି ଦୋକାନ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନ ରହିଛି ତାହାର ସମସ୍ତ ଡାଟାବେସ ତିଆରି ହେବ । ଏଥିରେ ବ୍ୟବସାୟୀଙ୍କ ନାମ ସହ ଆଧାର ନମ୍ବର ଏବଂ ମୋବାଇଲ ନମ୍ବରକୁ ସଂଗ୍ରହ କରାଯିବ । ସେମାନେ କେଉଁ ପ୍ରକାର ବ୍ୟବସାୟ କରୁଛନ୍ତି ଏବଂ କେଉଁ ସ୍ଥାନରେ ଦୋକାନ ରହିଛି ତାହାର ମଧ ତଥ୍ୟ ସଂଗ୍ରହ କରାଯିବ। ସେମାନଙ୍କ ୟୁଜର୍ସ ଫି ବାବଦକୁ କେତେ ଟଙ୍କା ବାକି ରହିଛି ଏବଂ କେବେ ସୁଦ୍ଧା ଏହାକୁ ପୈଠ କରିବେ ତାହାର ସମସ୍ତ ତଥ୍ୟ ଏହି ଡାଟାବେସରେ ରହିବ। ସହରରେ ସମସ୍ତ ୟୁଜର୍ସ ଫି ଏବଂ ଯିକସ ଆଦାୟ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି)ଙ୍କୁ ନିୟୋଜିତ କରାଯିବାକୁ ସିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି । କଟକ ସହରର ବିନ୍ନ ସ୍ଥାନରେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ଓ ବେଆଇନ ଭାବେ ବହୁ କଲ୍ୟାଣ ମଣ୍ଡପ ନିର୍ମାଣ କରାଯାଇଛି । ମାତ୍ର ୩୬ଟି କଲ୍ୟାଣ ମଣ୍ଡପ ୟୁଜର୍ସ ଫି ଦେଉଥିବା ଜଣାପଡିଛି । ସେମାନେ ସିଏମ୍‌ସିର ବିନା ଅନୁମତିରେ ମଧ ଏହା ଚଳାଉଛନ୍ତି । ସେହିଭଳି କିଛି କଲ୍ୟାଣମଣ୍ଡପ ପ୍ରତିଦିନ ଏକ ଲକ୍ଷରୁ ୨ ଲକ୍ଷ ଟଙ୍କା ରୋଜଗାର କରୁଥିଲେ ମଧ ୟୁଜର୍ସ ଫି ମାଲିକମାନେ ଦେଉନାହାନ୍ତି । ବହୁ ଦୋକାନ ଘର ଭଡା ଲାଗିଥିଲେ ବି ଟଙ୍କା ବକେୟା ପଡିଛି । ସେମାନଙ୍କ ନିକଟରୁ କିପରି ଫି ଆଦାୟ କରାଯିବ ସେଥିପ୍ରତି ସିଏମ୍‌ସି ପକ୍ଷରୁ ଗୁରୁତ୍ୱ ଦିଆଯାଇଛି । ପ୍ରଥମେ ସିଡିଏ ଅଂଚଳରୁ ବିଭିନ୍ନ ଦୋକାନ ଏବଂ ସପିଂ ମଲ ଉପରେ ଚଢଉ କରିବାକୁ ଯୋଜନା ହୋଇଛି । ବକେୟା ଫି ଏବଂ ବେଆଇନ ଭାବେ ଗଢି ଉଠିଥିବା ଦୋକାନ ଓ ମଣ୍ଡପଗୁଡିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସ୍ଥିର ହୋଇଛି । ଯଦି ଆଗାମୀ ଦିନରେ ସିଏମ୍‌ସି ରାଜସ୍ୱ ବୃଦ୍ଧି ନକରେ ତେବେ ସରକାରୀ ଅନୁଦାନ ଉପରେ ଏହାର ପ୍ରଭାବ ପଡିବାର ସମ୍ଭାବନା ଥିବାରୁ ରାଜସ୍ୱ ବୃଦ୍ଧି ନିମନ୍ତେ ସିଏମ୍‌ସି ମେୟର ସୁବାସ ସିଂହ ଓ କମିସନର ନିଖିଳ ପବନ କଲ୍ୟାଣ ଗୁରୁତ୍ୱ ଦେଇଛନ୍ତି । ସ୍ଥାନୀୟ ଚୌଧୁରୀବଜାରସ୍ଥିତ ସିଏମ୍‌ସି ବିଜୁଭବନରେ ମେୟର ଶ୍ରୀ ସିଂହଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଏ ବିଷୟରେ ଆଲୋଚନା ହୋଇଥିଲା। ଏଥିରେ କମିସନରଙ୍କ ସମେତ ଲାଇସେନ୍ସ ଏବଂ ଯିକସ ଦାୟିତ୍ୱରେ ଥିବା ଡେପୁଟି କମିସନର ଅମୀୟ ପଣ୍ଡା, ଡେପୁଟି ମେୟର ଦମୟନ୍ତୀ ମାଝିଁ, ଲାଇସେନ୍ସ କମିଟି ଅଧ୍ୟକ୍ଷା ଏ ଶ୍ରୀଦେବୀ ଯୋଗଦେଇଥିବାବେଳେ ଉପରୋକ୍ତ ନିଷ୍ପତ୍ତିଗୁଡିକ ନିଆଯାଇଛି ।


ଯୋଗାଯୋଗ ପ୍ରତିନିଧି- ରାଜ୍ୟ ପ୍ରତିନିଧି-୯୪୩୭୦୨୩୩୮୦(ରାମଚନ୍ଦ୍ର ମହାନ୍ତି), ଭୁବନେଶ୍ୱର-୮୬୩୭୨୨୪୧୮୯(ପରମେଶ୍ୱର ଦାଶ), କଟକ-୯୪୩୭୬୨୮୪୩୯(ତପନ ମହାନ୍ତି), ଜଗତସିଂହପୁର-୯୭୭୭୪୩୧୯୫୯(ଅକ୍ଷୟ କୁମାର ବେହେରା), ଜଗତସିଂହପୁର ବ୍ଲକ/ମ୍ୟୁନିସିପାଲିଟି-୯୩୩୭୦୯୨୮୧୭(ପବିତ୍ର କୁମାର ଦାଶ)



**ବି.ଦ୍ର- ସମ୍ବାଦ ପରିବେଷଣ କରୁଥିବା ସାମ୍ବାଦିକ ପ୍ରକାଶିତ ସମ୍ବାଦ ପାଇଁ ଉତ୍ତରଦାୟୀ ରହିବେ । ପ୍ରକାଶକ ଓ ସମ୍ପାଦକ ନୁହଁନ୍ତି ।**

**All disputes relating to any news item published shall be subject to the Jurisdiction of Jagatsinghpur court/s.**

ପ୍ରକାଶିତ ସମ୍ବାଦ ବାବଦରେ ଯେକୌଣସି ବିବାଦ ସମ୍ବନ୍ଧୀୟ ମାମଲା କେବଳ ଜଗତସିଂହପୁରସ୍ଥିତ ଅଦାଲତରେ କରାଯାଇ ପାରିବ ।



Printed , Published & owned by Rama Chandra Mohanty Printed at Mayur Offset Printers, Plot No. D-1/1, Sector-A, Zone-D, Mancheswar Industrial Estate, Bhubaneswar-751010, Dist-Khurda (Odisha) and Published at Panisalia, Jagatsinghpur, Odisha, City Office : AT- SANJUKTA BHAWAN, PLOT NO. 48/992 , MAHATAB ROAD, OLD TOWN, BHUBANESWAR-751002, ODISHA

ସଂପାଦକ : ରାମଚନ୍ଦ୍ର ମହାନ୍ତି

● Editor : Rama Chandra Mohanty

Mob- 9437023380, 7978875473 Email : samparkabarta1@gmail.com

News Editor: Akshaya Kumar Behera